

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୦୯ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 JANUARY 2025
Vol.No. 36 ■ No.09 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ପ୍ରବାସୀ ଭାରତୀୟଙ୍କ ମହାକୁମ୍ଭ ଆରମ୍ଭ

## ଆଜି ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ






ଭୁବନେଶ୍ୱର, ୮/୧(ନି.ପ୍ର) : ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହୋଇଛି ପ୍ରବାସୀ ଭାରତୀୟ ଦିବସ। ଏହି ୩ ଦିନିଆ ସମାରୋହକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଭାବେ ଉଦଘାଟନ କରିବାକୁ ଥିବା ବେଳେ ଜନତା ମୈଦାନରେ ଏକାଠି ହେବେ ୭୦ରୁ ଅଧିକ ଦେଶରୁ ଆସିଥିବା ପ୍ରାୟ ୪ ହଜାର ପ୍ରବାସୀ ଓ ବହୁ ଭିଭିଆଇପି ଅତିଥି। ଆଜି ପ୍ରଥମ ଦିନରେ ଯୁବ ପ୍ରବାସୀ ଭାରତୀୟ ଦିବସର ଶୁଭାରମ୍ଭ କରିଛନ୍ତି ୨ କେନ୍ଦ୍ରମନ୍ତ୍ରୀ ଏସ୍‌.ଜୟଶଙ୍କର ଓ ମନସୁଖ୍ ମାଣ୍ଡଭିୟ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ ଯେ ଭାରତ ସହ ପ୍ରବାସୀମାନଙ୍କର ସହଭାଗିତା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବ। ଏଥିସହିତ ୩ଞ- ଟ୍ରେଡ୍, ଟେକ୍ନୋଲୋଜି ଓ ଟୁରିଜମ୍ ?ରେ ସାମର୍ଥ୍ୟ ଯୋଗୁ ଓଡ଼ିଶା ପୁଞ୍ଜି ନିବେଶ ପାଇଁ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ। ସେହିପରି ମନସୁଖ୍ ମାଣ୍ଡଭିୟ ତାଙ୍କ ଭାଷଣରେ ଭାରତର ବିକାଶରେ ପ୍ରବାସୀଙ୍କ ଭାଗିଦାରୀ ବଢେଇବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି ଦେଶ ବିଦେଶରେ ଯୁବ ନେତୃତ୍ୱର ବିକାଶ ଏବଂ ଏକ ଲକ୍ଷ ଯୁବ ନେତୃତ୍ୱ ତିଆରି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆରେ ପ୍ରବସୀଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଥିଲେ, ପ୍ରବାସୀମାନେ ହେଉଛନ୍ତି ବିକଶିତ ଓଡ଼ିଶାର ବ୍ରାଣ୍ଡ ଆମ୍ବାସଡର। ଆମର ବିଶ୍ୱାସ ଯେ ଏହି ଅନୁଭୂତିକୁ ବିଶ୍ୱ ଦରବାରରେ ଆପଣ ମାନେ ପହଞ୍ଚାଇବେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଶାରେ ପୁଞ୍ଜି ନିବେଶ ସୁଯୋଗ ପ୍ରବାସୀ ଭାରତୀୟଙ୍କ

▶▶ପୃଷ୍ଠା ୭

# ପ୍ରଦୀପ ପାଣିଗ୍ରାହୀ ଦୋଷମୁକ୍ତ: ୫ ମାମଲାରୁ ନିର୍ଦ୍ଦୋଷରେ ଖଲାସ



ଭୁବନେଶ୍ୱର, ୮/୧(ନି.ପ୍ର) : ଟାଟା କମ୍ପାନୀରେ ଚାକିରି କରାଇ ଦେବା ନାଁରେ ଠକେଇ ମାମଲାରେ ଦୋଷମୁକ୍ତ ହୋଇଛନ୍ତି ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ। ଗତକାଲି ୨ଟି ଓ ଆଜି ୩ଟି- ଏହି ପରି ସମସ୍ତ ୫ଟି ମାମଲାରୁ ପ୍ରଦୀପଙ୍କୁ ଦୋଷମୁକ୍ତ କରିଛନ୍ତି ବ୍ରହ୍ମପୁର ଔଗରଉ ଗ୍ରାମାଞ୍ଚଳ। ଟାଟା କମ୍ପାନୀରେ ଚାକିରି କରାଇଦେବା ନାଁରେ ପ୍ରଦୀପ ଟଙ୍କା ନେଇଥିବା ଅଭିଯୋଗ କରି ୫ ଜଣ ଥାନାରେ ମାମଲା ଦାଏର କରିଥିଲେ। ଗୋଳନ୍ଥରା ଥାନାରେ ୪ଟି ଓ ବୈଦ୍ୟନାଥପୁର ଥାନାରେ ହୋଇଥିଲା ଗୋଟିଏ ମାମଲା। ୪ଟି ମାମଲାରେ ପ୍ରଦୀପ ପାଣିଗ୍ରାହୀ ଏକୁଟିଆ ମୁଦାଲା ଥିବା ବେଳେ ଅନ୍ୟ ମାମଲାରେ ଆକାଶ ପାଠକ ଓ ଅଭୟ ପାଠକ ବି ମୁଦାଲା ଥିଲେ। ମାତ୍ର ଗତ ୧୦ ତାରିଖରେ ୨ ଜଣ ଓ ପରେ ୧୮ ତାରିଖରେ ଆଉ ୩ ଜଣ ଏତଲକାରୀ ମାମଲାରୁ ଓହରିଥିଲେ। ବିଜେଡି ଓ ପ୍ରଶାସନର ଚାପ ଯୋଗୁଁ ଏଭଳି ଏତଲା ଦେଇଥିଲେ ବୋଲି ସେମାନେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରିଥିଲେ। ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଜେଲ ଯାଇଥିଲେ ପ୍ରଦୀପ ପାଣିଗ୍ରାହୀ । ମାତ୍ର ଏବେ ସେ ସବୁ ମାମଲାରୁ ଦୋଷମୁକ୍ତ ହୋଇଥିବାରୁ ବ୍ରହ୍ମପୁର କୋର୍ଟ ବାହାରେ ତାଙ୍କ ସମର୍ଥକ ବାଣ ଫୁଟାଇ, ମିଠା ବାଣ୍ଟି ସେଲିବ୍ରିଶନ କରିଥିଲେ। ପ୍ରଦୀପ ପାଣିଗ୍ରାହୀଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି, ପ୍ରମାଣ ଅଭାବନରୁ ସମସ୍ତ କେସ୍‌ରେ କୋର୍ଟ ପ୍ରଦୀପ ପାଣିଗ୍ରାହୀ, ଆକାଶ ପାଠକ ଓ ଅଭୟ ପାଠକଙ୍କୁ ଦୋଷମୁକ୍ତ କରିଛନ୍ତି । ସମସ୍ତ ଅଭିଯୋଗକାରୀ କୋର୍ଟକୁ ଆସି ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଅଭିଯୋଗ କରିବାକୁ ଚାହୁଁ ନ ଥିଲେ ବୋଲି କହିଥିଲେ। ଏଥିସହ ଆକାଶ ପାଠକ ଓ ଅଭୟ ପାଠକଙ୍କୁ ଚିହ୍ନି ନ ଥିବା କହିଥିଲେ। ବରଂ ଜଣେ ଆଇଜି ସ୍ତରର ବରିଷ୍ଠ ପୁଲିସ୍ ଅଧିକାରୀ ବହୁ ପୁଲିସ୍ ଧରି ଆସିଥିଲେ। ସେମାନେ ଭୟଭୀତ କରାଇ କିଛି କାଗଜରେ ଦସ୍ତଖତ କରାଇଥିଲେ ବୋଲି କହିଥିଲେ।

# ମାଲଦାହଠାରେ ୨୦ ଲକ୍ଷ ଟଙ୍କା ମୂଲ୍ୟର ନକଲି ଟଙ୍କା ଜବତ

ନୂଆଦିଲ୍ଲୀ, ୮/୧ : ମଙ୍ଗଳବାର ରାତିରେ ମାଲଦହ ଜିଲ୍ଲାର କାଳିଆଚକ ନମ୍ବର ୩ ବ୍ଲକର ବଷ୍ଣବନଗର ପୋଲିସ ଷ୍ଟେସନ ଅନ୍ତର୍ଗତ ଭାରତ-ବାଂଲାଦେଶ ସୀମାର କୁମ୍ଭିରା ପୋଲିସ ପୋଷ୍ଟ ଅଂଚଳରୁ ପୋଲିସ ୨୦ ଲକ୍ଷ ଟଙ୍କା ମୂଲ୍ୟର ନକଲି ନୋଟ ଜବତ କରିଛି। ଏଥିମଧ୍ୟରେ ୩୮ ଟି ବଣ୍ଡଲ୍ ନକଲି ୫୦୦ ଟଙ୍କା ଏବଂ ପାଂଚଟି ବଣ୍ଡଲ୍ ନକଲି ୨୦୦ ଟଙ୍କା ଅନ୍ତର୍ଭୁକ୍ତ । ଗୁପ୍ତ ସୂତ୍ରରୁ ସୂଚନା ପାଇବା ପରେ ମଙ୍ଗଳବାର ଦିନ ଜେଲରେ ଥିବା ରୁବେଲ ଶେଖଙ୍କ ଘର ନିକଟ ଖୋସଲପାଡାଠାରେ ସର୍ଚ୍ଚ ଅପରେସନ କରି ଏତେ ପରିମାଣର ନକଲି ଟଙ୍କା ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ରୁବେଲ ଶେଖ ସେହି ଅଂଚଳର ଜଣେ କୁଖ୍ୟାତ ଅପରାଧୀ। ଏତେ ପରିମାଣର ନକଲି ନୋଟ୍ ସଂଗ୍ରହ କରିବାର ଉଦ୍ଦେଶ୍ୟ କ'ଣ ବୋଲି ଅନୁସନ୍ଧାନକାରୀମାନେ ଅନୁସନ୍ଧାନ କରୁଛନ୍ତି। ମଙ୍ଗଳବାର ରାତିରେ କୁମ୍ଭିରା ଆଉଟପୋଷ୍ଟ ପୋଲିସ ରୁବେଲଙ୍କ ଘର ନିକଟରେ ନକଲି ନୋଟ୍ ସଂଗ୍ରହ କରିଥିବା ସୂଚନା ପାଇଥିଲା।

# ଶୀତ ସାଙ୍ଗକୁ କଲବଲ କରିବ କୁହୁଡି !

ଭୁବନେଶ୍ୱର, ୮/୧ (ନି.ପ୍ର): ଶୀତ ସାଙ୍ଗକୁ କଲବଲ କରିବ କୁହୁଡି ! ଆଗାମୀ ୩ ଦିନ ଯାଏଁ ରାଜ୍ୟର କେତେକ ଜିଲ୍ଲାରେ କୁହୁଡ଼ି ହୋଇପାରେ। ସେହି ସମୟରେ ଦୁର୍ଘଟଣାର ହେବାର ସମ୍ଭାବନା ରହିଛି। ଗୁରୁବାର କେନ୍ଦୁଝର, ଝାରସୁଗୁଡ଼ା, କଳାହାଣ୍ଡି, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡି ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଶୁକ୍ରବାର ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, ରାୟଗଡ଼ା ଓ ଝାରସୁଗୁଡ଼ାରେ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ଶନିବାର ଗଞ୍ଜାମ, ଗଜପତି, ରାୟଗନା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ କୁହୁଡିହେବାର ସମ୍ଭାବନା ରହିଛି।

# ବ୍ରାଉନ୍‌ସୁଗର ପାଇଁ ମର୍ଡର: ମହିଳା ମାଷ୍ଟରମାଇଣ୍ଡ ସମେତ ୩ ଗିରଫ



ଭୁବନେଶ୍ୱର, ୮/୧(ନି.ପ୍ର) : ଖୋଲିଲା ରାଜଧାନୀ ରାଜରାସ୍ତା ମର୍ଡର ମିଷ୍ଟ୍ରୀ। ବ୍ରାଉନ୍‌ସୁଗର ପାଇଁ ହୋଇଛି ମର୍ଡର। ପୁଲିସ୍ ଇନ୍‌ଫର୍ମର ଭାବି ସହଦେବ ନାୟକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ବୀଭତ୍ସ ହତ୍ୟାକାଣ୍ଡର ମହିଳା ମାଷ୍ଟରମାଇଣ୍ଡ ସମେତ ୨ ସୁପାରୀକିଲରଙ୍କୁ ନୟାଗଡ଼ରୁ ଗିରଫ କରିଛି ଭୁବନେଶ୍ୱର କମିସନ୍‌ରେଟ୍ ପୁଲିସ୍। ଭୁବନେଶ୍ୱର କେଦାରପଲ୍ଲୀ ବସ୍ତିରେ ସହଦେବ ନାୟକ ଘର। ସେ ହେଉଛନ୍ତି ସଫେଇ କର୍ମଚାରୀ ସଂଘର ସଭାପତି। ଏଥିସହ ପୁଲିସ୍ ମିତ୍ର ଭାବେ କାମ କରୁଥିଲେ। ବସ୍ତିରେ ଚାଲିଥିବା ନିଶା କାରବାରକୁ ସେ ବିରୋଧ କରୁଥିଲେ। ତେବେ ସେହି ବସ୍ତିର ଜଣେ ମହିଳା ଦୀର୍ଘ ସମୟ ଧରି ବ୍ରାଉନ୍‌ସୁଗର ବ୍ୟବସାୟ କରୁଥିଲେ। ତାଙ୍କୁ ଅବକାରୀ ବିଭାଗ ଓ କମିଶନରେଟ୍ ପୁଲିସ୍ ଗିରଫ କରିଥିଲା। କିଛି ଦିନ ଜେଲ୍‌ରେ ରହିବା ପରେ ବ୍ରାଉନ୍‌ସୁଗର କାରବାର କରୁଥିବା ମହିଳା ଜଣକ ଜେଲ୍‌ରୁ ବାହାରିଥିଲେ। ଜେଲ୍‌ରୁ ବାହାରିବା ପରେ ପ୍ରତିଶୋଧ ପରାୟଣା ହୋଇପଡ଼ିଥିଲେ। ତାଙ୍କ ଜେଲ୍ ଯିବା ପଛରେ ସହଦେବ ନାୟକଙ୍କ ହାତ ଥିବା ସେ ସନ୍ଦେହ କରୁଥିଲେ। ତେଣୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ମହିଳା ଜଣକ ଯୋଜନା କରିଥିଲେ। ସେଥିପାଇଁ ଦୁଇ ସୁପାରୀ

▶▶ପୃଷ୍ଠା ୭

# ୧୩ରୁ ଫେବୃଆରୀ ୨୬ ଯାଏଁ ଅଯୋଧ୍ୟାକୁ ଗଡ଼ିବ ବସ୍

ଭୁବନେଶ୍ୱର, ୮/୧(ନି.ପ୍ର) : ଜାନୁଆରୀ ୧୩ ତାରିଖରୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହେବ ମହାକୁମ୍ଭ ମେଳା। ଏହି ମେଳାରେ କୋଟିକୋଟି ଶ୍ରଦ୍ଧାଳୁ ଯୋଗଦେଇ ଗଙ୍ଗାରେ ବୁଡ ପକାଇବେ। ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟପକ ବ୍ୟବସ୍ଥା କରାଯାଇଥିବା ବେଳେ ଏବେଠାରୁ ଭିଡ ଜମିଲାଣି। ଏଥିରେ ସାମିଲ୍ ହେବା ପାଇଁ ଓଡ଼ିଶାରୁ ଅଯୋଧ୍ୟାକୁ ଗଡ଼ିବ ସ୍ୱତନ୍ତ୍ର ବସ। ଓଏସଆରଟିସି ପକ୍ଷରୁ ହାଇ-ଏଣ୍ଡ

▶▶ପୃଷ୍ଠା ୭

# ପ୍ରବାସୀମାନେ କଲଚରାଲ ଆମ୍ବାସଡର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୮/୧(ନି.ପ୍ର) : ଭୁବନେଶ୍ୱରର ଜନତା ମଇଦାନରେ ଆରମ୍ଭ ହେଲା ପ୍ରବାସୀ ଭାରତୀୟ ଦିବସ। ଯୁବ ସମାବେଶରୁ ଆରମ୍ଭ ହେଲା ସମ୍ମେଳନ। ଶୁଭାରମ୍ଭ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡଭିୟ। ଆସନ୍ତାକାଲି ଆନୁଷ୍ଠାନିକ ଭାବେ ସମ୍ମେଳନକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଆସୁଛନ୍ତି ପ୍ରଧାନମନ୍ତ୍ରୀ। ଆଜି ନିଜ ଅଭିଭାଷଣରେ କେନ୍ଦ୍ରମନ୍ତ୍ରୀ ଜୟଶଙ୍କର କହିଲେ, ବିକଶିତ ଭାରତ ଅଭିମୁଖେ ଆମେ ଗତି କରୁଛେ। କୋଭିଡ ସମୟରେ ଭାରତ ନିଜସ୍ୱ ଟିକା ତିଆରି କରିଥିଲା। ଚନ୍ଦ୍ରଯାନ-୩, ଗଗନଯାନ ମିଶନ ଗୋଟିଏ ଗୋଟିଏ ସଫଳତା। ବହୁତ ଯୁଗାନ୍ତକାରୀ ଯୋଜନା ଲୋକଙ୍କ ଜୀବନଧାରଣ ମାନକୁ ବଦଳାଇଛି। ସ୍ୱଚ୍ଛ ଭାରତ, ଆବାସ, ବେଟି ବଚାଅ ବେଟି ପଢ଼ାଅ ଏହାର ଉଦାହରଣ ବୋଲି କହିଛନ୍ତି ଜୟଶଙ୍କର। ପ୍ରତ୍ୟେକ ପ୍ରବାସୀ ଜଣେ ଜଣେ କଲଚରାଲ ଆମ୍ବାସଡର। ବିକଶିତ ଭାରତରେ ପ୍ରବାସୀ ଭାରତୀୟଙ୍କ ଅନେକ ଅବଦାନ ରହିଛି। ପ୍ରବାସୀ ଭାରତୀୟ ଦିବସର ପ୍ରଥମ ଦିନରେ ନିଜ ସମ୍ବୋଧନରେ ଏକଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

▶▶ପୃଷ୍ଠା ୭

# ଅଖିଳେଶଙ୍କ ପରେ ଦିଲ୍ଲୀ ନିର୍ବାଚନରେ ଆପ୍‌କୁ ସମର୍ଥନ ଘୋଷଣା କଲେ ମମତା



ନୂଆଦିଲ୍ଲୀ, ୮/୧ : ଦିଲ୍ଲୀ ବିଧାନସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ପକ୍ଷରୁ କଂଗ୍ରେସକୁ ଲାଗିଛି ଆଉ ଏକ ଝଟକା। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ପରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଫେବୃଆରୀ ୫ରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପାଇଁ ଆମ୍ ଆଦମୀ ପାର୍ଟିକୁ ଏହାର ସମର୍ଥନ ଘୋଷଣା କରିଛି। ଏନେଇ ନିଜେ କେଜ୍ରିଓ୍ୱାଲ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହି ସମର୍ଥନ ପାଇଁ କେଜ୍ରିଓ୍ୱାଲ୍ ମମତା ବାନାର୍ଜୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏକ ଏକ୍ସ ପୋଷ୍ଟରେ ସେ ଲେଖିଛନ୍ତି ଯେ ଦିଲ୍ଲୀ ନିର୍ବାଚନରେ ଆମ୍ ଆଦମୀ ପାର୍ଟିକୁ ତୃଣମୂଳ କଂଗ୍ରେସ ସମର୍ଥନ ଘୋଷଣା କରିଛି। ବ୍ୟକ୍ତିଗତ ଭାବରେ ମୁଁ ମମତା ଦିଦିଙ୍କ ନିକଟରେ କୃତଜ୍ଞ। ଧନ୍ୟବାଦ ଦିଦି। ଆମର ଉଭୟ ଖରାପ ଓ ଭଲ ସମୟରେ ସବୁବେଳେ ଆପଣ ଆମକୁ ସମର୍ଥନ ଓ ଆଶୀର୍ବାଦ କରିଛନ୍ତି ବୋଲି ଲେଖି ମମତାଙ୍କୁ ଧନ୍ୟବାଦ ଜଣାଇଛନ୍ତି କେଜ୍ରିଓ୍ୱାଲ। ଏହା ପୂର୍ବରୁ ମଙ୍ଗଳବାର ଦିଲ୍ଲୀ ନିର୍ବାଚନ ପାଇଁ ଆମ୍ ଆଦମୀ ପାର୍ଟିକୁ ସମର୍ଥନ ଘୋଷଣା କରିଥିଲା

▶▶ପୃଷ୍ଠା ୭

# ବର୍ଷିଲେ ସୁପ୍ରିମକୋର୍ଟ: ମାଗଣା ଯୋଜନା ଲାଗି ଟଙ୍କା ଅଛି, ଜଜ୍‌ଙ୍କ ଦରମା କଥା ଉଠିଲେ ଦେଖାଦେଉଛି ଆର୍ଥିକ ସମସ୍ୟା



ନୂଆଦିଲ୍ଲୀ, ୮/୧ : ବିଦ୍ୟୁତ ଫ୍ରି, ପାଣି ଫ୍ରି। ମାଗଣା ଶିକ୍ଷା ସହ ଏବେ ପ୍ରତି ମାସରେ ଫ୍ରିରେ ଟଙ୍କା ବାଣ୍ଟିବା ପରମ୍ପରା ମଧ୍ୟ ବଢ଼ିଲାଣି। ଏଭଳି ମାଳ ମାଳ ମାଗଣା ଯୋଜନା ଜାରି ରହିଛି। ଏହା କେବଳ ଗୋଟିଏ ରାଜ୍ୟର ନୁହେଁ, ଦେଶର ଅନେକ ରାଜ୍ୟ ଏହି ଫ୍ରି ରାବିଡି କଲଚର ବଜାୟ ରଖିଛନ୍ତି। ଯାହା ସେମାନଙ୍କୁ ନିର୍ବାଚନରେ ମଧ୍ୟ ଲାଭ ଦିଏ। ଏବେ ଏହି ରାବିଡ଼ି କଲଚରକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଜିଲ୍ଲା କୋର୍ଟର ଜଜ୍‌ଙ୍କ ଦରମା ଏବଂ ପେନସନକୁ ନେଇ ସରକାରଙ୍କ ମନୋଭାବ ସୁପ୍ରିମକୋର୍ଟଙ୍କୁ ନିରାଶ କରିଛି। ସମସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ମାଗଣାରେ ବଣ୍ଟା ଯାଉଥିବା ଟଙ୍କା ଓ ମାଗଣା ଯୋଜନାକୁ ଦର୍ଶାଇ କୋର୍ଟ କହିଛନ୍ତି, ଯେଉଁମାନେ କିଛି କାମ କରୁ ନାହାନ୍ତି ସେମାନଙ୍କ ପାଇଁ ସରକାରଙ୍କ ଟଙ୍କା ଅଛି। ହେଲେ ବିଚାରପତିଙ୍କ ଦରମା ଏବଂ ପେନସନ କଥା ଉଠିଲେ ଆର୍ଥିକ ସମସ୍ୟା ଦେଖାଦେଉଛି। ଅଲ ଇଣ୍ଡିଆ ଜଜ ଆସୋସିଏସନ ନାମକ ଏକ ସଂଗଠନ ଦ୍ୱାରା ୨୦୧୫ରେ ଦାଖଲ ହୋଇଥିବା ଆବେଦନ ଶୁଣାଣି କରି ସୁପ୍ରିମକୋର୍ଟର ଜଷ୍ଟିସ ବି.ଆର ଗୋବାଇଙ୍କ ନେତୃତ୍ୱରେ ଗଠିତ ବେଞ୍ଚ ଏହା କହିଛନ୍ତି। କୋର୍ଟ କହିଛନ୍ତି, ନିର୍ବାଚନ ଆସିବା ମାତ୍ରେ 'ଲାଡଲି ବେହେନ' ଭଳି ଯୋଜନା ଘୋଷଣା ହେଉଛି, ଯେଉଁଠାରେ ସରକାର ହିତାଧିକାରୀଙ୍କୁ ପ୍ରତିମାସରେ ୨୫୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ଜଜ୍‌ଙ୍କ ଦରମା ଓ ପେନ୍‌ସନ୍ କଥା ଆସିଲେ ସରକାର ଆର୍ଥିକ ସମସ୍ୟା ବାହାନା ଦେଖାଉଛନ୍ତି। ୨୦୧୫ ରେ ଦାଖଲ ହୋଇଥିବା ଏହି ଆବେଦନରେ ବିଚାରପତିଙ୍କ ସ୍ୱଳ୍ପ ବେତନ ଏବଂ ଅବସର ପରେ ଉପଯୁକ୍ତ ପେନସନ ନ ପାଇବା ବିଷୟରେ କୁହାଯାଇଛି। ସାରା ଦେଶରେ ଏ ବାବଦରେ କୌଣସି ନୀତି ନାହିଁ ବୋଲି

▶▶ପୃଷ୍ଠା ୭

# ପ୍ରତ୍ୟର୍ପଣ ଦାବି ଭିତରେ ଶେଖ ହସିନାଙ୍କ ଭିସା ଅବଧି ବଢ଼ାଇଲା ଭାରତ



ନୂଆଦିଲ୍ଲୀ, ୮/୧ : ବିକ୍ଷୋଭ ଭୟରେ ଦେଶ ଛାଡ଼ି ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭିସା ଅବଧି ବୃଦ୍ଧି କରାଯାଇଛି। ଅଗଷ୍ଟ ମାସରୁ ଭାରତରେ ଆଶ୍ରୟ ନେଇଥିବା ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶର

▶▶ପୃଷ୍ଠା ୭


# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଓ ବ୍ଲକସ୍ତରୀୟ ପରାମର୍ଶ ଶିବିର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା, ୮/୧ (ନି.ପ୍ର): ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ପରାମର୍ଶ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା । ମାନବ ସମ୍ବଳର ବିକାଶ ସହ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ଏହି ଅବସରରେ କହିଥିଲେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ । ଚଳିତ ଜାନୁଆରୀ ମାସ ୨୮ ତାରିଖରୁ ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ପରାମର୍ଶ ଶିବିର ଆରମ୍ଭ ହୋଇ ଫେବୃୟାରୀ ମାସ ୧୩ ତାରିଖରେ ଏହାର ସମାପ୍ତ କରିବାକୁ ସ୍ଥିର ହୋଇଅଛି । ଅଧିକରୁ ଅଧିକ ଯୁବକ ଯୁବତୀ ଏହି ଶିବିରରେ ଅଂଶଗ୍ରହଣ କରି କିପରି ଜୀବନ ଧାରଣ ମାନରେ ଉନ୍ନତି ଆଣି ପାରିବେ ସେ ଦିଗରେ ନିଷ୍ଠାପର ଉଦ୍ୟମ କରିବାକୁ ସମସ୍ତ ବ୍ଲକ୍ ର ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଫେବୃୟାରୀ ୧୯ ଓ ୨୦ ତାରିଖରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବ । ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ଅଧିକରୁ ଅଧିକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେବେ ବୋଲି କହିଛନ୍ତି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ । ଏହି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବାଇକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

ସମ୍ବଲପୁର, ୮/୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ସଦର ମହକୁମା ସ୍ଥିତ ଭୋଜପୁର- ଜମନକିରା ରାସ୍ତାରେ ଆଜି ଅପରାହ୍ନ ସାଢ଼େ ୧ ଟା ସମୟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକ ସୌଦାଗର ଭଇଁସା( ୨୫) ର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୀପକ ସୁନାନି (୨୪) ଆହତ ହୋଇଛି । ପୋଲିସ ଘଟଣା ସ୍ଥଳରେ ପହଂଚି ସୌଦାଗର କୁ ଉଦ୍ଧାର କରିବା ସହ କୁଚିଣ୍ଡା ଡାକ୍ତରଖାନା କୁ ଶବ ବ୍ୟବଚ୍ଛେଦ ପାଇଁ ସ୍ଥାନାନ୍ତରିତ କରିଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଆହତ ଦୀପକ କୁ ସେହି ଡାକ୍ତରଖାନା ରେ ଚିକିତ୍ସା ପାଇଁ ଭର୍ତି କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ଏନେଇ ଜମନକିରା ଥାନା କେସ ନ.୨/୨୫ ରେ ଏକ ମାମଲା ରୁଜୁ କରିଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି । ପୋଲିସର ସୂଚନା ଅନୁଯାୟୀ, ସୌଦାଗର ଓ ଦୀପକ ଉଭୟ ଭୋଜି କରି ଟାଙ୍ଗରମାଲ ରୁ ଜମନକିରା ଅଭିମୁଖେ ଆସୁଥିବା ବେଳେ ଭୋଜପୁର – ଜମନକିରା ରାସ୍ତା କିସାନ ପଡ଼ା ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ମୃତ ସୌଦାଗର ଘର ଜମନକିରା ପଂଚାୟତ ଖଇରଡିହି ଗାଁ ହୋଇଥିବା ବେଳେ ଦୀପକର ଘର ଟାଙ୍ଗରମାଲ ବୋଲି ଜଣାଯାଇଛି ।

# ସେଲ ଆରଏସପିର ହଟ ଷ୍ଟ୍ରିପ ମିଲ -୨ ବିଭାଗର ସିଟ୍ ସିୟରିଙ୍ଗ ଲାଇନରେ ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ



ରାଉରକେଲା, ୮/୧ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନାର (ଆରଏସପି) ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍ -୨ ବିଭାଗର ସିଟ ସିୟରିଙ୍ଗ ଲାଇନ୍ (ଏସଏସଏଲ) ୨୦୨୫ ଜାନୁଆରୀ ୬ ତାରିଖରେ ୪୯ଟି କଏଲ ରୋଲିଙ୍ଗ କରି ୧୨୧୩ ଟନ୍ ହଟ ରୋଲ୍ଡ ପ୍ଲେଟ (ଏଚ ଆର ପ୍ଲେଟ) ଉତ୍ପାଦନ ପୂର୍ବକ ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ ସ୍ଥାପନ କରିଛି । ଏଥିସହିତ ମିଲ ୨୦୨୪ ସେପ୍ଟେମ୍ବର ମାସର ହାସଲ ହୋଇଥିବା ୧୨୦୮ ଟନ ପୂର୍ବ ଶ୍ରେଷ୍ଠ ଏକଦିବସୀୟ ରେକର୍ଡକୁ ଅତିକ୍ରମ କରିଛି । ଏଥିସମେତ ୟୁନିଟ ଜାନୁଆରୀ ୬ ତାରିଖ ଏ ସିଫ୍ଟ ପାଳିରେ ୨୦ଟି କଏଲ ରୋଲିଙ୍ଗ ପୂର୍ବକ ୫୪୯ ଟନ ପ୍ଲେଟ ଉତ୍ପାଦନ ସହକାରେ ସର୍ବଶ୍ରେଷ୍ଠ ସିଫ୍ଟ ଉତ୍ପାଦନ ରେକର୍ଡ ମଧ ହାସଲ କରିଛି ଏବଂ ସେପ୍ଟେମ୍ବର ୭ ତାରିଖରେ ଗୋଟିଏ ପାଳିରେ ହାସଲ ହୋଇଥିବା ୫୦୮ ଟନ ଉତ୍ପାଦନର ପୂର୍ବ ରେକର୍ଡରେ ଉନ୍ନତି ଆଣିଛି । ଏଚଏସଏମ-୨ ବିଭାଗୀୟ ଦଳର ଉତ୍ସର୍ଗୀକୃତ ପ୍ରୟାସ ତଥା ପିପିସି, ସସ୍ ଓ ଡିଜାଇନ, ଆରସିଏଲ, ସି ଆଣ୍ଡ ଆଇଟି, ଆଇ ଆଣ୍ଡ ଏ, ଟିଆରଏମ, ସେଣ୍ଟ୍ରାଲ ଇଲେକ୍ଟ୍ରିକଲ ମେଣ୍ଟେନାଂଶ ଏବଂ ଅନ୍ୟ ସହଯୋଗୀ ଏଜେନ୍ସିଙ୍କ ପ୍ରତ୍ୟକ୍ଷ ଯୋଗଦାନ ଯୋଗୁଁ ଏହି ସଫଳତା ହାସଲ ହୋଇପାରିଛି । ସୂଚନାଯୋଗ୍ୟ ଯେ, ପ୍ରକଳ୍ପ ବିଭାଗର ତତ୍ତ୍ୱାବଧାନରେ ମିତସୁବିସି କର୍ପୋରେସନ୍ ଏବଂ ଏଲ ଏଣ୍ଡ ଟିର ଯୌଥ ପ୍ରୟାସ ଦ୍ୱାରା ସ୍ଥାପିତ ଏବଂ କାର୍ଯ୍ୟକ୍ଷମ ହୋଇଥିବା ଏଚ ଏସ ଏମ ୨ ରେ ଏସ ଏସ ଏଲ ଲାଇନରେ ଅତ୍ୟାଧୁନିକ ସୁବିଧା ଏବଂ ଆଧୁନିକ କାରିଗରୀ ସମ୍ପନ୍ନ ଅଟୋମେସନ ରହିଛି ଯାହାର ବୈଶିଷ୍ଟ୍ୟ ମଧ୍ୟରେ ଅଟୋ ସିୟରିଙ୍ଗ ଓ ହ୍ୟାଣ୍ଡଲିଂ କ୍ଷମତା ଅନ୍ତର୍ଭୁକ୍ତ ରହିଛି । ସିୟରିଙ୍ଗ ଲାଇନରେ ସ୍ୱୟଂଚାଳିତ ସିଟ୍ ଷ୍ଟ୍ରାପିଂ ମେସିନ୍ ଏବଂ ଏକ ସ୍ୱୟଂଚାଳିତ ସିଟ୍ ପେଣ୍ଟ ମାର୍କିଂ ମେସିନ ରହିଛି ଯାହା, କାର୍ଯ୍ୟରେ ଉଚ୍ଚ ଦକ୍ଷତା ଏବଂ ସଠିକତାକୁ ସୁନିଶ୍ଚିତ କରୁଛି । ଅତିରିକ୍ତ ଭାବରେ, ଉକ୍ତ ଲାଇନରେ ଉକ୍ତ ଲାଇନରେ ୟାର୍ଡ ମ୍ୟାପିଙ୍ଗ୍ ଓ ଏମଇଏସ ବ୍ୟବସ୍ଥା ରହିଛି ତଥା କ୍ରେନ୍ ଲୋକେସନ ଟ୍ରାକିଂ ସିଷ୍ଟମ୍ ସକ୍ଷମ କ୍ରେନ୍ ସହିତ ସଜ୍ଜିତ ହୋଇଛି ଯାହା ସାମଗ୍ରିକ କାର୍ଯ୍ୟକ୍ଷମତାକୁ ଉନ୍ନତ ଗଢୁଛି । ସିଟ୍ ସିୟରିଙ୍ଗ ଲାଇନ୍ ବର୍ତ୍ତମାନ ୫ ରୁ ୧୨.୫ ମିଟର ଲମ୍ବ, ୧୨୫୦ ରୁ ୨୦୦୦ ମିଲିମିଟର ଚଉଡା ଏବଂ ୫ରୁ ୨୦ ମିଲିମିଟର ମୋଟେଇ ପରିମାପର ବିବିଧ ଉତ୍ପାଦ କାଟି ପ୍ରସ୍ତୁତ କରୁଛି ଏବଂ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଏହାର ବହୁମୁଖୀତା ଏବଂ ସାମର୍ଥ୍ୟ ପ୍ରଦର୍ଶନ କରୁଛି ।

# ସୋର ୟୁନିଅନ କଲେଜ ୮୪ ବ୍ୟାଚର ବନ୍ଧୁ ମିଳନ



ସୋର, ୮/୧ (ନି.ପ୍ର): ନବ ବର୍ଷକୁ ସ୍ୱାଗତ ଜଣାଇ ଆଜି ସୋର ଉପେନ୍ଦ୍ରନାଥ ମହା ବିଦ୍ୟାଳୟର ୧୯୮୪ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ ଅନ୍ତର୍ଗତ ବରିପଦା ଗ୍ରାମପଞ୍ଚାୟତର ଅଟାସପୁର୍ ଠାରେ ଥିବା ବଙ୍ଗୋପସାଗରର ବେଳାଭୂମିରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ସମାଜ ପ୍ରତି ସେମାନଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ପ୍ରଥମେ ବନ୍ଧୁ ସ୍ୱର୍ଗତ କୁଞ୍ଜ ବିହାରୀ ଦାସଙ୍କ ଅକାଳ ବିୟୋଗ ରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅଟାସପୁରର ବିସ୍ତୀର୍ଣ୍ଣ ଅଗଭୀର ବେଳା ଭୂମୀ, ମନୋରମ ପ୍ରାକୃତିକ ପରିବେଶ, ପକ୍ଷୀମାନଙ୍କ ସମାବେଶ,ଏବଂ ସର୍ବୋପରି ସମୁଦ୍ର ମଧ୍ୟରେ ସାମୁଦ୍ରିକ ଘାସ ଖାଇବାକୁ ଗୋରୁ ଛେଳିଙ୍କ ଭିଡ ବଣଭୋଜି ଓ ବନ୍ଧୁମିଳନ କାର୍ଯ୍ୟକ୍ରମ କରୁଥିବା ଲୋକଙ୍କୁ ବେଶ ଆନନ୍ଦ ଦେଇଥିଲା । କମଳାକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଗଙ୍ଗାଧର ରାଉତ, ଅମୃତାଂଶୁ ପଟ୍ଟନାୟକ, ଶରତ ଚନ୍ଦ୍ର ଘୋଷ, ଶଶିକାନ୍ତ ପ୍ରଧାନ, ସୁନିଲ କୁମାର ଦାସ, ରମାକାନ୍ତ ଜେନା, ସୁରେନ୍ଦ୍ର କୁମାର ଭୋଳ, ଶ୍ରୀଧର ଦାସ, ମହେଶ୍ୱର ମିଶ୍ର, କମଳାକାନ୍ତ ସାହୁ, ଶିଶିର ଅଗସ୍ତି, ବିଶ୍ୱେଶର ବେହେରା, ଖିତେଶ୍ୱର୍ ବେଉରା, ରତିକାନ୍ତ ନାୟକ, ଜୟନ୍ତ ଦ୍ୱିବେଦୀ, ଦାଶରଥି ନାୟକ, ପ୍ରମୁଖ ଉପସ୍ଥିତି ଥିଲେ ।

# ବିପୁଳ ପରିମାଣରେ ମଦ ଜବତ: ୯ କୋର୍ଟ ଚାଲାଣ

କେନ୍ଦ୍ରାପଡା, ୮/୧ (ନି.ପ୍ର): କେନ୍ଦ୍ରାପଡ଼ାର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧକ୍ଷକ, ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ ଏବଂ ଅବକାରୀ ଉପ ନିରିକ୍ଷକ, ଧର୍ମପଦ ଦାସ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢଉ କରି ୨୫୦ ଲିଟର ଚୋରା ଦେଶୀ, ବିଦେଶୀ ଓ ନକଲି ବିଦେଶୀ ମଦ ସହିତ ୧ ମହିଳା ସମେତ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏମାନେ ହେଲେ ହରିଡାଦଣ୍ଡ ଗ୍ରାମର ଶିଶିର କୁମାର ବାରିକ ବୟସ-୪୦ ବର୍ଷ ଏବଂ ମନୋଜ କୁମାର ବାରିକ ବୟସ-୩୩ ବର୍ଷ, ବଡମୋହନପୁର ଗ୍ରାମର ଲିପୁନ ମଳିକ ବୟସ-୨୩ ବର୍ଷ, ମାଟିଆପଡା ଗ୍ରାମର ନନ୍ଦିତା ନାଥ ବୟସ-୩୫ ବର୍ଷ, ତ୍ରିଲୋଚନପୁର ଗ୍ରାମର ଶଶିକାନ୍ତ ରାଉତ, ବୟସ-୪୨ ବର୍ଷ ଓ ସୁକାନ୍ତ ସେଠୀ, ବୟସ-୩୭ ବର୍ଷ, ମାହାଙ୍ଗା ଗ୍ରାମର ହିମାଂଶୁ ଶେଖର ବେହେରା, ବୟସ -୩୪ ବର୍ଷ , ଏବଂ ନୂଆପଡ଼ା ଗ୍ରାମର ସର୍ବେଶ୍ୱର ବେହେରା, ବୟସ -୪୮ ବର୍ଷ ଓ ଅଙ୍କୁର ଭୋଇ, ବୟସ -୫୬ ବର୍ଷ ଏମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ସେମିନାର୍

କେନ୍ଦ୍ରାପଡା, ୮/୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ " ଏକ ଦେଶ ଏକ ନିର୍ବାଚନ: ସମ୍ଭାବନା ଓ ଆହ୍ୱାନ" ଶୀର୍ଷକ ଏକ ରାଜ୍ୟ ସ୍ତରୀୟ ସେମିନାର୍ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଷୟ ବିଶେଷଜ୍ଞ ଭାବେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ରାଜନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର୍ ତଥା ରାଜନୀତି ବିଷାରଦ ଡ଼ଃ. ମାନସ କୁମାର ବେହେରା ଯୋଗ ଦେଇ "ଏକ ଦେଶ ଓ ଏକ ନିର୍ବାଚନ"ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ବିଭାଗୀୟ ମୁଖ୍ୟା ଡ଼ ମମତା ସାହୁ ସମ୍ମାନର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ ।

# ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

କନ୍ଧମାଳ, ୮/୧ (ନି.ପ୍ର): ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ଏଜେଓ ସରକାର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାଆଡ଼ମ୍ବର ସହିତ ପ୍ରଧାନ ଶିକ୍ଷକ ଶ୍ରୀମତି ପାୟଲ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଫଲବାଣୀ ବିଧାୟକ ଉମା ଚରଣ ମଲିକ ଯୋଗଦେଇ କଠିନ ପରିଶ୍ରମ ଦ୍ୱାରା ସଫଳ ନିଶ୍ଚିତ ବୋଲି ମତପ୍ରକାଶ କରିବ ସହିତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ଅଭିଭାବକ ମାନଙ୍କର ମିଳତ ପ୍ରଚେଷ୍ଟାରେ ତାହା ସମ୍ଭବ ହୋଇପାରିବବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ,ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀମତି ନିରୁପମା ଦୋରା, ମୁଖ୍ୟବକ୍ତା ଭାବେ ଫୁଲବାଣୀ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜନ କହଁର , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବାକରଣ ଡ଼ାକୁଆ ପ୍ରମୁଖ ଯୋଗଦେଇ ଉତମ ଛାତ୍ର ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ ବିବରଣୀ ପାଠ କରି ମଧ୍ୟାହ୍ନ ଭୋଜନ ପାଇଁ ଭୋଜନ ଗୃହ ନିର୍ମାଣ ଓ ବିଦ୍ୟାଳୟର ଖେଳ ପଡ଼ିଆକୁ ବିଦ୍ୟାଳୟ ନାମରେ ପଟା କରିବାକୁ ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ଶିକ୍ଷୟତ୍ରୀ ପ୍ରତିଭା ମଞ୍ଜରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟତ୍ରୀ ଇତିଶ୍ରୀ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ ଓ ଖେଳ ଶିକ୍ଷକ ରାକେଶ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ସମସ୍ତ ଛାତ୍ରଛାତ୍ରୀ , ଅଭିଭାବକ ଓ ପଂଚସଖା ଶିକ୍ଷାସେତୁର ବହୁ କର୍ମକର୍ତା ଏବଂ ସଦସ୍ୟଙ୍କ ସମେତ ଅନ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡା, ୮/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଉଚ୍ଚମାଧମିକ ଶିକ୍ଷା ବିଭାଗ ମତେ ଏବଂ ଜିଲ୍ଲା ଚିତ୍ରୋତ୍ପଳା ମହାବିଦ୍ୟାଳୟ ତତ୍ତ୍ୱାବଧାନରେ ଇନ୍ଦୁପୁର ସ୍ଥିତ ବିରୂପା ଉଚ୍ଚମାଧମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ତା ୧୬-୦୧-୨୦୨୫ ରିଖ ପର୍ଯ୍ୟନ୍ତ ଚାଲିବାକୁ ରହିଛି । ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଭିଜିତ ବୋଷ ମହୋଦୟ ଉଦ୍ଘାଟନ କରିଥିବା ବେଳେ ଅନୁଷ୍ଠାନର ବରିଷ୍ଠ ପ୍ରଶାସନିକ ଅଧିକାରୀ ନିଗମାନନ୍ଦ ନାୟକ, କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକା ଜସ୍ମିନ ପ୍ରଧାନ, ଅଧାପିକା ସୁଶ୍ରୀ ହେବା ଫାତିମା ଏବଂ କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ଯୋଗଦାନ କରି ଅଂଶଗ୍ରହଣ କରିଥିବା ଶତାଧିକ ଛାତ୍ରୀ ମାନଙ୍କୁ ଏହାର ଉପାଦେୟତା ଓ ଆଭିମୁଖ୍ୟ ବିଷୟରେ ସଚେତନ କରାଇବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ଇସ୍ପାତ ଜେନେରାଲ ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞଙ୍କ ନିପୁଣ ଚିକିତ୍ସା ଦ୍ୱାରା ଦୁର୍ଘଟଣାବଶତଃ ଶ୍ୱାସରୁଦ୍ଧ ଶିଶୁଙ୍କ ଜୀବନ ରକ୍ଷା

ରାଉରକେଲା, ୮/୧ (ନି.ପ୍ର): ଦୋଳି ଖେଳିବା ପିଲାଦିନର ସବୁଠାରୁ ପ୍ରମୋଦଦାୟକ ମନୋରଞ୍ଜନ ରହିଆସିଛି ଯାହା ପିଲାଙ୍କ ଠାରେ ସ୍ୱତନ୍ତ୍ରତା, ଆନନ୍ଦ ଏବଂ ଉତ୍ସାହର ଭାବନା ସୃଷ୍ଟି କରେ । କିନ୍ତୁ ଏଥିସହିତ ଅନେକ ନିଜସ୍ୱ ବିପଦ ଏବଂ ସମ୍ଭାବ୍ୟ ବିପଦ ଯୋଡିହୋଇ ରହିଥାଏ । ସବୁଠାରୁ ବିପଜ୍ଜନକ ଏବଂ ପ୍ରାଣଘାତି ସାବ୍ୟସ୍ତ ହୁଏ ଦୋଳିର ଦଉଡି ଏବଂ ଶିକୁଳି ଦ୍ୱାରା ଶିଶୁର ଆକସ୍ମିକ ଭାବରେ ଗଳା ଛନ୍ଦିହୋଇ ଶ୍ୱାସରୁଦ୍ଧ ହେବା । ଯଦିଓ ଗଳାରୁଦ୍ଧ ବୟସ୍କ ଏବଂ ଶିଶୁମାନଙ୍କ ମଧ୍ୟରେ ହତ୍ୟା ଏବଂ ଆତ୍ମହତ୍ୟା ଆଘାତର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଥାଏ, କେତେକ କ୍ଷେତ୍ରରେ ଏହା ଦୁର୍ଘଟଣାବଶତଃ ଗଳାରୁଦ୍ଧ ହୋଇ ମୃତ୍ୟୁର କାରଣ ପାଲଟିଥାଏ । ଏହିଭଳି ଦୋଳି ଦଉଡିରେ ଦୁର୍ଘଟଣାଗ୍ରସ୍ତ ହେବାର ଦୁଇଟି ମାମଲାରେ ଦୁଇଜଣ ଶିଶୁଙ୍କୁ ନିକଟରେ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲର ଶିଶୁ ନିଦାନ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ପ୍ରଥମ ମାମଲାରେ ଝାରସୁଗୁଡାରୁ ଆସିଥିବା ଜଣେ ୧୧ ବର୍ଷର ବାଳିକା ଗୁରୁତର ଅବସ୍ଥାରେ ଆଇ ଜି ଏଚ ରେ ଭର୍ତ୍ତି ହୋଇଥିଲେ । ଏକ ଦୋଳି ଦଉଡିରେ ତାଙ୍କର ଗଳା ଛନ୍ଦିହେବା କାରଣରୁ ଗୁରୁତର ଆଘାତଜନିତ ଭାବେ ସେ ଅଣନିଶ୍ୱାସୀ ହୋଇ ପଡିଥିଲେ । ସେ ହସ୍ପିଟାଲରେ ପହଞ୍ଚିବା ବେଳେ ତାଙ୍କଠାରେ ଜୀବନଘାତୀ ସଂକଟାପନ୍ନ ଶ୍ୱାସକ୍ରିୟା ସମସ୍ୟା ପରିଲକ୍ଷିତ କରାଯାଇଥିଲା । ଡାକ୍ତରୀ ଦଳ ତୁରନ୍ତ ଚିକିତ୍ସା ଆରମ୍ଭ କରି, ଏକ କୋଲାର ସହାୟତାରେ ତାଙ୍କର ମେରୁଦଣ୍ଡକୁ ବେକ ଅସ୍ଥି ସହିତ ସ୍ଥିର କରିଥିଲେ ଏବଂ ଭେଣ୍ଟିଲେସନ୍ ଚିକିତ୍ସା ଆରମ୍ଭ କରିଥିଲେ । ଏକ୍ସ-ରେ ଏବଂ ବେକର ସିଟି ସ୍କାନ୍ ସହିତ ଅଧିକ ଅନୁସନ୍ଧାନରେ ଆସ୍ପିରେଶନ୍ ନିମୋନିଆ ଏବଂ ଏକ ଓଡୋଣ୍ଟଏଡ୍ ହାଡଭଙ୍ଗା ଥିବା ଜଣା ପଡିଥିଲା । ଭେଣ୍ଟିଲେଟର ଏବଂ ଇଣ୍ଟେନ୍ସିଭ୍ କେୟାରରେ ଦୁଇ ଦିନ ଧରି ଆଇଜିଏଚ୍ ରେ ଶିଶୁ ବିଭାଗର ଉତ୍ସର୍ଗୀକୃତ ପ୍ରୟାସ ଦ୍ୱାରା ବାଳିକା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ । ଦୀର୍ଘ ଆଠ ଦିନର ବ୍ୟାପକ ଚିକିତ୍ସା ପରେ ତାଙ୍କୁ ହସ୍ପିଟାଲ ରୁ ଡିସଚାର୍ଜ କରାଯାଇଥିଲା । ଦ୍ୱିତୀୟ ମାମଲାରେ ମଧ ରାଉରକେଲା ର ଜଣେ ସମ ବୟସ୍କା ବାଳିକା ଦୋଳି ଖେଳିବା ସମୟରେ ହଠାତ୍ ଦୋଳି ଦଉଡି ରେ ଗଳାରେ ଗଭୀର ଆଘାତ ପାଇଥିଲେ । ସେ ମଧ ଅନୁରୂପ ଭାବେ ଶ୍ୱାସକ୍ରିୟାରେ ଗଭୀର ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ସଂକଟାପନ୍ନ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କୁ ତିନି ଦିନ ପାଇଁ ଯାନ୍ତ୍ରିକ ଭେଣ୍ଟିଲେସନ୍ ରେ ରଖାଯାଇଥିଲା । ତାଙ୍କର ଏକ୍ସ ରେ ରିପୋର୍ଟ ରେ ଛାତିରେ ଆଂଶିକ ନିମୋନିଆ ମଧ ପ୍ରକାଶ ପାଇଥିଲା କିନ୍ତୁ ଏକ୍ସ-ରେ ବେକରେ କୌଣସି ଆଘାତ ନଥିବାର ଜଣା ପଡିଥିଲା । ତାଙ୍କୁ ମଧ ସଫଳତାର ସହିତ ଚିକିତ୍ସା କରାଯାଇଥିଲା ଏବଂ ୮ ଦିନ ପରେ ହସ୍ପିଟାଲ ରୁ ଡିସଚାର୍ଜ କରାଯାଇଥିଲା । ବାଲ୍ୟାବସ୍ଥାର ପ୍ରିୟ ରୁଚି ସହିତ ଯୋଡି ହୋଇରହିଥିବା ସମ୍ଭାବ୍ୟ ଲୁକ୍କାୟିତ ବିପଦସୂଚୀ ଏବଂ ସୁରକ୍ଷା ବ୍ୟବସ୍ଥାର ମହତ୍ତ୍ୱକୁ ଏହି ମାମଲାଗୁଡିକ ଦର୍ଶାଉଛି ।

# ଇନ୍‌ଟାକ୍ ଭଦ୍ରକର ପ୍ରାଚୀନ କୀର୍ତ୍ତିରାଜି ସ୍ଥଳର ସର୍ବେକ୍ଷଣ ପାଇଁ ପଦଯାତ୍ରା



ଭଦ୍ରକ , ୮/୧ (ନି.ପ୍ର): ଭଦ୍ରକ ଇନ୍‌ଟାକ କନ୍‌ଭେନର ଦିଗମ୍ବର ମହାନ୍ତି, ଯୁଗ୍ମ କନ୍‌ଭେନର ପ୍ରଭାକର ମଲ୍ଲିକଙ୍କ ନେତୃତ୍ୱରେ ସଦସ୍ୟ ଅଜିତ କୁମାର ଦାସ, ଅଜିତ କୁମାର ନାୟକ ଓ ମୁକ୍ତିକାନ୍ତ ମହାପାତ୍ରଙ୍କ ସଂଯୋଜନା ତଥା ପରିଚ୍ଛଳନାରେ ଶାଖାର ୪୫ଜଣ ସଦସ୍ୟ ଭଦ୍ରକ ଜିଲ୍ଲାର ବୌଦ୍ଧ କୀର୍ତ୍ତିରାଜି ସ୍ଥଳ, ଷୋଳମପୁର ଓ ନିର୍ମାଣଧୀନ ବୃହତ ଶିବମୂର୍ତ୍ତି, ଯାଜପୁର ଜିଲ୍ଲାର ମା' ବିରଜା କ୍ଷେତ୍ର, ବାରୁଣୀ ପଡ଼ିଆ, ଦଶାଶ୍ୱମେଧ ଘାଟ, ନୃସିଂହ ମନ୍ଦିର, ବରୁଣେଶ୍ୱର ମନ୍ଦରି, ବିରାଟ କୁସୁମୀ ପୋଖରୀ ତାହାର ଚତୁଃପାର୍ଶ୍ୱ ପାର୍କ ସହ ବିଭିନ୍ନ ସ୍ଥାନକୁ ପଦଯାତ୍ରା କରିଥିଲେ । ଷୋଳମପୁର ନିକଟବର୍ତ୍ତୀ ଅଞ୍ଚଳକରୁ ଉଦ୍ଧାର ହୋଇଥିବା ବୌଦ୍ଧ କୀର୍ତ୍ତିରାଜି ବିକ୍ଷିପ୍ତ ଅବସ୍ଥାରେ ସଂରକ୍ଷିତ ହୋଇ ରହିଥିବା ଦେଖିବା ସହ ସଦସ୍ୟ ବିଶ୍ୱମ୍ଭର ରାଉତ ନେଉଥିବା ପଦକ୍ଷେପ ଓ ଭଦ୍ରକ ଇନ୍‌ଟାକ୍ ଶାଖାର ପୂର୍ବର ଓ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ କୀର୍ତ୍ତିରାଜିର ସଂରକ୍ଷଣ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଦ୍ୱାରା ବିସ୍ତୃତ ସ୍ଥାନ ନିରୂପଣ ସହ ବୃହତ୍ ମ୍ୟୁଜିୟମ୍ ନିର୍ମାଣ, ଦର୍ଶକଙ୍କ ପାଇଁ ଗେଷ୍ଟ ହାଉସ୍, କ୍ୟାଣ୍ଟିନ ସହ ପ୍ରଶସ୍ତ କଂକ୍ରିଟ୍ ରୋଡ଼ ନିର୍ମାଣ ତଥା ସ୍ଥାନକୁ ସରକାରଙ୍କ ଦ୍ୱାରା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଘୋଷଣା ଦାବୀ କରାଯାଇ ଆସୁଅଛି । ବାରୁଣୀ ଘାଟ ନିକଟରେ ନିର୍ମାଣାଧୀନ ବିରାଟକାୟ ଶିବ ମୂର୍ତ୍ତି, ନୃସିଂହ ମନ୍ଦିରର ଅବସ୍ଥା ଅନୁଧ୍ୟାନ କରିଥିଲେ । ଯାଜପୁର ଜିଲ୍ଲାର ଦଶାଶ୍ୱମେଧ ଘାଟ, ସ୍ଥାପିତ ମା' ସପ୍ତଚଣ୍ଡୀ ମନ୍ଦିର ଅବସ୍ଥା ସର୍ବେକ୍ଷଣ କରିଥିଲେ । ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରର ଅବସ୍ଥା, ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ସଂପର୍କରେ ଅନୁଧ୍ୟାନ କରିଥିଲେ । ସେହି ଜିଲ୍ଲାର ଅରେଇ ଠାରେ ସ୍ଥାପିତ ବରୁଣେଶ୍ୱର ମନ୍ଦିର ପରିଦର୍ଶନ ସମୟରେ ଦେଖିଲେ ଖରାଦିନ ବ୍ୟତୀତ ଅନ୍ୟ ସବୁ ସମୟରେ ଶିବଲିଙ୍ଗ ଜଳନିମଗ୍ନ ଅବସ୍ଥାରେ ଅଦୃଶ୍ୟ ହୋଇ ପୂଜିତ ହେଉଛନ୍ତି । ତାହାର ପ୍ରତିକାର ପାଇଁ ଶାଖା ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶିବ ଲିଙ୍ଗ ସବୁ ସମୟରେ ଦୃଶ୍ୟମାନ ହେବାର ପଦକ୍ଷେପ ନିଆଯିବ । ବୃହତ କୁସୁମୀ ପୋଖରୀ ଓ ତହିଁର ଚତୁଃପାର୍ଶ୍ୱସ୍ଥ ପାର୍କ, ଫୁଲ ବଗିଚାର ଅଧିକ ଯତ୍ନର ଆବଶ୍ୟକତା ଅନୁଭବ କରି ଭବିଷ୍ୟତରେ ଯାଜପୁର ମ୍ୟୁନିସ୍‌ପାଲିଟି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବୁ । ଶେଷରେ ଭଦ୍ରକ ଜିଲ୍ଲାର ନଳାଙ୍ଗ ନିକଟ ବନ ବିଭାଗର ଝାଉଁ ଓ ଇଉକ୍ୟାଲି ପଟାସ୍ ବୃକ୍ଷରାଜି ମଧ୍ୟରେ ଶହ ଶହ ପିକ୍‌ନିକ୍ ପାର୍ଟି ସାମିଲ ଥିବାର ଦେଖିଲେ । ଏହାର ଯତ୍ନ ଓ ଉତ୍ତମ ପିକ୍‌ନିକ୍ ସ୍ପଟ୍ ପାଇଁ ପାନୀୟ ଜଳ ଯୋଗାଣ, ଗେଷ୍ଟ ହାଉସ୍, ବସିବା ପାଇଁ ପିଣ୍ଡି, ଶୌଚାଳୟ, ଡ଼ଷ୍ଟବିନ୍, ଭିତରକୁ ଗାଡ଼ି ପାର୍କିଂ ପାଇଁ ରାସ୍ତା ନିର୍ମାଣ ସଂପର୍କରେ ସ୍ଥାନୀୟ ସରପଞ୍ଚ, ଜିଲ୍ଲା ପ୍ରଶାସନ ଓ ବନବିଭାଗଙ୍କୁ ପଦକ୍ଷେପ ପାଇଁ ଅନୁରୋଧ କରିବୁ । ଆଜୀବନ ସଦସ୍ୟ ଅଜିତ୍ କୁମାର ଦାସ ସମସ୍ତଙ୍କୁ ପିକ୍‌ନିକ୍ ସ୍ପଟରେ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିବାରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ବିଜେପିର ସାମ୍ବାଦିକ ବାର୍ତ୍ତାଳାପ

କେନ୍ଦ୍ରାପଡ଼ା, ୮/୧ (ନି.ପ୍ର): ରାଜ୍ୟରେ ହେବାକୁ ଥିବା ୩ ଦିନିଆ ପ୍ରବାସୀ ଭାରତୀୟ ସମ୍ମିଳନୀ ଉପଲକ୍ଷେ ବିଜେପି କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ଏକ ସାମ୍ବାଦିକ ବାର୍ତାଳାପ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କାକଟ ଠାରେ ଥିବା ଏକ ମଣ୍ଡପରେ ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ପ୍ରାଚୀନ ଧାର୍ମିକ ଅନୁଷ୍ଠାନ ତଥା ଐତିହାସିକ ସ୍ଥଳୀ ସଂପର୍କରେ ସୂଚନା ପ୍ରଦାନ କରି ଜିଲ୍ଲାର ବିକାଶ ପାଇଁ ଏହି ସବୁ ସ୍ଥାନଗୁଡ଼ିକର ଗୁରୁତ୍ୱ ସଂପର୍କରେ ଆଲୋଚନା କରିଥିଲେ । ବିଶ୍ୱପ୍ରସିଦ୍ଧ ଭିତରକନିକା, ହୁକିଟୋଲା ବତୀଘର, ଗହୀରମଥା, ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିର, ଆଳିର ପ୍ରାଚୀନ ବରାହଜୀଉ ମନ୍ଦିର, ପେଣ୍ଠର ସୁଦୂର ପ୍ରସାରୀ ବେଳାଭୂମି, କୁଦାନଗରରୀର ପର୍ଯ୍ୟଟନ ସ୍ଥଳୀ, ସଖୀବଟ ପ୍ରଭୃତି ଐତିହାସିକ ଓ ସଂସ୍କୃତି ସଂପନ୍ନ ତଥା ପ୍ରାକୃତିକ ବିଭବ ମଣ୍ଡିତ ସ୍ଥାନଗୁଡ଼ିକର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲାର ବିକାଶ ପାଇଁ ଏହି ସ୍ଥାନମାନଙ୍କର ଅବଦାନ ସଂପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ, ଜିଲ୍ଲା ସଂପାଦକ ଅମିତାଭ ସୁଆର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବୈଦ୍ୟନାଥ ଚାଟାର୍ଜୀ ଓ ବିଜେପି ମିଡ଼ିଆ ସେଲର ନେହେରୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ଜୟପୁର, ୮/୧ (ନି.ପ୍ର): ଆଂଚଳିକ ପରିବହନ କାର୍ଯ୍ୟାଳୟ କୋରାପୁଟ ତରଫରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ସଡ଼କ ସୁରକ୍ଷା ମାସ ଅବସରରେ ଜୟପୁର ଘରୋଇ ବସଷ୍ଟାଣ୍ଡରେ ଏହି ଶିବିର ଅନୁଷ୍ଠିତ ହୋଇଛି । ଆୟୋଜିତ ଶିବିରରେ ଡାକ୍ତର ହରେକୃଷ୍ଣ ଆରଟିଓ ରାଜେଶ ମାରାଣ୍ଡି, ଏଆରଟିଓ ତପନ କୁମାର ବେଟି, ଏଟିଏସଆଇ ଶିବ ରାମ ଜେନା ଉପସ୍ଥିତ ଥିଲେ । ଏହି ଶିବିରରେ ୨୩ ଜଣ ଡ୍ରାଇଭର, କଣ୍ଡକ୍ଟର, ହେଲପର ସହ ବସ୍ ମାଲିକ ମାନେ ଚକ୍ଷୁ ପରୀକ୍ଷା କରିଥିଲେ ।

## ଧାରାବାହିକ:

ଭାଗ-୩୬

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ ଜାଣିସାରିଛି, କେବଳ ଆପଣଙ୍କ ଭକ୍ତି ହିଁ ମୋକ୍ଷର ମାର୍ଗ ନଚେତ ପିତାମାତାଙ୍କ ସୁରକ୍ଷାରେ ଥିବା ସନ୍ତାନ ମରନ୍ତା କାହିଁକି ? ବା ସମସ୍ତ ସତର୍କତା ସତ୍ତ୍ୱେ ବ୍ୟାଧି ଶରୀରକୁ ଆକ୍ରମଣ କରୁଛି କିପରି ? ଆପଣ ହିଁ ସବୁର ଦାତା, ଯାହାକୁ ଯେଉଁ ଫଳ ଦିଅନ୍ତି ସିଏ ତାହା ହିଁ ଭୋଗକରେ । ଜୀବ ଆପଣଙ୍କ ଅଂଶରୁ ଜାତ । କାଳରୂପୀ ଆପଣଙ୍କ ବଶବର୍ତ୍ତି ହୋଇ ଶୋଡଷ ବିକାର( ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚଭୂତ ଓ ମନ) ରେ ଭ୍ରମଣ କରୁଥାଏ । ମୁଁ ମଧ ସେଥିରେ ନଷ୍ପେଷିତ ହେଉଛି ଦୟାକରି ମୁକ୍ତ କରନ୍ତୁ । ମୋର ସ୍ୱର୍ଗ ଲାଳସା ନାହିଁ କାରଣ ସ୍ୱର୍ଗର ଦେବତାମାନେ ମୋ ପିତାଙ୍କର କିଙ୍କର ଥିଲେ । ମୋର ଅଣିମାଦି ଅଷ୍ଟ ସିଦ୍ଧି ମଧ ଦରକାର ନାହିଁ, ମୋତେ କେବଳ ଆପଣଙ୍କ ଶ୍ରୀଚରଣରେ ଆପଣଙ୍କ ସେବକମାନଙ୍କର ସେବାର ସୌଭାଗ୍ୟ ମିଳୁ । ଦେବର୍ଷିଙ୍କ ନିକଟରୁ ପାଇଥିବା ହରିନାମର ମାହାତ୍ମ୍ୟ ମୁଁ ଦେଖୁଛି, ଏଣୁ ମୋତେ କେବଳ ଦାସ୍ୟଭାବ ପ୍ରଦାନ କରନ୍ତୁ । କାର୍ଯ୍ୟକାରଣାତ୍ମକ ଜଗତ ଆପଣଙ୍କର ସ୍ୱରୂପ ହେଲେ ହେଁ ଆପଣ ତାଠାରୁ ଭିନ୍ନ । ଆପଣ ଉଭୟ ବୃକ୍ଷ ଓ ବୀଜ, କାର୍ଯ୍ୟ ଓ କାରଣ । ଆପଣ ହିଁ ସୃଷ୍ଟି, ପାଳନ ଓ ସଂହରା କର୍ତ୍ତା ।ସଂସାର ପ୍ରଳୟ ଜଳରେ ବୁଡାଇ ଆପଣ ଯୋଗନିଦ୍ରାରେ ଶୋଇପଡନ୍ତି ପୁଣି ଆପଣଙ୍କ ଇଛାରେ ସଂସାର ସୃଷ୍ଟି କରନ୍ତି । ଭିନ୍ନ ଭିନ୍ନ ଯୁଗରେ ଅବତାର ନେଇ ଦୃଷ୍ଟ ଦଳନ ଓ ସାଧୁ ପାଳନ କରନ୍ତି । ହେ ଅଚ୍ୟୁତ, ଆପଣଙ୍କୁ କ'ଣ ବା ଅଜଣା । ଆପଣଙ୍କ ମାୟା ଏପରି ଯେ ମୋତେ ବିଚଳିତ କରିବା ଭଳି ଲାଗୁଛି, ମୋର ଇନ୍ଦ୍ରିୟମାନେ ମୋତେ ନିଜର ଅଧୀନ କରିବାକୁ ଚେଷ୍ଟା କରୁଛନ୍ତି । ମୁଁ ଆପଣଙ୍କର ଶରଣ ଗଲି ଦୟାକରି ମୋତେ ଉଦ୍ଧାର କରନ୍ତୁ । ସମସ୍ତଙ୍କ ମଧ ଉଦ୍ଧାର କରନ୍ତୁ, ନାମ କୀର୍ତ୍ତନ ବିମୁଖ ମନରେ ସଦବୁଦ୍ଧି ପ୍ରଦାନ କରନ୍ତୁ । ନଖ ଦ୍ୱାରା କଣ୍ଡୁ ନିବାରଣ ଯେପରି ପ୍ରଥମେ ସୁଖପ୍ରଦ ହେଲେ ହେଁ ପରେ ଯନ୍ତ୍ରଣା ଦିଏ ସେହିପରି ସ୍ତ୍ରୀ ସମ୍ଭୋଗାଦି କର୍ମ ପ୍ରଥମେ ସୁଖପ୍ରଦ ଏବଂ ପରେ ଦୁଃଖର କାରଣ ହୋଇଥାଏ । ଶାସ୍ତ୍ର ନିର୍ଦ୍ଦିଷ୍ଟ ଦଶ ଅପବର୍ଗ( ଯୌନ, ବ୍ରତବିଧାନ, ଶୌଚ, ତପ, ଅଧ୍ୟୟନ, ସ୍ୱଧର୍ମାଚରଣ, ଶାସ୍ତ୍ରାନୁଶୀଳନ, ଏକାନ୍ତବାସ, ଜପ ଓ ସମାଧି ) ଜିତେନ୍ଦ୍ରିୟ ସାଧୁ ମଧ ମୁକ୍ତି ପାଇପାରେନା କାରଣ ତା ନିକଟରେ ଅହଂକାର ଆସିଯାଏ ଫଳରେ ମାୟା ସଂସାରରେ ଭ୍ରମୁଥାଏ । ହେ ଅସତ୍ୟ ସୃଷ୍ଟିରେ ସତ୍ୟ, ହେ ବୀଜ ଓ ଅଙ୍କୁର ଆପଣଙ୍କ ଠାରେ କେବଳ ଭକ୍ତି ଯୋଗାଶ୍ରୟୀମାନେ ହିଁ ଭକ୍ତିବଳରେ ତରିଯାଆନ୍ତି । ହେ ସର୍ବବ୍ୟାପୀ, ସଗୁଣ ଓ ନିର୍ଗୁଣ ଆପଣଙ୍କୁ ଜ୍ଞାନୀମାନେ ପ୍ରଣିପାତ, ସ୍ତୁତି, ସର୍ବକର୍ମ ସମର୍ପଣ, ଚରଣାଶ୍ରୟ, ଶ୍ରଦ୍ଧା ଓ ଗୁଣ ଶ୍ରବଣ ଏହି ଷଡ ଅଙ୍ଗ ବିଶିଷ୍ଟ ଦାସ୍ୟ ଭକ୍ତି ଆରାଧନା ନିବେଦନ କରନ୍ତି । ଦେବର୍ଷି କହିଲେ ପ୍ରହ୍ଲାଦର ସ୍ତୁତି ଶୁଣି ନୃସିଂହ ଉଗ୍ରମୂର୍ତ୍ତି ସମ୍ବରଣ କରି ସହାସ୍ୟ ବଦନରେ ବର ପ୍ରାର୍ଥନା କରିବାକୁ କହିଲେ ।

### ୧୦ମ ଅଧ୍ୟାୟ

### ।। ପ୍ରହ୍ଲାଦଙ୍କ ରାଜ୍ୟାଭିଷେକ ଓ ତ୍ରିପୁର ଦହନ କଥା ।।

ବରଲାଭ, ଭକ୍ତି ଯୋଗର ପରିପନ୍ଥୀ ବୋଲି ଜାଣିଥିବାରୁ ପ୍ରହ୍ଲାଦ କହିଲେ, ହେ ପ୍ରଭୁ, ଭକ୍ତକୁ ପରୀକ୍ଷା କରିବା ପାଇଁ ଅବଶ୍ୟ ଆପଣ ସଂସାର ବନ୍ଧନକାରୀ ଅଭିଳାଷ ସମୂହକୁ ଭକ୍ତ ନିକଟକୁ ପ୍ରେରଣ କରିଥାନ୍ତି । ଫଳରେ ମନୁଷ୍ୟର ଅନର୍ଥ ସାଧନ ପ୍ରବୃତ୍ତି ଜନ୍ମେ । ମାତ୍ର ମୁଁ ଆପଣଙ୍କର ନିଷ୍କାମ ଭକ୍ତ ଏଣୁ ମୋତେ ପ୍ରଲୋଭିତ ନକରନ୍ତୁ । ହେ ପ୍ରଭୁ, ମୋ ମନ ମଧ୍ୟରେ ଯେମିତି କାମନାର ବୀଜ ନ ଜନ୍ମେ ସେହି ବର ପ୍ରଦାନ କରନ୍ତୁ । ଭଗବାନ କହିଲେ, ତୋ ପରି ଭକ୍ତ କଦାପି ଇହକାଳ ଓ ପରକାଳରେ ମଧ କୌଣସି ଭୋଗ ବିଳାସ କାମନା କରନ୍ତି ନାହିଁ । ମୁଁ ତୋତେ ଏହି ବର ପ୍ରଦାନ କରୁଛି, ଏହି ମନ୍ୱନ୍ତର ଶେଷ ପର୍ଯ୍ୟନ୍ତ ଦୈତ୍ୟେଶ୍ୱର ହୋଇ ସକଳ ଐଶ୍ୱର୍ଯ୍ୟ ଭୋଗ କରିବୁ କିନ୍ତୁ ଭୋଗରେ ଆସକ୍ତି ରହିବ ନାହିଁ । ଅନ୍ତକାଳରେ ମୋତେ ପ୍ରାପ୍ତହେବୁ । ଯେଉଁମାନେ ଆମର ଏହିକଥା ଶ୍ରବଣ କରିବେ କିମ୍ବା ତୋ ସ୍ତୁତି ପାଠ କରିବେ ସେମାନେ ମଧ ବୈକୁଣ୍ଠକୁ ଗମନ କରିବେ । ପ୍ରହ୍ଲାଦ କହିଲେ, ପ୍ରଭୁ ମୋର ପିତା ଆପଣଙ୍କ ପ୍ରତି ବିଦ୍ୱେଷଭାବ ପୋଷଣ କରି ମୃତ୍ୟୁକୁ ପ୍ରାପ୍ତ ହେଲେ । ଏଣୁ ତାଙ୍କୁ ମୁକ୍ତି ପ୍ରଦାନ କରନ୍ତୁ । ଭଗବାନ କହିଲେ ତୁମର ଜନ୍ମ ସହିତ ତୁମର ସମସ୍ତ ପରିବାର ମୁକ୍ତ ହୋଇଗଲେ । ମୋର ଭକ୍ତ ସହିତ ତାର କୁଳ, ଗୋତ୍ର ଏବଂ ସଙ୍ଗୀମାନଙ୍କର ଉଦ୍ଧାର ହୋଇଯାଏ । ତେଣୁ ତୁମେ କୌଣସି ଭାବନା ନରଖି ପୁତ୍ରର କର୍ତ୍ତବ୍ୟ ଶ୍ରାଦ୍ଧ, ଶୌଚ ଆଦି ସମ୍ପାଦନ କରି ତାଙ୍କ ସିଂହାସନରେ ଅଧିଷ୍ଠିତ ହୋଇ ପ୍ରଜା ପାଳନ କର । ଏହାପରେ ବ୍ରହ୍ମାଦି ଦେବଗଣ ଭଗବାନଙ୍କ ସ୍ତୁତି କଲେ । ଭଗବାନ କହିଲେ ହେ ପଦ୍ମ ସମ୍ଭବ ତୁମେ ଦୈତ୍ୟମାନଙ୍କୁ ଏଭଳି ବର କେବେ ଦେବନାହିଁ । ଭଗବାନ ଅନ୍ତର୍ଦ୍ଧାନ ହୋଇଯିବାରୁ ଦେବତାମାନେ ମଧ ଅନ୍ତର୍ହିତ ହେଲେ । ଦେବର୍ଷି କହିଲେ ହେ ରାଜା, ଯିଏ ଭଗବାନ ନୃସିଂହଙ୍କର ଏହି ପ୍ରସଙ୍ଗ ପଢିବ, ଶୁଣିବ ସେ ଭବ-ବନ୍ଧନରୁ ମୁକ୍ତ ହୋଇଯିବ । ଯୁଧିଷ୍ଠିର ଅନୁରୋଧ କଲେ, ରୁଦ୍ରଦେବଙ୍କର ଯଶ ନଷ୍ଟକାରୀ ମାୟାବୀ ମୟଦାନବର ଦର୍ପ, ଭଗବାନ ବିଷ୍ଣୁ କିପରି ଦଳନ କଲେ ଦୟାକରି କୁହନ୍ତୁ । ଦେବର୍ଷି କହିଲେ, ବିଷ୍ଣୁଙ୍କର ସହାୟତାରେ ଦେବତାମାନେ ଯୁଦ୍ଧରେ ଅସୁରମାନଙ୍କୁ ପରାଜିତ କରିବାରୁ ସେମାନେ ମାୟାବୀ ମୟଦାନବର ଶରଣାପନ୍ନ ହେବାରୁ ସେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ଲୌହ ନିର୍ମିତ ତିନିଗୋଟି ମାୟାପୁର ନିର୍ମାଣ କରି ସେଥିରେ ବିଭିନ୍ନ ପଦାର୍ଥ ଓ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲା । ଅସୁରମାନେ ସେଥିରେ ଲୁଚି ଯୁଦ୍ଧ କରିବାରୁ ଦେବତାମାନେ ବ୍ୟତିବ୍ୟସ୍ତ ହୋଇ ରୁଦ୍ରଙ୍କୁ ନିବେଦନ କରିବାରୁ ରୁଦ୍ରଦେବ ପାଶୁପତ ଅସ୍ତ୍ର ସାହାଯ୍ୟରେ ମାୟାପୁରକୁ ନଷ୍ଟ କରିଦେଲେ । ଅସୁରମାନେ ଦେବତାଙ୍କ ଆକ୍ରମଣରେ ମରି ଭୂତଳକୁ ପତିତ ହେବାରୁ ମୟ ସେମାନଙ୍କୁ ଅମୃତ କୂପକୁ ନିକ୍ଷେପ କରିବାରୁ ସେମାନେ ପୁନର୍ଜୀବୀତ ହୋଇଗଲେ । ଏହା ଦେଖି ରୁଦ୍ରଦେବ ସ୍ତମ୍ଭୀଭୂତ ହୋଇ ଭଗବାନ ବିଷ୍ଣୁଙ୍କୁ ସ୍ମରଣ କରିବାରୁ ବିଷ୍ଣୁ ନିଜର ବୈଷ୍ଣବମାୟା ବଳରେ ଅମୃତ କୂପର ସମସ୍ତ ଅମୃତ ପାନ କରିଦେଲେ । ମୟ ଦାନବ ବିଷ୍ଣୁଙ୍କ ମାୟାକୁ ଚିହ୍ନି ନିଷ୍କ୍ରିୟ ହୋଇଯିବାରୁ ରୁଦ୍ରଦେବ ମାୟାପୁରକୁ ନଷ୍ଟ କରି ଅସୁରମାନଙ୍କୁ ପରାସ୍ତ କଲେ ।

### ୧୧ଶ ଅଧ୍ୟାୟ

### ।। ସନାତନ ଧର୍ମର ବ୍ୟାଖ୍ୟା ।।

ଯୁଧିଷ୍ଠିର ପଚାରିଲେ ଅନୁଗ୍ରହ ପୂର୍ବକ ମୋତେ ସନାତନ ଧର୍ମର ବ୍ୟାଖ୍ୟାନ ଶୁଣାନ୍ତୁ । ଶ୍ରୀନାରଦ କହିଲେ ପ୍ରତ୍ୟେକ ମନୁଷ୍ୟ ପାଇଁ ତିରିଶ ଗୋଟି ଯଥା- ସତ୍ୟ, ଦୟା, ତପ, ଶୌଚ, ତିତିକ୍ଷା, ଯଥାଯର୍ଥ ବିଚାର, ଶମ, ଦମ, ଅହିଂସା, ବ୍ରହ୍ମଚର୍ଯ୍ୟ, ତ୍ୟାଗ, ବୃଥାଗଳ୍ପ ନିବୃତ୍ତି, ସ୍ୱାଧ୍ୟାୟ, ଆର୍ଜବ,ସନ୍ତୋଷ ଭାବ, ସେବା, କାମ ବର୍ଜନ, କର୍ମଫଳ ପ୍ରାପ୍ତି ଆଶାତ୍ୟାଗ, ଆତ୍ମାନୁସନ୍ଧାନ, କ୍ଷୁଧାର୍ତ୍ତକୁ ଅନ୍ନଦାନ, ଅନ୍ୟପ୍ରାଣୀକୁ ଆତ୍ମବତ ଜ୍ଞାନ ଏବଂ ବିଷ୍ଣୁଙ୍କଠାରେ ନବଧା ଭକ୍ତି ଭଳି ଧର୍ମ ବା କର୍ତ୍ତବ୍ୟ ସ୍ଥିର ହୋଇଛି ଯାହାକୁ ପାଳନ କଲେ ଭଗବାନ ସନ୍ତୁଷ୍ଟ ହୁଅନ୍ତି । ସଂସ୍କାର ସମ୍ପନ୍ନ ଦ୍ୱିଜମାନେ ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ, ପ୍ରତିଗ୍ରହ ଷଟକର୍ମ ନିର୍ଦ୍ଦିଷ୍ଟ ହୋଇଥିବା ବେଳେ କ୍ଷତ୍ରିୟଙ୍କ କ୍ଷେତ୍ରରେ ପ୍ରତିଗ୍ରହ ବ୍ୟତୀତ ଅନ୍ୟ ପଞ୍ଚକର୍ମ, ବୈଶ୍ୟର କୃଷି, ବାଣିଜ୍ୟ ଓ ଶୂଦ୍ରର ସେବାକର୍ମ ନିର୍ଦ୍ଦିଷ୍ଟ ହୋଇଛି । ପ୍ରଜାପାଳନ ଓ ବ୍ରାହ୍ମଣ ବ୍ୟତୀତ ଅନ୍ୟମାନଙ୍କଠାରୁ କର ଗ୍ରହଣ ରାଜାର କର୍ମ । ସାମାଜିକ ଶୃଙ୍ଖଳା ରକ୍ଷା କରିବା ପାଇଁ କେହି ଉଚ୍ଚ କର୍ମକୁ ଆପଣେଇପାରିବେ ନାହିଁ । ଆପାତକାଳରେ ବ୍ରାହ୍ମଣମାନେ ଇତର ବୃତ୍ତି କରିପାରିବେ । ଅଯାଚିତ ପ୍ରାପ୍ତିକୁ ଅମୃତ, ପ୍ରାର୍ଥନାକୁ ମୃତ, କର୍ଷଣକୁ ପମୃତ, ବାଣିଜ୍ୟକୁ ସତ୍ୟାନୃତ ଓ ନୀଚସେବାକୁ ଶ୍ୱବୃତ୍ତି କୁହାଯାଏ । ସର୍ବଦେବମୟ ଏବଂ ସର୍ବଦେବ ସ୍ୱରୂପ, ପୂଜ୍ୟ ବ୍ରାହ୍ମଣ ଶେଷୋକ୍ତ ବୃତ୍ତିକୁ କଦାପି ଆଶ୍ରୟ କରିବେ ନାହିଁ । ବ୍ରାହ୍ମଣର ଏକାଦଶ ଲକ୍ଷଣ ଯଥା- ସମ, ଦମ, ତପସ୍ୟା, ଶୌଚ, ସନ୍ତୋଷ, କ୍ଷମା, ଆର୍ଜବ, ଜ୍ଞାନ, ଦୟା, ଅଚ୍ୟୁତଙ୍କଠାରେ ଆତ୍ମ ସମର୍ପଣ ଓ ସତ୍ୟ । କ୍ଷତ୍ରିୟର ଦଶଧର୍ମ ଯଥା- ଶୌର୍ଯ୍ୟ, ପ୍ରଭାବ, ଧୈର୍ଯ୍ୟ, ତେଜ, ତ୍ୟାଗ, ଇନ୍ଦ୍ରିୟନିଗ୍ରହ, କ୍ଷମା, ବ୍ରାହ୍ମଣ ପରାୟଣତା, ପ୍ରସନ୍ନତା ଓ ସତ୍ୟ । ବୈଶ୍ୟର ଧର୍ମ- ଦେବ, ଗୁରୁ, ଈଶ୍ୱର ଭକ୍ତି, ଧର୍ମ, ଅର୍ଥ, କାମ, ପୋଷଣ ନିମିତ୍ତ ଅର୍ଥୋପାର୍ଜନ, ଶୂଦ୍ରଧର୍ମ- ନମସ୍କାର, ଶୌଚ, ନିରଭିଯାନ, ଅକପଟ ପ୍ରଭୁସେବା, ଅମନ୍ତ୍ର ଯଜ୍ଞ, ଅସ୍ତେୟ, ସତ୍ୟ, ଗୋ ବିପ୍ର ରକ୍ଷା । ନୀଚବର୍ଣ୍ଣ ଉଚ୍ଚବର୍ଣ୍ଣର ଲକ୍ଷଣ ପ୍ରକାଶ କଲେ ତାଙ୍କୁ ମଧ ଉଚ୍ଚ ମନେ କରିବା ଉଚିତ । ସ୍ତ୍ରୀ ଧର୍ମ - ସ୍ୱାମୀସେବା, ଆନୁଗତ୍ୟ, ହିତାଚରଣ ଏବଂ ସ୍ୱାମୀର ପିତାମାତା ଓ ବନ୍ଧୁ ସେବା । ପତିବ୍ରତା ନାରୀ ପ୍ରତ୍ୟହ ସମାର୍ଜନ ଓ ଉପଲେପନ ଦ୍ୱାରା ଗୃହ ପରିଷ୍କାର ପରିଚ୍ଛନ୍ନ ଓ ମଣ୍ଡନ କରିବେ । ସ୍ୱୟଂ ସୁବେଶ ହୋଇ ସ୍ୱାମୀଙ୍କର ସନ୍ତୋଷ ବିଧାନ କରିବେ । ସର୍ବଦା ବିନୟ ପ୍ରକାଶ କରିବେ, ସ୍ୱାମୀଙ୍କ ସହ ତର୍କ ନକରି ଆଦେଶ ପାଳନ କରିବା ସହ ସତ୍ ପରାମର୍ଶ ଦେବେ । ପ୍ରିୟ ଓ ସତ୍ୟବାକ୍ୟ କହି ଯୋଗ୍ୟ ଅଭିଳାଷ ପୋଷଣ କରିବେ ଅସନ୍ତୁଷ୍ଟା, ଅଲୁବ୍ଧା, ଅନଳସା, ଧର୍ମଜ୍ଞ, ପ୍ରିୟବାଦିନୀ, ଅପ୍ରମତ୍ତ, ପବିତ୍ରା ଓ ସ୍ନିଗ୍ଧା ସ୍ତ୍ରୀ ଅପତିତ ପତିକୁ ଭଜନ କରିବେ । ଏପରି ସ୍ତ୍ରୀ ରତ୍ନ, ପତିଙ୍କର ପରମ ଗତିପଥର ସହାୟିକା । ସ୍ତ୍ରୀ ପତିପରାୟଣା ହେଲେ ବିଷ୍ଣୁ ସ୍ୱରୂପ ପତିଙ୍କ ସହ ବୈକୁଣ୍ଠବାସ କରନ୍ତି । ପ୍ରତିଲୋମ ଓ ଅନୁଲୋମଜ ସଙ୍କର କୁଳପରମ୍ପରା ପ୍ରାପ୍ତ ବୃତ୍ତି ଅବଲମ୍ବନ କରିବେ । ହେ ରାଜନ, ପ୍ରତି ଯୁଗରେ ମନୁଷ୍ୟର ସ୍ୱାଭାବବିକ ଧର୍ମାଚରଣ ଇହପର କାଳରେ ସୁଖପ୍ରଦ ହୁଏ । ପ୍ରତ୍ୟେକ ବ୍ୟକ୍ତି ସ୍ୱଭାବଜ କର୍ମ ରହିତ ହୋଇ ଗୁଣାତୀତ ମାର୍ଗରେ ଗତି କରିବା ଉଚିତ । କୌଣସି କ୍ଷେତରେ ଅତ୍ୟଧିକ କର୍ଷଣ ସହ ବୀଜ ବାରମ୍ବାର ବୋପନ କଲେ ଯେପରି ତାହା କ୍ରମେ ଉତ୍ପାଦିକା ଶକ୍ତି ହରାଏ ଏବଂ ଶେଷରେ ବୀଜର ବିନାଶ ହୁଏ ସେହିପରି ଅତିରକ୍ତ କାମସେବାରେ ଚିତ୍ତ ବିରାଗ ଓ ଶକ୍ତି ହୀନତା ଜନ୍ମେ । ଯେପରି ଜ୍ୱଳନ୍ତ ଅଗ୍ନିରେ ବିନ୍ଦୁ ବିନ୍ଦୁ ଘୃତାହୂତି ପ୍ରଦାନ କଲେ ତାହା ଅଧିକ ପ୍ରଜ୍ୱଳିତ ହୁଏ ମାତ୍ର ଅଧିକ ଘୃତ ଢାଳିଲେ ତାହା ନିର୍ବାପିତ ହୁଏ ସେହିପରି ପରିମିତ କର୍ମାନୁଷ୍ଠାନରୁ ପ୍ରଚୁର ଫଳ ଭୋଗହୁଏ ଏବଂ ବାସନାର କ୍ରମ-ନିବୃତ୍ତି ଘଟେ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ବୃଦ୍ଧ ବାପାର ଲୁହ



ଶ୍ୱେତା ରାଉତ୍

ଆଜି ବି ଆମ ସମାଜରେ ଝିଅ ଜନ୍ମହେଲେ ପରିବାର ଲୋକଙ୍କ ମୁହଁ ଶୁଖିଯାଏ ଓ ପୁଅଟିଏ ହେଲେ ପରିବାରର ବାତାବରଣ ଉଲ୍ଲସିତ ହୋଇଉଠେ। ପୁଅ ବଂଶକୁ ଆଗକୁ ବଢାଏ, ମୃତ୍ୟୁ ବେଳେ ମୁହଁରେ ନିଆଁ ଦିଏ, ପିଣ୍ଡ ପାଣି ଦିଏ, ଆଶା ବାଡି ହୁଏ। ଝିଅମାନେ ଆଜି ଯେତେ ସଶକ୍ତ, ସମୃଦ୍ଧ ହେଲେ ମଧ ଆମମାନଙ୍କ ମାନସିକତା ସେଇଠି ଅଟକି ଯାଇଛି ଯେ, ପୁଅ ଆମ ଉତ୍ତରାଧିକାରୀ, ବାର୍ଦ୍ଧକ୍ୟର ଆଶାବାଡି। କିନ୍ତୁ ବାସ୍ତବରେ କେତେ ପୁଅ ଆଶାବାଡି ହେଉଛନ୍ତି କି ବାର୍ଦ୍ଧକ୍ୟରେ ମେରୁଦଣ୍ଡ ଭାଙ୍ଗିବାର କାରଣ ପାଲଟି ଯାଉଛନ୍ତି, ତାହା କେବଳ ଭୁକ୍ତଭୋଗୀ ହିଁ କହିପାରିବେ।

ପୁଅ ଆଶାବାଡି ହେବ କଣ ତା ନିଜ ଜୀବନ ଆଜି ନିରାଶା ଓ ଅନ୍ଧକାରରେ ହଜି ହଜି ଯାଉଛି। ଅନିଚ୍ଛା ସତ୍ତ୍ୱେ ବି ବାପା ମାଆଙ୍କ ଦୁଃଖର କାରଣ ହେଉଛି। କିଛି ଦିନ ତଳେ ଜଣେ ମଉସା ମୋର ଲେଖା ପଢ଼ି ମୋତେ ଫୋନ କଲେ ଓ ତାଙ୍କ ଦୁଃଖ କହୁ କହୁ କାନ୍ଦି ପକାଉଥିଲେ। ସେ ଥିଲେ ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ। ତାଙ୍କର ଗୋଟେ ବୋଲି ପୁଅ ଯିଏ ଜର୍ମାନ୍‌ରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ ଚାକିରି କରେ। ତିନି ବର୍ଷ ତଳେ ପୁଅ ଭଲପାଇ ବାହା ହୋଇଥିଲା। ପୁଅର ଇଚ୍ଛାକୁ ଅବରୋଧ ନକରି ବରଂ ବାପା ମା ସସ୍ନେହ ସ୍ୱୀକାର କରିଥିଲେ। ମଉସାଙ୍କ କହିବା କଥା, ସେ ବୋହୂ କୁ ଝିଅ ପରି ଭଲ ପାଆନ୍ତି, କିଛି ଘର କାମ କରିବାକୁ ଦିଅନ୍ତିନି, କେବେ ବି ବୋହୂ ହାତରୁ କପେ ଚା ପିଇ ନାହାନ୍ତି। ବୋହୂ ଆର୍ଥିକ ସମସ୍ୟା ପାଇଁ ଅଧାରୁ ପାଠ ଛାଡି ଦେଇଥିଲା, ପୁଅର ଇଚ୍ଛା ତା ସ୍ତ୍ରୀ ଆହୁରି ପାଠ ପଢ଼ିବ, ଆଗକୁ ଯିବ। ତେଣୁ ସ୍ତ୍ରୀ'କୁ ଉଚ୍ଚ ଶିକ୍ଷା ଦେବାରେ ପୁଅ ଖୁବ୍ ଅର୍ଥ ଖର୍ଚ୍ଚ କରୁଥିଲା, ପଢିବାକୁ ସହଯୋଗ କରୁଥିଲା। ସ୍ତ୍ରୀର ଯେତେବେଳେ ପାଠ ପଢା ସରିଲା, ସେ ଗୋଟେ ବଡ କମ୍ପାନୀରେ ଭଲ ଚାକିରୀ ପାଇଲା। ତା ନିଜ ଜୀବନରେ ଖୁବ୍ ଆନନ୍ଦରେ ରହିବାକୁ ଲାଗିଲା। ସ୍ୱାମୀ,ଶାଶୁ,ଶ୍ୱଶୁର କାହାର ଆବଶ୍ୟକତା ମନେ କଲାନାହିଁ। ନିଜର ପୁରୁଷ ବନ୍ଧୁ ଜଣଙ୍କୁ ସର୍ବେସର୍ବା ଭାବି, କେବଳ ତା ସହିତ ସମୟ କାଟିଲା। ଶିକ୍ଷା ଓ ଚାକିରି ଆଳରେ ଅଧିକ ସମୟ ବାହାରେ ବୁଲୁଥିଲା ସ୍ତ୍ରୀ। କିଛି ପଚାରିଲେ ରାଗରେ ଜର ଜର ହୋଇ ସ୍ତ୍ରୀ ଝଗଡ଼ା କରୁଥିଲା ଓ ବାପଘରେ ଯାଇ ରହୁଥିଲା। ସ୍ୱାମୀ ଯଦି ଘରକୁ ଆସିବାକୁ କହୁଥିଲା,ସ୍ତ୍ରୀ ସହିତ ତା ଘରଲୋକ ବି କ୍ରୋଧରେ ଅନେକ ଗାଳି ଦେଉଥିଲେ,ଝିଅକୁ ଛାଡୁ ନଥିଲେ। ଲୋକ ଲଜ୍ଜାକୁ ଡରି ଶିକ୍ଷକ ମଉସା ଜଣକ ସବୁ ସହି ଯାଉଥିଲେ କିନ୍ତୁ ପୁଅର ଏ ହତୋତ୍ସାହ ଜୀବନ ଦେଖି ବାପା ମା ଦୁହେଁ କାନ୍ଦୁଥିଲେ।

ପୁଅ ବୋହୂଙ୍କ ଭିତରେ ଥିବା ମଧୁର ସମ୍ପର୍କ ଧୀରେ ଧୀରେ ତିକ୍ତ ହୋଇ ଯାଉଥିଲା। ରୀତିମତ ଦୁହିଁଙ୍କ ଭିତରେ ଯୁକ୍ତି, ତର୍କ, କଳି ଲାଗି ଫ୍ୟାମିଲି କୋର୍ଟ ଯାଏ କଥା ଚାଲିଗଲା। ବୋହୂ ଆଦୌ ଫେରିବାକୁ ଚାହୁଁ ନଥିଲା ବରଂ ଦାବି କରୁଥିଲା ଭରଣ ପୋଷଣ ଖର୍ଚ୍ଚ ଦେବାକୁ, ନହେଲେ ଯୌତୁକ ନିର୍ଯ୍ୟାତନାର ଦଫା ଲଗାଇ ଜେଲ୍ ପଠେଇଦେବ। ପ୍ରଧାନ ଶିକ୍ଷକ ଭାବେ ସମ୍ମାନ ଅର୍ଜନ କରିଥିବା ବାପା ଜଣଙ୍କ କେମିତି ଜେଲ୍ ଯାଇ ସମ୍ମାନ ହରେଇବାକୁ ଚାହିଁଥାନ୍ତେ, ଭୟରେ ବୋହୂର ଦାବିକୁ ଗ୍ରହଣ କରି ଦଶ ଲକ୍ଷ ଟଙ୍କା ବୋହୂ ନାଁ'ରେ ଡିପୋଜିଟ କଲେ ଓ ବୋହୂକୁ ପୁଅ ପାଖକୁ ଫେରି ଆସିବାକୁ ଗୁହାରୀ କଲେ। ଫ୍ୟାମିଲି କୋର୍ଟ ରେ ବୋହୂ ସମ୍ମତି ଜଣାଇଲା ସ୍ୱାମୀ ସହିତ ରହିବ ବୋଲି। କେସ ସମାଧାନ ହୋଇଗଲା। କିନ୍ତୁ କୋର୍ଟ ବାହାରକୁ ଆସିବା ପରେ ବୋହୂ ପୁଣି ବାପଘରକୁ ଚାଲିଗଲା। ପଢ଼ିବା ସମୟରେ ଯେଉଁ ପୁରୁଷ ବନ୍ଧୁଙ୍କ ସଂସ୍ପର୍ଶରେ ଆସିଥିଲା, ସେ ହିଁ ଥିଲା ତାର ନୂଆ ଜୀବନ। ଯେତେ ଅନୁରୋଧ କଲେ ଫେରିବାକୁ ଇଚ୍ଛା କଲା ନାହିଁ। ବୋହୂର ବାପଘର ଲୋକ, ଝିଅକୁ ଶାଶୁଘରେ ନିର୍ଯ୍ୟାତନା ଦେଉଛନ୍ତି କହି ଜିଲ୍ଲା କୋର୍ଟ ରେ ଅଭିଯୋଗ ଦାୟର କଲେ। ସମାଧାନ ହୋଇଥିବା କେସ ପୁଣି ଚାଲିଲା। ପୁଅକୁ କୋର୍ଟକୁ ଡକାଗଲା। ଦୁହିଁଙ୍କୁ ଦାମ୍ପତ୍ୟ ଅସନ୍ତୋଷର କାରଣ ପଚାରିବା ବେଳେ,ସ୍ୱାମୀର ଚରିତ୍ରକୁ ନେଇ ସ୍ତ୍ରୀ ପାଲଟା ଅଭିଯୋଗ ଆଣିଲା। ପୁଅଟି ନିଜ ବିଷୟରେ ଯେତେ ସଫେଇ ଦେଲେ ବି କୋର୍ଟ ତାର ବାସ୍ତବତାକୁ ସତେ ଯେମିତି ଗ୍ରହଣ କରିବାକୁ ଚାହୁଁନଥିଲା ଓ ବୋହୂ ସପକ୍ଷରେ ଗୁରୁତ୍ୱ ଦେଉଥିଲା। ପୁଅଟି ତା ସ୍ତ୍ରୀକୁ ବହୁତ ଭଲପାଉଥିଲା,ପାଖକୁ ଆଣିବାକୁ ଯେତେ ଚେଷ୍ଟା କଲା ବିଫଳ ହେଲା। ଯୁକ୍ତି ତର୍କ,ବାଦ ବିବାଦ, କୋର୍ଟ କଚେରୀ, ଫ୍ୟାମିଲି କୋର୍ଟରୁ ଜୁଡିସିଆଲ କୋର୍ଟ ଧାଇଁ ଧାଇଁ ପୁଅଟି ଘୋଷାଡି ହେଉଥିଲା, ମାନସିକ ଭାବେ ଭାଙ୍ଗି ପଡୁଥିଲା, ତା ସହିତ ତା ଅସହାୟ ବୃଦ୍ଧ ବାପା ମାଆ ବି ଦୟନୀୟ ଜୀବନ ବଞ୍ଚୁଥିଲେ ।ଜର୍ମାନ୍‌ରେ ଚାକିରି କରୁଥିବା ପୁଅ ଓଡ଼ିଶାକୁ ଆସି ତାରିଖ ଦିନ ପହଞ୍ଚି ପାରୁନଥିଲା। କୋର୍ଟରେ ନପହଞ୍ଚିଲେ ତା ନାଁରେ ୱାରେଣ୍ଟ ହୋଇଯାଉଥିଲା। ପୋଲିସ ଆସି ବାପା ମାଆଙ୍କୁ ହଇରାଣ କରୁଥିଲେ। ସେପଟେ ପୁଅର ଚାକିରି ସହିତ ଏକୁଟିଆ ହତାସ ଜୀବନ, ଏପଟେ ବୃଦ୍ଧ ବାପା ମାଆଙ୍କ ଅସହାୟପଣ, ଅନ୍ୟ ପଟେ କୋର୍ଟର ତାରିଖ ଓ ବୋହୂର ଧମକ, ସମାଜରେ ଲୋକଙ୍କ ଟାହି ଟାପରା,ଏସବୁ ପାଇଁ ଦାୟୀ କିଏ କୁହନ୍ତୁ ତ ! ଭୁଲ କଣ ସେ ପୁଅର ଯିଏ ତା ସ୍ତ୍ରୀକୁ ପାଠ ପଢେଇ ତାକୁ ସମୃଦ୍ଧ ଜୀବନ ଭେଟିଦେଲା ନା ସେ ବାପା ମାଆଙ୍କର, ଯିଏ ପୁଅର ପ୍ରେମ, ପୁଅର ଖୁସିକୁ ଆପଣେଇ ନେଇ ବୋହୂ ଭାବେ ସ୍ୱୀକାର କରିଥିଲେ ?

ଯଦି ସ୍ତ୍ରୀକୁ ପୁନଃ ପ୍ରେମ ହୋଇଯାଏ ବା ସେ ସ୍ୱାମୀ ସହିତ ରହିବାକୁ ପସନ୍ଦ କରେନାହିଁ, ନିଶ୍ଚିତ ଭାବେ ସେ ସ୍ୱାମୀକୁ ଛାଡ଼ପତ୍ର ଦେବା ଉଚିତ। କିନ୍ତୁ ଆଜିକାଲି ତାହା ଘଟୁନାହିଁ ।ଏବେ ଗୋଟେ ନୂଆ ଆଇନ ବାହାର କରିଛନ୍ତି କିଛି ଅସନ୍ତୋଷ ନାରୀମାନେ 'ମୁଁ ସ୍ୱାମୀକୁ ଛାଡ଼ିବି ନାହିଁ କି ସ୍ୱାମୀ ସହିତ ରହିବାର ନାହିଁ'। ସ୍ୱାମୀ ରହିବ ସମ୍ପତ୍ତି ଓ ଅଧିକାର ଭାବରେ, ପ୍ରେମିକ ରହିବେ ଆମୋଦ ଜୀବନ ଭାବରେ। ଏଠି କେବଳ ଜିଅନ୍ତା ଶବ ଭଳି ଜୀବନ କାଟିବେ, ପୁଅ ଜନ୍ମ କରିଥିବା ବାପା ମାଆମାନେ। ଝିଅର ବାପଘର ଲୋକମାନେ ସଣ୍ଣା ଶିଖାଇବା ବଦଳରେ ଏଭଳି ସ୍ୱଭାବର ଝିଅକୁ ମଧ ସମର୍ଥନ ଦେଉଛନ୍ତି ଓ ଜ୍ୱାଇଁ ଉପରେ ପାଲଟା ଅଭିଯୋଗ ଆଣି, କୋର୍ଟ କଚେରୀକୁ ଟାଣି ମାନସିକ ଭାବେ ଏତେ ଦୁର୍ବଳ କରିଦେଉଛନ୍ତି ଯେ ଅନେକ ସ୍ଥାନରେ ପୁରୁଷମାନେ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି। କାରଣ ପୁରୁଷଟିଏ ନିର୍ଦ୍ଦୋଷ ଥାଇ ମଧ ଆଇନ ପାଖରୁ ନ୍ୟାୟ ପାଉନାହିଁ। ଏଭଳି କାହାଣୀ କେବଳ ସେ ପ୍ରଧାନଶିକ୍ଷକ ମଉସାଙ୍କର ନୁହେଁ, ଓଡ଼ିଶାରେ ଅନେକ ଅସହାୟ ବୃଦ୍ଧ ବାପ ମାଆଙ୍କର, ଯେଉଁମାନଙ୍କ ଆଖିରୁ ଲୁହ ଶୁଖୁନାହିଁ ଓ ଅନ୍ଧ ଆଇନକୁ ତାଙ୍କ ଲୁହ ଦେଖା ଯାଉନାହିଁ। ଯେଉଁ ଭଉଣୀମାନେ ଗୋଟେ ପରିବାରକୁ ଭାଙ୍ଗିରୁଜି ଛାରଖାର କରୁଛନ୍ତି ନିଜର କାମନା ଓ ସ୍ୱାର୍ଥ ପାଇଁ, ଥରେ ଅନ୍ତତଃ ନିଜ ବାପା ମାଆଙ୍କ ମୁହଁକୁ ଚାହିଁ ଶାଶୁ ଶ୍ୱଶୁରଙ୍କ କଥା ମନେ ପକାନ୍ତୁ। ସେମାନଙ୍କର ଦୋଷ କଣ ? ସ୍ୱାମୀ,ସ୍ତ୍ରୀଙ୍କ ଅସନ୍ତୋଷ ବା ମତାନ୍ତର ଭିତରେ ବାପା ମାଆ କାହିଁକି ବଳି ପଡୁଛନ୍ତି ।ସେମାନଙ୍କ ଆଖିରେ ଲୁହ କାହିଁକି ? ଏ ଲୁହ ଅଭିଶାପ ହୋଇ ଯିବନି ତ ?

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଶୀତଦିନେ ନିଜକୁ ଫିଟ୍ ରଖିବା ପାଇଁ ଆପଣାନ୍ତୁ ଏହି ସହଜ ବ୍ୟାୟାମ

**ଶୀତଦିନେ ନିଜକୁ ଫିଟ୍ ରଖିବା ପାଇଁ ଶିଖନ୍ତୁ ସରଳ ଉପାୟରେ ଯୋଗଶିକ୍ଷା । ବ୍ୟାୟାମ କେବଳ ଶରୀରକୁ ଗରମ ରଖିବାରେ ସାହାଯ୍ୟ କରେ ନାହିଁ, ବରଂ ରୋଗ ପ୍ରତିରୋଧକ ଶକ୍ତି ମଧ ଦୃଢ଼ କରିଥାଏ, ଯାହାଫଳରେ ଆପଣ ଥଣ୍ଡା ଏବଂ କାଶ ଭଳି ସଂକ୍ରମଣରୁ ସୁରକ୍ଷିତ ରହିପାରିବେ । ସେହିପରି ଏଠାରେ କିଛି ବ୍ୟାୟାମ ଅଛି ଯାହାକୁ ଆପଣ ଘରେ ସହଜରେ କରିପାରିବେ ଏବଂ ନିଜକୁ ଫିଟ୍ ରଖିପାରିବେ । ଆସନ୍ତୁ ସେଗୁଡ଼ିକ ବିଷୟରେ ଜାଣିବା...**



ଶୀତଦିନେ ଅଧିକ ଥଣ୍ଡା କାରଣରୁ ଯଦି ଅଳସୁଆ ଲାଗୁଛି ତେବେ ସ୍କ୍ୱାଟସ୍, ପୁସ୍-ଅପ୍ ଏବଂ ପ୍ଲାଙ୍କ ଭଳି ସହଜ ବ୍ୟାୟାମ କରନ୍ତୁ ଯାହା ଶରୀରକୁ ଗରମ ଏବଂ ମାଂସପେଶୀକୁ ଶକ୍ତିଶାଳୀ କରିଥାଏ । ଏହା ପେଟର ଚର୍ବି କମ କରିବାରେ ମଧ ସହାୟକ ହୋଇଥାଏ । ଏହା ମେଟାବୋଲିଜିମ୍ ବୃଦ୍ଧି କରିବ ଏବଂ ଶୀତଦିନେ ମଧ ଆପଣ ଶକ୍ତିଶାଳୀ ରହିବେ ।

ଏହାବ୍ୟତୀତ ସୂର୍ଯ୍ୟ ନମସ୍କାର ଏବଂ ପାହାଚ ଚଢ଼ିବା ଏବଂ ତଳକୁ ଓହ୍ଲାଇବା ମଧ ଅତ୍ୟନ୍ତ ଲାଭଦାୟକ ଅଟେ । ପ୍ରତିଦିନ ୫-୧୦ ରାଉଣ୍ଡ ସୂର୍ଯ୍ୟ ନମସ୍କାର କରିବା ଦ୍ୱାରା ଶରୀର ସୁସ୍ଥ ରଖେ ଏବଂ ମାନସିକ ଶାନ୍ତି ପ୍ରଦାନ କରେ । ଶୀତଦିନେ ଅତ୍ୟଧିକ ଥଣ୍ଡା ହେତୁ ବାହାରକୁ ଯିବା କଷ୍ଟକର ହୋଇଥାଏ କିନ୍ତୁ ଆପଣ ବାହାରକୁ ନଯାଇ ନିଜ ଘରେ ଏହି ସହଜ ବ୍ୟାୟାମଗୁଡ଼ିକ କରିପାରିବେ । ତେବେ ଆପଣ ଫିଟ୍ ଏବଂ ଫାଇନ ରହିବେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୯ ଜାନୁଆରୀ ୨୦୨୫, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରବାସରେ ଭାରତୀୟ ବନ୍ଦୀ...

ୟେମେନ୍ ନାଗରିକଙ୍କୁ ହତ୍ୟା ଅଭିଯୋଗରେ ପ୍ରବାସୀ ଭାରତୀୟ ନର୍ସ ନିମିଶା ପ୍ରିୟାଙ୍କୁ ଦୋଷୀ ସାବ୍ୟସ୍ତ କରି ୟେମେନ୍‌ର ଏକ ଅଦାଲତ ଦେଇଥିବା ମୃତ୍ୟୁଦଣ୍ଡାଦେଶ ଖବର ନିକଟରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏଭଳି କେତେକ ଘଟଣା ଏବଂ ମୁକ୍ତିର ଶେଷ ଅସ୍ତ୍ର – 'ବ୍ଲଡ୍‌ମନି' ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏଥିପୂର୍ବରୁ ଗୁପ୍ତଚର ବୃତ୍ତି ଅଭିଯୋଗରେ କତାରର ଉଚ୍ଚ ନ୍ୟାୟାଳୟ ଦ୍ୱାରା ମୃତ୍ୟୁଦଣ୍ଡରେ ଦଣ୍ଡିତ ଭାରତର ଆଠଜଣ ପୂର୍ବତନ ନୌସେନା ଅଧିକାରୀ ଭାରତର ହସ୍ତକ୍ଷେପ ପରେ ମୁକୁଳିଛନ୍ତି। ସେହିପରି ପାକିସ୍ତାନରେ ସମାନ ଦଣ୍ଡରେ ଦଣ୍ଡିତ ପୂର୍ବତନ ଭାରତୀୟ ନୌସେନା ଅଧିକାରୀ କୁଲଭୂଷଣ ଯାଦବଙ୍କୁ ମୁକୁଳାଇବା ପାଇଁ ଭାରତ ଆନ୍ତର୍ଜାତିକ ଅଦାଲତର ଆଶ୍ରୟ ନେଇଥିବାରୁ ମୃତ୍ୟୁଦଣ୍ଡାଦେଶ ସ୍ଥଗିତ ରହି ମାମଲାର ଶୁଣାଣି ଚାଲିଛି। ଏହିପରି ବିଶ୍ୱର ଅନେକ ଦେଶରେ ପ୍ରବାସୀ ଭାରତୀୟମାନେ ବିଭିନ୍ନ ଅଭିଯୋଗରେ ବନ୍ଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ମୃତ୍ୟୁଦଣ୍ଡକୁ ଅପେକ୍ଷା କରି ରହିଛନ୍ତି। ଦଣ୍ଡାଦେଶ ପଛରେ ଥିବା ଅଭିଯୋଗର ସତ୍ୟତା କେତେ, ଦଣ୍ଡାଦେଶ କେତେ ଯୁକ୍ତିଯୁକ୍ତ, ତାହା ସମ୍ପୃକ୍ତ ଦେଶର ଆଇନ କାନୁନ ଉପରେ ନିର୍ଭର କରୁଛି। ଏଭଳି କେତେ ପ୍ରବାସୀ ଭାରତୀୟ ବିଦେଶରେ ଦଣ୍ଡିତ ହୋଇଛନ୍ତି, ସେମାନଙ୍କ ସମ୍ପର୍କରେ ସୂଚନା କିଭଳି ମିଳୁଛି, ମୁକୁଳାଇବାର ବ୍ୟବସ୍ଥା କ'ଣ ରହିଛି ତାହା କିଞ୍ଚିତ ଆଲୋଚନାର ଅପେକ୍ଷା ରଖେ। ମୂଳ ଭୂଖଣ୍ଡ ବା ଜନ୍ମଭୂମିରୁ ଯାଇ ବିଭିନ୍ନ ଦେଶରେ ବସତି ସ୍ଥାପନ ଧାରାରେ ଭାରତୀୟମାନେ ସବୁଠାରୁ ଆଗରେ ଅଛନ୍ତି। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୦୨୩ ସୁଦ୍ଧା ପ୍ରାୟ ୨୧୦ଟି ଦେଶରେ ୩ କୋଟି ୨୨ ଲକ୍ଷ ୮୫ ହଜାର ୪୨୫ ଜଣ ଭାରତୀୟ ସ୍ଥାୟୀ ବସତି ସ୍ଥାପନ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ୧ କୋଟି ୩୬ ଲକ୍ଷ ୧ ହଜାର ୭୮୦ ଏବଂ ଭାରତୀୟ ବଂଶୋଦ୍ଭବଙ୍କ ସଂଖ୍ୟା ୧ କୋଟି ୮୬ ଲକ୍ଷ ୮୩ ହଜାର ୬୪୫। ସେହିପରି ବିଶ୍ୱର ବିଭିନ୍ନ ଜେଲ୍‌ରେ ବନ୍ଦୀ ଥିବା ବିଦେଶୀ ନାଗରିକଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ। ୨୦୨୩ ଡିସେମ୍ବର ୮ ତାରିଖରେ ଲୋକସଭାରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି ମୁରଲୀଧରନ୍ ଦେଇଥିବା ସୂଚନା ଅନୁଯାୟୀ, ସମ୍ପ୍ରତି ବିଶ୍ୱର ବିଭିନ୍ନ ଦେଶର ୮୯ଟି ଜେଲ୍‌ରେ ୯୫୨୧ ଭାରତୀୟ କଏଦୀ ଅଛନ୍ତି। ମଧ୍ୟପ୍ରାଚ୍ୟରେ ସର୍ବାଧିକ ୬୨% ଭାରତୀୟ କଏଦୀ ଅଛନ୍ତି। ମଧ୍ୟପ୍ରାଚ୍ୟରେ ପ୍ରତି ୫ ଜଣ ଭାରତୀୟଙ୍କ ମଧ୍ୟରୁ ୩ଜଣ ଜେଲ୍‌ରେ ଥିବା ବେଳେ କତାରରେ ବିଭିନ୍ନ ଦେଶର ମୋଟ କଏଦୀମାନଙ୍କ ମଧ୍ୟରୁ ଭାରତୀୟଙ୍କ ସଂଖ୍ୟା ତୃତୀୟ ସର୍ବାଧିକ। ରାଷ୍ଟ୍ରୱାରି ହିସାବ ଅନୁଯାୟୀ, ସାଉଦୀ ଆରବରେ ସର୍ବାଧିକ ୨୨୦୦, ୟୁଏଇରେ ୨୧୪୩, କତାରରେ ୭୫୨, କୁଏତ୍‌ରେ ୪୧୦, ବାହାରିନ୍‌ରେ ୩୧୦ ଓ ଓମାନ୍‌ରେ ୧୩୫ ଜଣ ପ୍ରବାସୀ ଭାରତୀୟ ବନ୍ଦୀ ଅଛନ୍ତି। ସେହିପରି ନେପାଳରେ ୧୨୨୭, ମାଲେସିଆରେ ୩୦୯, ପାକିସ୍ତାନରେ ୩୦୮, ଚୀନ୍‌ରେ ୧୮୦, ସିଙ୍ଗାପୁରରେ ୮୬, ଭୁଟାନରେ ୫୯, ବାଂଲାଦେଶରେ ୪୭ -ଏହିପରି ଏସିଆର ବିଭିନ୍ନ ଦେଶରେ ମୋଟ ୧୨୨୭ ଜଣ ଏବଂ ୟୁକେରେ ୨୭୮, ଇଟାଲୀରେ ୧୬୫, ଜର୍ମାନୀରେ ୭୭, ଫ୍ରାନ୍ସରେ ୪୦ ଓ ସ୍ପେନ୍‌ରେ ୩୦ ଜଣ ପ୍ରବାସୀ ଭାରତୀୟ ବନ୍ଦୀ ଅଛନ୍ତି। ଅନେକ ଦେଶ ଗୋପନୀୟତା ଆଇନ ବଳରେ ଏ ସମ୍ପର୍କିତ ପର୍ଯ୍ୟାପ୍ତ ସୂଚନା ଦେଉ ନଥିବାରୁ ପ୍ରବାସୀ ଭାରତୀୟ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ହୋଇପାରେ। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବିଦେଶରେ କୌଣସି ପ୍ରବାସୀ ଭାରତୀୟ କିମ୍ବା ଭାରତୀୟ ମୂଳୋଦ୍ଭବ କିମ୍ବା ଭିସାରେ ରହୁଥିବା ଭାରତୀୟ ନାଗରିକ କୌଣସି କାରଣରୁ ସେଠାରେ ଗିରଫ କିମ୍ବା ବନ୍ଦୀ କିମ୍ବା ଦଣ୍ଡିତ ହେଲେ ସେ ସମ୍ପର୍କରେ ଭାରତୀୟ କର୍ତ୍ତୃପକ୍ଷଙ୍କୁ ସୂଚନା ମିଳୁଛି କେମିତି ? ଏଥିପାଇଁ କ'ଣ ବ୍ୟବସ୍ଥା ରହିଛି ? 'ଇଣ୍ଡିଆନ୍ ମିଶନ୍ ଆଣ୍ଡ ପୋଷ୍ଟ' ନାମକ ସଂସ୍ଥା ଏ କ୍ଷେତ୍ରରେ ସତର୍କ ଦୃଷ୍ଟି ରଖିଛି। ସମ୍ପୃକ୍ତ ଦେଶର ଆଇନ କାନୁନ୍ ଭଙ୍ଗ ଅଭିଯୋଗରେ କୌଣସି ଭାରତୀୟ ଗିରଫ ହେବାର ଖବର ମିଳିବା ମାତ୍ରେ ଏହି ସଂସ୍ଥା ସମ୍ପୃକ୍ତ ଦେଶର ବୈଦେଶିକ ବ୍ୟାପାର ଅଧିକାରୀ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ ରକ୍ଷା କରି ଭାରତୀୟ ବନ୍ଦୀଙ୍କୁ ଯଥାସାଧ୍ୟ ସହାୟତା ପାଇଁ ଉଦ୍ୟମ କରୁଛି। ଘଟଣା ସମ୍ପର୍କରେ 'ଇଣ୍ଡିଆନ୍ ମିଶନ୍ ଆଣ୍ଡ ପୋଷ୍ଟ' ଦ୍ୱାରା ଅବଗତ ହେବା ପରେ ଭାରତୀୟ ବୈଦେଶକ ବ୍ୟାପାର ମନ୍ତ୍ରଣାଳୟ ଉକ୍ତ ଦେଶ ସହିତ ପରବର୍ତ୍ତୀ ଆଇନଗତ, ନ୍ୟାୟିକ ବ୍ୟବସ୍ଥା ଓ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରୁଛି। ଯେଉଁଠାରେ ଅଧିକ ସଂଖ୍ୟକ ଭାରତୀୟ ବସବାସ କରୁଛନ୍ତି ସେଠାରେ 'ଇଣ୍ଡିଆନ୍ ମିଶନ୍ ଆଣ୍ଡ ପୋଷ୍ଟ' ପକ୍ଷରୁ ଏକ ଆଇନଜୀବୀ ପରିଷଦ ସ୍ଥାପନା କରାଯାଇଛି। ଏହି ପରିଷଦ ବନ୍ଦୀ ଭାରତୀୟଙ୍କୁ ବିନା ମୂଲ୍ୟରେ ଆଇନଗତ ସେବା ଯୋଗାଇ ଦେଉଥିବା ବେଳେ ମାମଲାର ପରିଚାଳନା ଖର୍ଚ୍ଚ ଓ ବନ୍ଦୀଙ୍କୁ ମୁକୁଳାଇ ନିଜ ସ୍ଥାନକୁ ପଠାଇବା ଆଦି ଖର୍ଚ୍ଚ ବହନ କରିବା ପାଇଁ 'ଇଣ୍ଡିଆନ୍ ୱେଲ୍‌ଫେୟାର ଫଣ୍ଡ' ଗଠନ କରାଯାଇଛି। ଏହି ପ୍ରକ୍ରିୟାରେ ଭାରତ ସରକାର ମଧ୍ୟ ସହାୟତା ପ୍ରଦାନ କରୁଛନ୍ତି।

## ଶାମ୍ବ ଦଶମୀର ନିଦାନ

### ଭୋଳାନାଥ ସାହୁ



"ଜପା କୁସୁମ ଶଙ୍କାଶଂ
କାଶ୍ୟପେୟଂ ମହାଦ୍ୟୁତିମ୍
ତ ମୋରିଂ ସର୍ବ ପାପାଘ୍ନଂ
ପ୍ରଣାତୋସ୍ମି ଦିବାକରଂ।"

କଶ୍ୟପ ଋଷିଙ୍କ ଠାରୁ ଉତ୍ପନ୍ନ ଅନ୍ଧକାର ଯାହାଙ୍କର ଚିରଶତ୍ରୁ, ଅନ୍ଧକାରକୁ ନାଶକରିବାର ଅସମାପ୍ତି ଶକ୍ତିର ଅଧିକାରୀ, କୃପା ଦୃଷ୍ଟିରେ ନିର୍ମଳ-ପବିତ୍ର ସକଳ ପାପର ବିନାଶକାରୀ, ଜୀବଜଗତର ମଙ୍ଗଳକର୍ତ୍ତା, ସକଳ ସୃଷ୍ଟିର ଆଧାର ଦିନନାଥ ସୂର୍ଯ୍ୟଦେବ ଭଗବାନଙ୍କୁ ଆମେ ଭକ୍ତିପୁତ ନମସ୍କାର କରିଥାଉଁ। ସୂର୍ଯ୍ୟଦେବଙ୍କ ନିମନ୍ତେ ଓଡ଼ିଶାରେ ସୂର୍ଯ୍ୟମନ୍ଦିର କୋଣାର୍କ ପ୍ରତିଷ୍ଠା କରାଯାଇଛି। ଯାହା ବିଶ୍ୱର ଶପ୍ତାଶ୍ଚର୍ଯ୍ୟ ମଧ୍ୟରେ ଅନ୍ୟତମ। ଯେଉଁ ସୂର୍ଯ୍ୟକ୍ଷେତ୍ରର ସୂର୍ଯ୍ୟଦେବଙ୍କୁ ଉପାସନା ଓ ପୂଜାଆରାଧନା କରି ଯୁଗସ୍ରଷ୍ଟା ଶ୍ରୀକୃଷ୍ଣଙ୍କର ଦ୍ୱିତୀୟ ପାଟରାଣୀ ଜାମ୍ବବତୀ ଗର୍ଭଜାତ ସନ୍ତାନ ଶାମ୍ବ ପିତାଙ୍କ ଅଭିଶାପଗ୍ରସ୍ତ ଗଳିତ କୁଷ୍ଠ ରୋଗରୁ ମୁକ୍ତିଲାଭ କରିଥିଲେ। ପୌଷ ମାସର ଶୁକ୍ଳପକ୍ଷ ଦଶମୀ ତିଥିରେ ଶାମ୍ବ କୁଷ୍ଠରୁ ମୁକ୍ତିଲାଭ କରିଥିବାରୁ ଏହି ଦିନଟିକୁ ଶାମ୍ବଦଶମୀ ଭାବରେ ପାଳନ କରାଯାଏ। ଏଥିପାଇଁ ଶାମ୍ବଙ୍କୁ ଦୀର୍ଘ ୧୨ ବର୍ଷ ଧରି ସୂର୍ଯ୍ୟଙ୍କୁ ପୂଜା ଓ ଉପାସନା କରିବାକୁ ପଡ଼ିଥିଲା। ଅନ୍ୟକେତେକଙ୍କ ମତରେ ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠାରାଣୀ ରକ୍ମିଣୀଙ୍କର ପୁତ୍ର ପ୍ରଦ୍ୟୁମ୍ନ ଉକ୍ତ ଦିନରେ ଶମ୍ବରାସୁରକୁ ବଦ୍ଧ କରିଥିବାରୁ 'ଶାମ୍ବଦଶମୀ' ପର୍ବ ପାଳନ କରାଯାଏ। ସୂର୍ଯ୍ୟଦେବତାଙ୍କୁ ସମ୍ମାନ ପ୍ରଦାନ ଉଦେଶ୍ୟରେ, ଓଡ଼ିଶା ତଥା ସମଗ୍ର ଭାରତବର୍ଷରେ ପାଳନ କରାଯାଉଥିବା 'ଶାମ୍ବଦଶମୀ' ପର୍ବ ଏକ ପବିତ୍ର ଏବଂ ଯୁଗୋପଯୋଗୀ ସାମାଜିକ ଉତ୍ସବ। ପ୍ରତ୍ୟେକ ମା' ତାଙ୍କର ସନ୍ତାନଙ୍କୁ ରୋଗମୁକ୍ତି ଓ ଉତମ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସୂର୍ଯ୍ୟଦେବତାଙ୍କୁ ପୂଜା ଆରାଧନା କରିବା ବିଧି ଏବେ ମଧ୍ୟ ସମାଜରେ ଘରେ ଘରେ ପ୍ରଚଳିତ ଅଛି।

ମାତୃତ୍ୱ ପ୍ରତ୍ୟେକ ନାରୀର କାମନା। ଯେଉଁଥିରେ ସେ ନିଜନାରୀ ଜନ୍ମର ସାର୍ଥକତା ପ୍ରତିପାଦନ କରିଥାଏ। ଶ୍ରୀକୃଷ୍ଣଙ୍କର ଅଷ୍ଟପାଟରାଣୀ ମଧ୍ୟରୁ ଦ୍ୱିତୀୟ ପାଟରାଣୀ ଜାମ୍ବବତୀ ଗର୍ଭରୁ ପୁତ୍ରଟିଏ ପାଇବା ପାଇଁ ଶ୍ରୀକୃଷ୍ଣ କାମନା କଲେ। ଶିବଙ୍କ ଦ୍ୱାରା ତାଙ୍କୁ ସଫଳତାର ଆଶୀର୍ବାଦ ମିଳିଲା। ଜାମ୍ବବତୀ ଯଥାସମୟରେ ଗର୍ଭବତୀ ହେଲେ। ଶିବଙ୍କର ଆଶୀର୍ବାଦର ରୂପ 'ଆରାଧନାରିଷଭର' ସଦୃଶ ଥିଲା। ଯେଉଁ ରୂପକୁ 'ଶାମ୍ବ' କୁହାଯାଏ। ତଦନୁଯାୟି ଜାମ୍ବବତୀ ସଠିକ ସମୟରେ ଜନ୍ମ ଦେଇଥିବା ପୁତ୍ରର ନାମ ଶାମ୍ବ ରଖାଗଲା। ଶାମ୍ବ ଶିବଙ୍କ ଆଶିର୍ବାଦ ଲବ୍ଧପୁତ୍ର। ଜନ୍ମରୁ ସେ ଅତ୍ୟନ୍ତ ସୁନ୍ଦର ଥିଲା। ଶାମ୍ବ ନିଜ ରୂପକୁ ନେଇ ଆତ୍ମବଡ଼ିମା ଅହଂଭାବ ପ୍ରଦର୍ଶନ କରିଆସୁଥିଲା। ଶ୍ରୀକୃଷ୍ଣଙ୍କ ଜ୍ଞାନଭକ୍ତିର ପରିପନ୍ଥୀ ଏବଂ ଆତ୍ମା ବୋଲି କୁହାଯାଉଥିବା ଗୋପାଙ୍ଗନା ମାନଙ୍କୁ ପିତା କୃଷ୍ଣଙ୍କ ଅନୁପସ୍ଥିତିରେ ଶାମ୍ବ ଅସଦାଚରଣ କରିଥିଲେ। ପିତା ଭଗବାନ ଶ୍ରୀକୃଷ୍ଣ ଏଥିରେ ତୀବ୍ର ମର୍ମାହତ ହୋଇ ପୁତ୍ର ଶାମ୍ବଙ୍କୁ ଅଭିଶାପ ଦେଇଥିଲେ। ଶାମ୍ବ ! ତୁ ନିଜ ସୌନ୍ଦର୍ଯ୍ୟପଣର ବଡ଼ିମା ଦେଖାଉଛୁ ଓ ସୁନ୍ଦରପଣର ମୋହରେ ଅନ୍ଧ ହୋଇ ଯାଇଛୁ। ତେଣୁ ଶ୍ରୀକୃଷ୍ଣ ଶାମ୍ବଙ୍କୁ ଗଳିତକୁଷ୍ଠ ବ୍ୟାଧିରେ ଆକ୍ରାନ୍ତ ହୁଅ ବୋଲି ଅଭିଶାପ ଦେଇଥିଲେ। ପରିଣାମରେ ପିତାଙ୍କ ଅଭିଶାପ ଦିନଠାରୁ ଶାମ୍ବ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ। ଶାମ୍ବ ନିଜର ଭୟଙ୍କର କୁଷ୍ଠ ବ୍ୟାଧିକୁ ଦେଖି ସେଥିରୁ ରକ୍ଷା ପାଇବା ପାଇଁ ବ୍ୟାକୁଳ ହୋଇପଡ଼ିଥିଲେ। ନାରଦ ଏହି ଦୃଶ୍ୟକୁ ହୃଦୟଙ୍ଗମ କରି ଶ୍ରୀକୃଷ୍ଣଙ୍କୁ ଅନୁରୋଧ ପୂର୍ବକ ଶାମ୍ବଙ୍କୁ କୁଷ୍ଠ ବ୍ୟାଧିରୁ ରକ୍ଷା ପାଇବାର ଉପାୟ ଜଣାଇବାକୁ ଅନୁରୋଧ କଲେ। ଶ୍ରୀକୃଷ୍ଣ କୋଣାର୍କର ଅର୍କକ୍ଷେତ୍ର ବା ସୂର୍ଯ୍ୟକ୍ଷେତ୍ରକୁ ଯାଇ ଉପାସନା କଲେ ମୁକ୍ତି ପାଇବ ବୋଲି ଦର୍ଶାଇଲେ। ସେହିଅନୁସାରେ ଶାମ୍ବ କୋଣାର୍କର ସୂର୍ଯ୍ୟକ୍ଷେତ୍ରକୁ ଯାଇ ସୂର୍ଯ୍ୟଦେବଙ୍କୁ ଉପାସନା ଓ ପୂଜା ଆରମ୍ଭ କଲେ। ୧୨ ବର୍ଷ ଉପାସନା କରିବା ପରେ ପୌଷମାସ ଶୁକ୍ଳପକ୍ଷ ଦଶମି ତିଥିରେ ମୁକ୍ତିଲାଭ କରିଥିଲେ। ମହାଭାରତର ମୂଷଳ ପର୍ବ ଅନୁଯାୟୀ ଶାମ୍ବ ନିଜର ମାତୃହସ୍ତରେ ମୃତ୍ୟୁ ହେବ ବୋଲି ଋଷିଙ୍କ ଦ୍ୱାରା ଅଭିଶାପ ପାଇଥିଲେ। ବିମାତା ଓ ଗୋପାଙ୍ଗନା ମାନଙ୍କୁ ବେଖାତିର କରି ପିତା ଶ୍ରୀକୃଷ୍ଣଙ୍କ ଅଭିଶାପ ପାଇ ପରିଣାମ ଭୋଗ କରିଥିଲେ। ସେହିପରି ଶାମ୍ବ ନିଜ ବନ୍ଧୁ ମାନଙ୍କ ସହିତ ଋଷି ଶ୍ରେଷ୍ଠ ବିଶ୍ୱାମିତ୍ର, ଦୁର୍ବାସା, ବଶିଷ୍ଠ ଓ ନରଦାଙ୍କୁ ଥଟା କରି ଯଦୁବଂଶ ଧ୍ୱଂସର କାରଣ ହୋଇଥିଲେ।



ବ୍ରହ୍ମାଣ୍ଡ ପୁରାଣ ମତରେ ଗୌତମ ନାମକ ବ୍ରାହ୍ମଣଙ୍କ ପତ୍ନୀ ପଦ୍ମମୁଖୀ ତିନୋଟି ସନ୍ତାନଙ୍କୁ ହରାଇବା ପରେ ସ୍ୱାମୀ ତପସ୍ୱୀ ଗୌତମଙ୍କ ପରାମର୍ଶରେ ପତ୍ନୀ ପଦ୍ମମୁଖୀ ଅର୍କକ୍ଷେତ୍ର କୋଣାର୍କରେ ଉପାସନା କରି ପୁନର୍ବାର ପୁତ୍ରଟିଏ ପାଇଥିଲେ। ସେ ଏହିପୁତ୍ର ଉପାସନାକୁ ପୌଷମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଆରମ୍ଭ କରି ଫଳପ୍ରଦ ହୋଇଥିଲେ। ଭଗବାନ ସୂର୍ଯ୍ୟନାରାଣ ପଦ୍ମମୁଖୀର ଉପାସନାରେ ସନ୍ତୁଷ୍ଟ ହୋଇ ସୂର୍ଯ୍ୟପୂଜାର ନୀତିକାନ୍ତି ସମ୍ପର୍କରେ ଦର୍ଶାଇବାକୁ ଯାଇ କହିଥିଲେ – ୭ଟି ସୂର୍ଯ୍ୟର ମଣ୍ଡଳ, ୭ ବର୍ଣ୍ଣର ପୁଷ୍ପ, ୭ ପ୍ରକାରର ଫଳ, ୭ ପ୍ରକାରର ପିଠାପଣା ପ୍ରସ୍ତୁତ କରି ୩ଧୂପ ବିଦ୍ଧି (ପ୍ରାତଃ, ମଧାହ୍ନ, ସନ୍ଧ୍ୟା) ଅନୁଯାୟି ପୂଜାକଲେ ସୁଫଳ ମିଳିବ। ଏହିବିଧି ଅନୁଯାୟୀ ଆଜିର ସମାଜର ମା' ମାନେ ନିଜର ସନ୍ତାନର ସୁରକ୍ଷା ଅଥବା ସନ୍ତାନପ୍ରାପ୍ତି ନିମନ୍ତେ ସୂର୍ଯ୍ୟପୂଜା କରୁଅଛନ୍ତି।

ସୂର୍ଯ୍ୟଦେବ ଅର୍ଘ୍ୟର ଦେବତା। ପ୍ରାତଃ ମୁହୂର୍ତ୍ତରେ ସୂର୍ଯ୍ୟଦେବଙ୍କୁ ଭକ୍ତିର ଅର୍ଘ୍ୟ ଅର୍ପଣ କଲେ, ୩ ଧୂପ ପ୍ରଦାନ ପୂର୍ବକ ଉପାସନା କଲେ ସମସ୍ତ ଆଶାର ପରିପୁରଣ ହୋଇଥାଏ। ବିଶେଷତଃ, ସନ୍ତାନପ୍ରାପ୍ତି ଓ ସନ୍ତାନଙ୍କ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଏହିପୂଜା ବିଧି ପାଳନ କରାଯାଏ। ଯେଉଁ ମହିଳା ଏହି ବ୍ରତ ପାଳନ କରନ୍ତି ସେମାନଙ୍କୁ ରାତ୍ରି ଭୋଜନ ବାର୍ଜନୀୟ। ସୂର୍ଯ୍ୟଦେବତାଙ୍କ ଉଦେଶ୍ୟରେ ସମର୍ପିତ ପ୍ରସାଦ ସମସ୍ତଙ୍କ ମଧ୍ୟରେ ବଂଟନ କଲେ ସୌଭାଗ୍ୟ ମିଳିଥାଏ। ସୂର୍ଯ୍ୟଦେବଙ୍କ ତ୍ରୀକାଳ ସନ୍ଧ୍ୟାରେ ଓଡ଼ିଆ ଘରେ ଏକ ସମସ୍ତ ପରିବା ମିଶ୍ରିତ ଘଡ଼ଗଡ଼ିଆ ତରକାରି ଓ ପିଠା ପ୍ରସ୍ତୁତ କରି ସୂର୍ଯ୍ୟଦେବତାଙ୍କୁ ସମର୍ପଣ କରି ନିସନ୍ତାନ ଦୋଷରୁ ମୁକ୍ତି ପାଇଥାନ୍ତି। ସେଦିନର ପ୍ରସ୍ତୁତ ଏହି ମଣ୍ଡାପିଠା ଓ ଘଡ଼ଘଡ଼ିଆ ତରକାରୀ ଭୋଗ ଗାଁ ଗହଳିରେ ଶ୍ରଦ୍ଧାଳୁ ମାନେ ସେବନ କରି ଆନନ୍ଦ ଉପଭୋଗ କରିଥାନ୍ତି। ସମାଜରେ ପାଳିତ ସମସ୍ତ ପର୍ବରୁ ନୀତିକାନ୍ତି ଆମ ସଂସ୍କୃତିକୁ ସମୃଦ୍ଧ କରିରଖିଛି। ଏହାର ଯଥାର୍ଥ ପ୍ରଚାର ଓ ପ୍ରସାର ଆମ ସଂସ୍କୃତିର ଗର୍ବ ଓ ଗୌରବ ବୃଦ୍ଧିର ସ୍ୱାକ୍ଷର ବହନ କରିଛି।


ପ୍ରାକ୍ତନ ପ୍ରାଧ୍ୟାପକ ଓ
ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦


## ବସୁଧୈବକ କୁଟୁମ୍ବକମ୍ : ବିକଶିତ ଭାରତର ସଂକଳ୍ପନା

### ସୌର ଚନ୍ଦ୍ର ମହାପାତ୍ର



ଅନୁଭବ ଓ ଅନୁଭୂତିର କଥା ବଖାଣିବା ସହ ବିକଶିତ ଭାରତ ତିଆରି ପାଇଁ ନୂତନ ନକ୍ସା ଗଢ଼ିବା ସହ ପ୍ରବାସୀମାନେ ପ୍ରବାସୀ ଭାରତୀୟ ଦିବସରେ ଦିଗଦର୍ଶନ ଦେବାକୁ ଯାଉଛନ୍ତି। ୧୮ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱର ଠାରେ ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବ ଭାରତର ପ୍ରବେଶ ପଥ ଏବଂ ପ୍ରାକୃତିକ ସମ୍ପଦର ଗନ୍ତାଘର ହେଉଛି ଓଡ଼ିଶା। ୪୮୦ କିମି ବିସ୍ତୀର୍ଣ୍ଣ ବେଳାଭୂମି, ୪୮୦୦ କିମି ପରିବ୍ୟାପ୍ତ ନଦୀ, ପରିପୂର୍ଣ୍ଣ ଖଣିଜ ସମ୍ପଦ, ହଜାର ହଜାର ଏକର ଜଙ୍ଗଲ ହେଉଛି ଓଡ଼ିଶାର ଶକ୍ତି। କୁଶଳୀ ଓ ଦକ୍ଷ ମାନବ ସମ୍ବଳର ମଧ୍ୟ ଅଭାବ ନାହିଁ। ଏସବୁକୁ ଦେଖିଲେ ଓଡ଼ିଶା ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ନିବେଶ କ୍ଷେତ୍ରରେ ଏକ ଉତ୍ତମ ବିକଳ୍ପ। ପୂର୍ବରୁ ଅନେକ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। କିଛି କମ୍ପାନୀ ଶିଳ୍ପ ପ୍ରତିଷ୍ଠା କରି ନିଜର ଅଭିବୃଦ୍ଧି ସହ ଓଡ଼ିଶା ଅର୍ଥନୀତିରେ ମଧ୍ୟ ସଫଳ ଯୋଗଦାନ ଦେଉଛନ୍ତି। ଓଡ଼ିଶାରେ ପୁଞ୍ଜି ନିବେଶ କଲେ, ସମସ୍ତ ପ୍ରକାର ସହଯୋଗ ଯୋଗାଇବା ପାଇଁ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଯାହା ଏବେ ଶିଳ୍ପପତି ମାନଙ୍କୁ ପ୍ରଭାବିତ କରିଛି। ଓଡ଼ିଶାରେ ନିବେଶ କରିବା ଅର୍ଥ ଭବିଷ୍ୟତ ପାଇଁ ନିବେଶ ବୋଲି ମଧ୍ୟ ସେମାନେ ଅନୁଭବ କରିଛନ୍ତ। ତିନିଦିନିଆ କାର୍ଯ୍ୟକ୍ରମରେ **"Un raveling India's Best Kept Secret'** ଏବଂ **"Odisha - the Land of Opportunities'** ଆଦି ବିଷୟ ଉପରେ ଚକ୍ଷରଭବକ୍ୱଚ ଝରସ୍ୱଝସକ୍ଟଭ ଅନୁଷ୍ଠିତ ହେବ। ଏହା ସହିତ ଓଡ଼ିଶାର ଐତିହାସିକ ଗୌରବ, କଳା, ଭାସ୍କର୍ଯ୍ୟ, ସଂଗୀତ, ନୃତ୍ୟ, ଆଦିବାସୀ ସଂସ୍କୃତି, ଭାଷା, ସାହିତ୍ୟ, ପର୍ଯ୍ୟଟନ ସ୍ଥାନ ଆଦି ବିଭିନ୍ନ ବିଷୟ ଉପରେ ଡିଜିଟାଲ ଓ ଅନ୍ୟାନ୍ୟ ମାଧ୍ୟମରେ ଉପସ୍ଥାପନ କରାଯିବ। ଯାହା ପ୍ରବାସୀ ନିବେଶକଙ୍କୁ ଆକୃଷ୍ଟ କରିବ। ୨୦୩୬କୁ ଦୃଷ୍ଟିରେ ରଖି ଓଡ଼ିଶାର ଭିଜନକୁ ମଧ୍ୟ ଏଥିରେ ପ୍ରଦର୍ଶନ କରାଯିବ। ଏଥିସହ ଜାନୁଆରୀ ୨୮-୨୯ ଉତ୍କର୍ଷ ଓଡ଼ିଶଶ ମେକ ଇନ ଓଡ଼ିଶା କନକ୍ଲେଭ ୨୦୨୫ ଆୟୋଜନ ହେବାକୁ ଯାଉଛି। ଏଥିରେ ଯୋଗ ଦେଇ ଓଡ଼ିଶାରେ ନିବେଶ ପାଇଁ ମଧ୍ୟ ସରକାର ପ୍ରବାସୀ ନିବେଶକଙ୍କୁ ଆମନ୍ତ୍ରଣ କରିବେ। ଯାହାଫଳରେ ଓଡ଼ିଶାରେ ପୁଞ୍ଜି ନିବେଶର ବାଟ ଫିଟିବ ଓ ଓଡ଼ିଶା ଏକ ଶିଳ୍ପ ହବ ପାଲଟିବ। ଏହା ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ।

ପ୍ରବାସରେ ରହୁଥିବା ଭାରତୀୟଙ୍କ ଏହି ଭାବନାତ୍ମକ ସମ୍ପର୍କକୁ ଉତ୍ସବ ହିସାବରେ ପାଳନ କରିବାର ନିଷ୍ପତ୍ତି ନେଇଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୨୦୦୨ରେ। ମହାତ୍ମା ଗାନ୍ଧୀ ୧୯୧୫ ଜାନୁଆରୀ ୯ ତାରିଖରେ ଦକ୍ଷିଣ ଆଫ୍ରିକାରୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହି ଦିବସକୁ ଚୟନ କରାଯାଇଥିଲା 'ପ୍ରବାସୀ ଭାରତୀୟ ଦିବସ' ହିସାବରେ। ଚଳିତ ବର୍ଷ ଏହି ଦିବସର ପ୍ରତୀକ ସ୍ୱର ରହିଛି 'ବିକଶିତ ଭାରତର ସଂକଳ୍ପନା / ସଂରଚନାରେ ପ୍ରବାସୀ ଭାରତୀୟ ମାନଙ୍କ ଯୋଗଦାନ'। ହିସାବ କରାଯାଏ ଯେ ବିଭିନ୍ନ ଦେଶରେ ପ୍ରବାସୀ ଭାରତୀୟ ମାନଙ୍କ ସଂଖ୍ୟା ହେଉଛି ୩ କୋଟି ୫୪ ଲକ୍ଷ। ଅଣ ଆବାସିକ ଭାରତୀୟ ଓ ଭାରତୀୟ ମୂଳ ବାସିନ୍ଦା ଏହିଭଳି ଦୁଇ ଭାଗରେ ପ୍ରବାସୀ ଭାରତୀୟମାନେ ରହିଥାନ୍ତି। ଯେଉଁମାନେ ଭାରତରୁ ସାମୟିକ ଭାବରେ ଯାଇ ଅନ୍ୟ ଦେଶରେ ରହିଥାନ୍ତି, ସେମାନେ ଅଣଆବାସିକ ଭାରତୀୟ ହୋଇଥାନ୍ତି। ଯେଉଁ ମାନଙ୍କ ପୂର୍ବ ପୁରୁଷମାନେ ବହୁ ଆଗରୁ ଅନ୍ୟ ଦେଶକୁ ଯାଇ ସେଠାରେ ବିଭିନ୍ନ କାରଣରୁ ସ୍ଥାୟୀ ଭାବରେ ରହି ଯାଇଛନ୍ତି, ସେମାନଙ୍କୁ ଭାରତୀୟ ମୂଳ ବାସିନ୍ଦା ହିସାବରେ ପରିଗଣିତ କରାଯାଏ। ଉଭୟେ ଭାରତ ପାଇଁ ମୃଦୁ ଶକ୍ତି ହିସାବରେ ପରିଗଣିତ ହୁଅନ୍ତି। ବିଶ୍ୱ ରାଜନୀତିରେ ଏବେ ମୃଦୁ ଶକ୍ତିର ଗୁରୁତ୍ୱ ଖୁବ ଅଧିକ। ଭାରତୀୟମାନେ ପରିଶ୍ରମୀ, ବୁଦ୍ଧିମାନ, କର୍ମଠ ଓ ଶାନ୍ତିପ୍ରିୟ। ତେଣୁ ବିଦେଶରେ ମଧ୍ୟ ସେମାନଙ୍କ ଆଦର ଖୁବ ଅଧିକ।

ପ୍ରବାସୀ ଚମକିଲେ ହିଁ ଦେଶ ଚମକିବ। ୨୦୪୭ ସୁଦ୍ଧା ବିକଶତ ଭାରତ ଗଠନର ସ୍ୱପ୍ନ ପୁରା କରିବାରେ ପ୍ରବାସୀମାନେ ସାରଥୀ ସାଜିବେ। ପ୍ରବାସୀ ବିଦେଶରେ ରହି ଭାରତକୁ ଯେତିକି ପାଣ୍ଠି ପଠାଉଛନ୍ତି ତାହା ବିଶ୍ୱରେ ସବୁଠୁ ଅଧିକ। ପୂର୍ବୋଦୟର ବିକାଶ ପାଇଁ ଓଡ଼ିଶାରେ ପ୍ରବାସୀ ଉତ୍ସବ ପାଇଁ ନିଷ୍ପତ୍ତି ହୋଇଛି। ଓଡ଼ିଶାର ପର୍ଯ୍ୟଟନ, କଳା, ସଂସ୍କୃତି, ସ୍ଥାପତ୍ୟ, ଐତିହ୍ୟ ଓ ଶିଳ୍ପ ସମ୍ଭାବନାକୁ ବିଶ୍ୱ ଆଗରେ ପ୍ରଦର୍ଶିତ କରିବାକୁ ଏହାଠୁ ବଳି ଭଲ ସୁଯୋଗ ଆଉ ନାହିଁ। ବିଶ୍ୱକୁ ଓଡ଼ିଶା ଦେଖାଇବ ତାର ଅପାର ସମ୍ପଦ। ଅନୁପମ କଳା, ଭାସ୍କର୍ଯ୍ୟ, ଐତିହ୍ୟ ଓ ଆଧ୍ୟାତ୍ମିକ ଚେତନା। ଦେଶ ଓ ବିଦେଶର ଶିଳ୍ପପତି, ଯୁବ ଉଦ୍ୟୋଗୀ ଏ ସମ୍ଭାବନାର ମାଟିକୁ ପାଖରୁ ଦେଖିବେ। ଜମି, ଖଣିଜ ସମ୍ପଦ, ମାନବ ସମ୍ବଳ କିଛି ଅଭାବ ନାହିଁ। ଓଡ଼ିଶାରେ ନିବେଶ ହେଉଛି ଭବିଷ୍ୟତ ପାଇଁ ନିବେଶ। ଏ ଭରସା ଓ ବିଶ୍ୱାସ ନେଇ ଫେରିବେ ପ୍ରବାସୀ। ପ୍ରବାସୀ ଭାରତୀୟଙ୍କ ସହଯୋଗ କାମନା କରିବ ଓଡ଼ିଶା। ଆର୍ଥିକ, ବୈଷୟିକ ଏବଂ କୌଶଳ ସହଯୋଗ ମିଳିବ। ନିବେଶ ଆସିବ। ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବାକୁ ରାଜ୍ୟ କେଇ ପାଦ ଆଗକୁ ବଢ଼ିବ। ଆମ ରାଜ୍ୟ ଭାରତର ବିକାଶ ଇଞ୍ଜିନ ପାଲଟିବ। ବିଶ୍ୱ ନକ୍ସାରେ ଚମକିବ ଓଡ଼ିଶା।

ପ୍ରଥମଥର ପାଇଁ ଓଡ଼ିଶା ଭଳି ପୂର୍ବାଞ୍ଚଳ ରାଜ୍ୟରେ ଆୟୋଜିତ ହେଉଛି ଏଭଳି ଭବ୍ୟ ସମାରୋହ। ଓଡ଼ିଶାର ଅପାର ସମ୍ଭାବନାର ଗନ୍ତାଘର। ଏ ମହୋତ୍ସବରେ ସାରା ବିଶ୍ୱରୁ ୪ ହଜାର ଅତିଥି ଆସିଛନ୍ତି ଓଡ଼ିଶା। ବୁଧବାର ଏ ସମ୍ମିଳନୀର ପ୍ରଥମ ଦିନରେ ଓଡ଼ିଶା ସଂପର୍କିତ ଆଲୋଚନା ଓ ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହେବ। ପ୍ରବାସରେ ରହୁଥିବା ଭାରତୀୟମାନଙ୍କ ସହ ଓଡ଼ିଶା ନିବେଶ ସମ୍ଭାବନା ନେଇ ଏକ ଅଧିବେପଶନ ଆୟୋଜିତ ହେବ। ଯେଉଁମାନେ ଓଡ଼ିଶା ଆସୁଛନ୍ତି, ସେମାନେ ସମସ୍ତେ ଆମ ଅତିଥି, ବୃହତ୍ ଓଡ଼ିଆ ପରିବାରର ଅଂଶବିଶେଷ। ସେମାନେ ସମସ୍ତେ କେବଳ ଓଡ଼ିଶା ସମ୍ପର୍କରେ ଉତ୍ତମ ଅନୁଭବ ନେଇ ଫେରିବେ ନାହିଁ, ଓଡ଼ିଶାକୁ ହୃଦୟରେ ରଖି ଓଡ଼ିଶାର କିଛି କିଛି ଭଲପଣକୁ ସାଙ୍ଗରେ ନେଇ ଫେରନ୍ତୁ ଏହା ହିଁ କାମନା। ଓଡ଼ିଶା ସମସ୍ତ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ। ଅତିଥି ଦେବୋ ଭବଃ - ଅତିଥି ହିଁ ଦେବତା - ଏହା ହିଁ ତ ଆମ ସଂସ୍କୃତି।

ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟାଦଶ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ଓ ୧୦ ତାରିଖରେ ଉଦାଜପାନୀ ସମାରୋହରେ ମହାମହିମ ରାଷ୍ଟ୍ରପତି ଯୋଗ ଦେବେ। ଦ୍ୱିତୀୟ ଅଧିବେଶନରେ ପ୍ରବାସୀଙ୍କ ଦକ୍ଷତା କାହାଣୀ, ତୃତୀୟ ଅଧିବେଶନରେ ସବୁଜ ସଂଯୋଗ, ନିରନ୍ତର ବିକାଶରେ ପ୍ରବାସୀଙ୍କ ଅବଦାନ ଶୀର୍ଷକ ଚର୍ଚ୍ଚା ହେବ। ମହିଳା ନେତୃତ୍ୱ ଓ ପ୍ରଭାବ - ନାରୀ ଶକ୍ତି ଏବଂ ଶେଷ ତଥା ପଞ୍ଚମ ଅଧିବେଶନରେ ସଂସ୍କୃତି, ସଂଯୋଗ ଓ ସମ୍ପୃକ୍ତିର କାହାଣୀ ଶୀର୍ଷକରେ ଆଲୋଚନା ହେବ। ଭାରତ ଏକ ଭୂଗୋଳ ଆବଦ୍ଧ ଆୟତନର କ୍ଷେତ୍ର ନୁହେଁ ଏହା ଏକ ନିରନ୍ତର ଐତିହାସିକ ସଭ୍ୟତା ଯାହା ପ୍ରବାସୀ ଭାରତୀୟଙ୍କ ପ୍ରସଙ୍ଗକୁ ଜୈବିକ ସୂତ୍ରରେ ଗୁନ୍ଥି ରଖିବାରେ ସମର୍ଥ ହୋଇଛି। ମହାନ ଭାରତର ସଂସ୍କୃତି ତଥା ଗଣତନ୍ତ୍ର, ସମ୍ବିଧାନ, ମାନବ ସମ୍ବଳ ଓ ବ୍ୟାପକ ବଜାର ନାନା ପ୍ରକାରର ମନ ପସନ୍ଦର ସୁବିଧା ସୁଯୋଗ ଯୋଗାଇବାରେ ଏକ ଶ୍ରେଷ୍ଠ କ୍ଷେତ୍ର ବୋଲି ସମଗ୍ର ବିଶ୍ୱ ବିଦିତ। ସେହିଭଳି ସମଗ୍ର ବିଶ୍ୱରେ ଭାରତୀୟମାନେ ନିଜ ନିଜ ପ୍ରତିଭାକୁ ନେଇ ବିଶ୍ୱ ଦରବାରରେ ଭାରତର ଗର୍ବ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ପ୍ରବାସୀ ମାନେ ବିକଶିତ ଭାରତର ନକ୍ସା ଆଙ୍କିବେ ଓ ଏହି ବ୍ୟାପକ କାର୍ଯ୍ୟକ୍ରମ ଆବେଗିକ ଓ ପ୍ରୀତି ଡ଼ୋରିକୁ ଆହୁରି ମଜଭୁତ କରିବାର ଏକ ଅପୂର୍ବ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ -
୧୦୮୭/ଡ଼ି, ସେକ୍ଟର-୬, କଟକ





## ଶାମ୍ବ ଦଶମୀ...

### ରାମଚନ୍ଦ୍ର ବେହେରା

ଆମ ରାଇଜର ଧର୍ମ ଓ ସଂସ୍କୃତି
ଭାରତ ବର୍ଷେ ନିଆରା
ବାରମାସେ ତେର ପରବ ଆସଇ
ନେଇ ଖୁସିର ପସରା
ପୁଷ ଶୁକ୍ଳ ଦଶମୀରେ
ଶାମ୍ବ ଦଶମୀର ପୂଜା ଆସିଅଛି
ପୂଣ୍ୟ ଉତ୍କଳ ଭୂଇଁରେ।
ପ୍ରଭାତ ମଧ୍ୟାହ୍ନ ସନ୍ଧ୍ୟାକାଳ ନୀତି
ପାଳିବେ ସର୍ବ ଗୃହିଣୀ
ଧୂପ ନୈବେଦ୍ୟରେ ସୂର୍ଯ୍ୟଂକୁ
ପୂଜିବେ
ନୀତି ନିୟମକୁ ମାନି
କୃଷ୍ଣ ରଖିଥିଲେ ବ୍ରତ
ପୁତ୍ର ଶାମ୍ବ ହେଲେ କୁଷ୍ଠ ରୋଗମୁକ୍ତ
ପୁରାଣେ ଅଛି ବିଦିତ।
ଫଳ ମୂଳ ସହ କ୍ଷୀର ଓ ମିଷ୍ଟାନ୍ନ
ଚିତଉ କାକରା ମଣ୍ଡା
ସୁସ୍ୱାଦୁ ଏଣ୍ଡୁରି ବୁଢା ଚକୁଳିର
ପ୍ରସାଦ ହୋଇବ ବଢା
ଶଂଖ ହୁଳହୁଳି ସ୍ୱନେ
ପିଠା ପଣା ଘାଣ୍ଟ ଲାଗି ପ୍ରସାଦକୁ
ପିଲାଂକୁ ବାଣ୍ଟିବେ ଜନେ।
ଭକ୍ତିରେ ଯେ ପୂଜେ ପ୍ରଭୁ ତପନଂକୁ
ମିଳିଥାଏ କୋଟି ପୂଣ୍ୟ
ସନ୍ତାନ ସନ୍ତତି ଖୁସିରେ ରୁହନ୍ତି
ବ୍ୟାଧି ହୋଇଯାଏ ଲୀନ
ସୂର୍ଯ୍ୟ ଶକ୍ତିର ଭଣ୍ଡାର
ତାଂକୁ ତୋଷକଲେ ମିଳେ ଶୁଭାଶିଷ
ନରୁହେ ପରାଣେ ଡର।


ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ନବ ଉନ୍ମାଦନା ଜାଗେ

### ନିରଞ୍ଜନ ସାହୁ

ତୁମରି କଥା ମୁଁ ମନେ ପକାଇଲେ
ମନଟା ଉଦାସ ଲାଗେ
ତୁମକୁ କଦାପି ଭୁଲିପାରେ ନାହିଁ
କୁହ କେଉଁ ଅନୁରାଗେ ?

ତୁମେ ମୋତେ ଭୁଲି ଭୁଲିପାରିଛ କି
ତୁମରି ହୃଦୟ ମଧ୍ୟେ
ମୁଁ କିନ୍ତୁ ତୁମକୁ ଭୁଲି ପାରିନାହିଁ
କଦାପି ଆପଣା ସାଧେ
ବଞ୍ଚିଛି ସିନା ମୁଁ ଜୀବନ ଧରିକି
ବଞ୍ଚି ପାରିନାହିଁ ବାଗେ।

ଯେତେ କୋଳାହଳ ଭିତରେ ଥିଲେ
କି
ତୁମେ ମୋର ମନେପଡ଼
ରାତ୍ରିର ନିସ୍ତବ୍ଧ ପ୍ରହର ନିଦ୍ରାରେ
ତୁମେ ସପନରେ ଗଡ଼
ତେଣୁ ସବୁବେଳେ ମନେପଡୁଥାଅ
ମନେପଡ଼ ପୁଣି ଆଗେ।

ଏହି ଜୀବନରେ ତୁମକୁ ଭୁଲିବା
କଦାପି ସମ୍ଭବ ନୁହେଁ
କହୁନ କେମିତି ତୁମକୁ ଭୁଲିବି
କହିଲ ତୁମରି ମୁହେଁ
ତୁମରି ସ୍ମୃତିରେ ବିଭୋର ହୁଏ ମୁଁ
ନବ ଉନ୍ମାଦନା ଜାଗେ।



ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-- ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ଜୀବନ ଭାଷାର ବ୍ୟାକରଣ

### ନୂତନ କୁମାର ବେହେରା

ସତ୍ୟ ଶାନ୍ତି ଦୟା କ୍ଷମାର ଆଧାର ସୂତ୍ରରେ
ରଚିତ ହୋଇଛି ଜୀବନ ଭାଷାର ବ୍ୟାକରଣ
ପବିତ୍ର ସଂପର୍କର ମଧୁର ବନ୍ଧନରେ ରହି
ହୃଦୟର ସ୍ୱଚ୍ଛ ଭାବକୁ କରାଯାଏ ସୁବିନ୍ୟାସ
ବିଧିର ବିଧାନରେ ପ୍ରବାହିତ ସମୟର ତ୍ରିଧାରା
ବର୍ତ୍ତମାନ ହୁଏ ଅତୀତ...ଲେଖା ହୁଏ ଇତିହାସ
ସେ ଇତିହାସ ସର୍ବଦା ରହେ ଅପରିବର୍ତ୍ତିତ
ଭବିଷ୍ୟତର ସାମ୍ନାକୁ ଆସି ହୁଏ ଉତ୍ତରଦାୟୀ
ଜୀବନ ଭାଷାର ବ୍ୟାକରଣଗତ ହେଲେ ଅଶୁଦ୍ଧି
ନିର୍ମଳ ମନରେ ଟାଣେ କଳଙ୍କର ଅଲିଭା ଦାଗ
ଅଭ୍ୟାସକୁ ବଦଳାଇ ହୁଏ ଦୃଢ଼ ପରିକର ହୋଇ
ମାତ୍ର ଅତୀତ ରଚିଥିବା ଇତିହାସ ବଦଳେ ନାହିଁ
ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଚରିତ୍ରକୁ କରେ ସଂହାର
ହଜାଇ ଦିଏ ଉଚିତ ଭାବନାକୁ ଚେତନ ଶକ୍ତିରୁ
ମାନସିକ ଦ୍ୱନ୍ଦ୍ୱର ଛନ୍ଦରେ ଦୁଃଖଦ ହୁଏ ପରିଣାମ
ଇତିହାସ ଦେଖି ପାରେ ସ୍ପଷ୍ଟ ...ଶୁଣି ମଧ ପାରେ
ମନ ମନ୍ଥନରୁ ବାହାର କରୁଥାଏ କେବଳ ବିଷ
ଜୀବନ ଭାଷାର ବ୍ୟାକରଣଗତ ଶୁଦ୍ଧ ପ୍ରୟୋଗ
ଜଞ୍ଜାଳର ଜଟିଳତାକୁ କରେ ସହଜ ସରଳ
ଭାବ ବିନିମୟରେ ଆସି ନ ଥାଏ କିଛି ସଂଶୟ
ନିଷ୍କପଟ ହୃଦୟରେ ମର୍ତ୍ତ୍ୟକୁ କରିହୁଏ ସ୍ୱର୍ଗ
ଏକତାର ମନ୍ତ୍ରରେ ଏକ କୁଟୁମ୍ବ ହୁଏ ସାରା ବିଶ୍ୱ
ହାତର ଆଙ୍ଗୁଳି ଟାଣିଲେ ପାପୁଲି ହୁଏନା ବଡ଼
ସବୁ ମୁଠାଇବାର ତୁଚ୍ଛ କାମନା ହୁଏ ବ୍ୟର୍ଥ
ଜୀବନ ଯେତିକି ସେତିକି ହୋଇଥାଏ ବିସ୍ତୃତ
ପ୍ରଶ୍ୱାସରେ ବାୟୁ ତୃଷାରେ ଜଳ କ୍ଷୁଧାରେ ଖାଦ୍ୟ
ଯଦି ଆବଶ୍ୟକତା ଠାରୁ ଅଧିକ ହୁଏନା ନେଇ
ତେବେ କ'ଣ ପାଇଁ ଅଧିକ ଆବରିବା ଭ୍ରମରେ
ସବୁ ବୁଝାଇ ଥାଏ ଜୀବନ ଭାଷାର ବ୍ୟାକରଣ।


କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୪୯



## ଡ.ସିନ୍ଧୁ ସେନ୍

॥ ବାଇଶ ॥

ଭାଗ୍ୟ ଅନୁକୂଳ ଥିଲେ ଅନେକ ଅସମ୍ଭବ ମଧ୍ୟ ସମ୍ଭବ ହୋଇପାରେ । ବିଶ୍ୱବିଜୟ ଅଭିଯାନରେ ଭାଗ୍ୟ ମୋ ପକ୍ଷରେ ଥିଲା । ଯଦିଓ ମୁଁ ଏତେଟା ଭାଗ୍ୟବାଦୀ ନଥିଲି ତଥାପି ଗୋଟିଏ ଗୋଟିଏ ଦେଶ ଉପରେ ବିଜୟ ହାସଲ ପରେ ଭାବୁଥିଲି, ଭାଗ୍ୟ ଅନୁକୂଳ ଥିଲେ। ଆହୁରି କିଛି କରିଗଲେ କ୍ଷତି କ'ଣ ? ଖାଲି ତ ଅନାର୍ଯ୍ୟ ମାନଙ୍କ ଉପରେ ନୁହେଁ ମୋତେ ଆର୍ଯ୍ୟମାନଙ୍କ ଉପରେ ମଧ୍ୟ ନଜର ରଖିବାକୁ ପଡ଼ିବ । ବହୁ ପୂର୍ବରୁ ଆର୍ଯ୍ୟମାନେ ଅନାର୍ଯ୍ୟ ମାନଙ୍କୁ ଘୃଣାଚକ୍ଷୁରେ ଦେଖୁଥିଲେ । ସେମାନଙ୍କୁ ହେୟଜ୍ଞାନ କରୁଥିଲେ । ମୋତେ ତେଣୁ ଆର୍ଯ୍ୟ ରାଜ୍ୟମାନଙ୍କ ଉପରେ ବିଜୟୀ ହେବାକୁ ପଡ଼ିବ । ସେଇ କ୍ରମରେ ଉତ୍ତର କୋଶଳ ଉପରେ ଆକ୍ରମଣ ପାଇଁ ଯୋଜନା କଲି । ଉତ୍ତର କୋଶଳର ରାଜଧାନୀ ଅଯୋଧ୍ୟା। ଯାହାର ନାମ ଶୁଣିଲେ ଶତ୍ରୁ ମାନଙ୍କ ମନରେ ମଧ୍ୟ ହୃତ୍‌କମ୍ପନ ହେଉଥିଲା । ସମଗ୍ର ଆର୍ଯ୍ୟାବର୍ତ୍ତରେ ଅଯୋଧ୍ୟା କେବଳ ଏକ ଖ୍ୟାତିସମ୍ପନ୍ନ ରାଜ୍ୟ ନୁହେଁ, ଧନଧାନ୍ୟ ସବୁରେ ଭରପୂର ଥିଲା ଏହି ରାଜ୍ୟ । ଏଭଳି ରାଜ୍ୟକୁ ନିଜ ଅଧୀନରେ ରଖିବାକୁ କିଏ ବା କାହିଁକି ନ ଚାହିଁବ । ସହଜେ ତ ମୁଁ ଦିଗ୍‌ବିଜୟୀ ଅଭିଯାନରେ ବାହାରିଛି । ତେଣୁ ଆମ ସେନାବାହିନୀକୁ କୋଶଳ ରାଜ୍ୟ ଉପରେ ଆକ୍ରମଣ କରିବାକୁ ଆଦେଶ ଦେଲି । ବେଶ୍ କିଛିଦିନ ଧରି ଯୁଦ୍ଧ ଚାଲିଲା । ଶେଷରେ କୋଶଳର ରାଜା ପରାଜିତ ହୋଇ ମୋର ବିଜୟକୁ ସ୍ୱୀକାର କଲେ । ମୋ ଅଧୀନକୁ ଆସିବାକୁ ବାଧ ହେଲେ । କୋଶଳ ମାଟିରେ ଲଙ୍କାର ବିଜୟ ପତାକା ଉଡ଼ିଲା । କୋଶଳ ରାଜ୍ୟର ପରାଜୟ ପରେ ମୋତେ ଅନେକ ଛୋଟବଡ଼ ରାଜ୍ୟ ଜୟ କରବାରେ ପଥ ପରିଷ୍କାର କରିଦେଲା। ଏହା ପରଠାରୁ ମୁଁ ଆଉ ପଛଘୁଞ୍ଚା ଦେଇନି । ବରଂ ମୋର ବିଜୟଯାତ୍ରା ଅନେକମାତ୍ରାରେ ଆଗେଇ ଯାଇ ସଫଳତାର ଶୀର୍ଷ ଦେଶରେ ପହଞ୍ଚି ପାରିଥିଲା । ଏମିତି ଦିଗ୍‌ବିଜୟର ମୁହୂର୍ତ୍ତରେ ମୋର ଦେବର୍ଷି ନାରଦଙ୍କ ସହ ଭେଟ ହୋଇଥିଲା । ଯିଏ ମୋତେ ମରୁତ୍ତଙ୍କ ରାଜ୍ୟ ଜୟ କରିବା ପାଇଁ ଉତ୍ସାହିତ କରିଥିଲେ । ତାଙ୍କରି ଆଶୀର୍ବାଦ ଓ ପରାମର୍ଶରେ ମରୁତ୍ତଙ୍କ କୁଳଗୁରୁ ବ୍ରହ୍ମର୍ଷି ସଂବର୍ତ୍ତଙ୍କ ଯଜ୍ଞସ୍ଥଳରେ ପହଞ୍ଚି ଆମ ସେନାବାହିନୀକୁ ଯଜ୍ଞସ୍ଥଳକୁ ଧ୍ୱସ୍ତବିଧ୍ୱସ୍ତ କରିବାକୁ ଆଦେଶ ଦେଲି । ସେ ମୋର ଏମିତି କାର୍ଯ୍ୟକଳାପରେ ମର୍ମାହତ ହୋଇ ମୋତେ ଋଷିପୁତ୍ର ଭାବେ ସମ୍ବୋଧିତ କରି ଏମିତି ଅନୈତିକ କାର୍ଯ୍ୟ ନକରିବା ପାଇଁ ବହୁତ ବୁଝାଇଲେ । ମୋର ପିତା ଥିଲେ ବେଦଜ୍ଞ । ହେଲେ ମୋ ଧମନୀରେ ଯେ ରାକ୍ଷସୀ ମାତାଙ୍କ ରକ୍ତ ପ୍ରବାହିତ । ମୁଁ ତେଣୁ ନୀତିନିଷ୍ଠ ହୋଇ ପାରିଥାନ୍ତି କେମିତି । ଶେରେ ମରୁତ୍ତବ ମୋ ନିକଟରେ ପରାଜିତ ହେଲେ । ଏପରିକି ମୋ ପରଶୁର ଆଘାତରେ ତାଙ୍କର ଶିର ସ୍କନ୍ଧଚ୍ୟୁତ ହୋଇ ଯଜ୍ଞ ଭୂମିରେ ଲୋଟିପଡ଼ିଲା । ସବୁଠି ହାହାକାର ଖେଳିଗଲା ସିନା, ହେଲେ ମରୁତ୍ତଙ୍କ ରାଜ୍ୟ ଉପରେ ବିଜୟ ହାସଲ ପରେ ମୋର ପ୍ରତିପତ୍ତି ବେଶ୍ ବଢ଼ି ଯାଇଥିଲା । ଫଳସ୍ୱରୂପ ମୋତେ ଦେଖି ଅନ୍ୟାନ୍ୟ ରାଜ୍ୟର ରାଜାମାନେ ଭୟ କରିବାକୁ ଲାଗିଲେ । କେହିକେହି ଭୟରେ ମୋ ଅଧୀନତା ସ୍ୱୀକାର କରିନେଲେ ।

ଯୁଦ୍ଧରେ ଉଭୟ ହାରଜିତ ଲାଗି ରହିଥାଏ । ସର୍ବଦା ବିଜୟ ଲାଭ କରୁଥିବା ସୈନିକଟି ଯେତେବେଳେ ନିଜେ ପରାଜୟ ବରଣ କରେ ସେତେବେଳେ ତାର ଅବସ୍ଥା କେମିତି ହୁଏ ତାହା କେବଳ ପରାଜିତ ସୈନିକଟି ହିଁ ବୁଝିପାରେ । ମୋର ଅବସ୍ଥା ଠିକ୍ ସେଇଆ । ବିଜୟର ବାନା ଉଡ଼ାଇ ଗର୍ବର ସହ ଚାଲୁଥିବା ବେଳେ ପରାଜୟର ଧକ୍କା ମୋତେ ସେମିତି ମ୍ରିୟମାଣ କରି ଦେଇଥିଲା । ମାତ୍ର ସେ ପରାଜୟରେ ମୋତେ ଅନେକ ଲାଭ ମିଳିଥିଲା। ଯାହା ମୋତେ ପରବର୍ତ୍ତୀ ସମୟରେ ଅନେକ ସାହାଯ୍ୟ କରିଥିଲା । ଏମିତିକି ସେ ଦୁହେଁ ମୋର ଶତ୍ରୁର ପାଲଟି ଯାଇଥିଲେ ବନ୍ଧୁ । ଆଉ ସେଦିନର ସେଇ ବନ୍ଧୁତା ମୋ ଜୀବନରେ ଏକ ଅଭୁଲା ସ୍ମୃତି। ବାସ୍ତବରେ ଦୁନିଆରେ କେହି କେବେ ଶତ୍ରୁ କିମ୍ବା ମିତ୍ର ହୋଇ ଜନ୍ମ ନେଇ ନଥାନ୍ତି । କାଳ ହିଁ ବନ୍ଧୁକୁ ଶତ୍ରୁ କରିଦିଏ ଆଉ ଶତ୍ରୁକୁ ବନ୍ଧୁ । ମୋ କ୍ଷେତ୍ରରେ ଠିକ୍ ସେଇଆ ହିଁ ଘଟିଥିଲା । ଏପରିକି ମୁଁ ନିଜେ ମଧ୍ୟ ଜାଣି ଥିଲି । ସେମାନେ ଦୁହେଁ କେବେ ମୋର ଶତ୍ରୁ ଥିଲେ, ଆଉ କେବେ ପୁଣି ବନ୍ଧୁ ହେଲେ । ଆମମାନଙ୍କ ମଧ୍ୟରେ ଯୁଦ୍ଧରୁ ଆରମ୍ଭ ହୋଇଥିଲା ଶତ୍ରୁତା ଆଉ ସେହି ଯୁଦ୍ଧର ଶେଷ ପରିଣତ ହୋଇଥିଲା ମିତ୍ରତାରେ । ସେମାନେ ଥିଲେ ଜଣେ ବାନର ରାଜା ବାଳୀ ଆଉ ଜଣେ ସହସ୍ରା ର୍ଜୁନି ଏକ ନାଯକୀୟ ଢଂଗରେ ସେ ଦୁହେଁ ଦିନେ ମୋର ବନ୍ଧୁ ପାଲଟି ଯାଇଥିଲେ । ଏବେବି ମନେଅଛି ସେଦିନର ସ୍ମୃତି ।

ମହାପ୍ରତାପୀ ବାଳୀ ଥିଲେ ବାନର ଜାତି । ହେଲେ ତାଙ୍କର ଥିଲା ଅସୀମ ଶୌର୍ଯ୍ୟ ବୀର୍ଯ୍ୟ । ମାତାମହଙ୍କ ଠାରୁ ଅନେକଦିନ ପୂର୍ବରୁ ତାଙ୍କ ବିଷୟରେ ଶୁଣିଥିଲି । ତାଙ୍କୁ ଜିଣିବା ପାଇଁ ମୋ ମନରେ ଅନେକ ଦିନରୁ ସ୍ୱପ୍ନ ଥିଲା । ସେ ସୁଯୋଗ ମଧ୍ୟ ମୋତେ ମିଳିଥିଲା । ଯେଉଁଦିନ ଜାଣିବାକୁ ପାଇଲି ବାଳୀ ସମୁଦ୍ରସ୍ନାନ ପାଇଁ ପ୍ରତିଦିନ ଏକୁଟିଆ ଆସନ୍ତି । ସେତିକିବେଳେ ତାଙ୍କ ସହ କୌଣସି ଦେହରକ୍ଷୀ ମଧ୍ୟ ନଥାନ୍ତି । ଅର୍ଥାତ୍ ବାଳୀ ସେତେବେଳେ ସଂପୂର୍ଣ୍ଣ ଏକାକୀ ଆଉ ନିରସ୍ତ୍ର ମଧ୍ୟ। ସମୁଦ୍ରସ୍ନାନ ସମୟରେ ମୁଁ ତାଙ୍କୁ ଲୁଚିଛପି ନିରୀକ୍ଷଣ କରୁଥିଲି । ଦେଖିଲି ମହାବଳୀ ବାଳୀ ସମୁଦ୍ରସ୍ନାନ ସାରି ସୂର୍ଯ୍ୟ ପ୍ରଣାମ କରନ୍ତି । ଆଉ ସେହି ପ୍ରଣାମ ସମୟରେ ତାଙ୍କ କଣ୍ଠରୁ ସଂସ୍କୃତ ମନ୍ତ୍ର ଉଚ୍ଚାରଣ ଶୁଣି ମୁଁ ସ୍ତମ୍ଭୀଭୂତ ହୋଇ ପଡ଼ିଥିଲି । ବିଶ୍ୱାସ କରି ପାରୁ ନଥିଲି ବାନର ହୋଇ ବି ଏତେ ଶୁଦ୍ଧ ଭାବେ ମନ୍ତ୍ର ଉଚ୍ଚାରଣ କରିପାରୁଛନ୍ତି କେମିତି ? ନିଶ୍ଚୟ ବାଳୀ ଜଣେ ଜ୍ଞାନୀ । ତାଙ୍କର ପ୍ରଜ୍ଞାଦୀପ୍ତ ଗୁଣାବଳୀ ଦେଖି । ସବୁ ବାନର ଯେ ଅସଭ୍ୟ ନୁହଁନ୍ତି ଏ ଧାରଣା ମୋର ଦୃଢ଼ୀଭୂତ ହୋଇଗଲା । ଯେତେ ଯାହା ହେଲେ ବି ବାଳୀକୁ ମୋତେ ଜିଣିବାକୁ ପଡ଼ିବ। ସେଇଥିପାଇଁ ଦିନେ ସମୁଦ୍ର ସ୍ନାନ ସାରି ସୂର୍ଯ୍ୟ ନମସ୍କାର କରୁଥିବା ସମୟରେ ଅତର୍କିତ ଭାବେ ପଛପଟୁ ତାଙ୍କୁ କୁଣ୍ଢାଇ ଧରିଥିଲି । ଉଦ୍ଦେଶ୍ୟ ଥିଲା ତାଙ୍କ ସହ ମଲ୍ଲଯୁଦ୍ଧ କରି ବିଜୟୀ ହେବି । ହେଲେ ବାଳୀଙ୍କ ବଳ ନିକଟରେ ମୋର ଶକ୍ତି ଥିଲା ସାମାନ୍ୟ ମାତ୍ର । ନହେଲେ ବାଳୀ ମୋତେ ଅନାୟାସରେ ତାଙ୍କ କାଖତଳେ ଚାପିଧରି କିଷ୍କିନ୍ଧ୍ୟା ପର୍ଯ୍ୟନ୍ତ ନେଇ ଆସିଥିଲେ । ଚାହିଁଥିଲେ ସେଇ ମୁହୂର୍ତ୍ତରେ ସେ ମୋତେ ତାଙ୍କ ଗୋଡ଼ତଳେ ଚାପି ମାରି ଦେଇପାରିଥାନ୍ତେ । ମାତ୍ର ସେଦନ ମୋତେ ବେଶି ଆଶ୍ଚର୍ଯ୍ୟାନ୍ୱିତ କରିଥିଲା ତାଙ୍କର ମହାନୁଭବତା ପାଇଁ । ଜଣେ ବୀର, ବଳଶାଳୀ ବାନର ପାଖରେ ମଧ୍ୟ ଏଭଳି ଉଦାରତା ଥାଇପାରେ । ମୁଁ ବିଶ୍ୱାସ କରିପାରୁ ନଥିଲି । ମୁଁ ନିଜେ ଯେତେବେଳେ ତାଙ୍କ ସହ ପ୍ରଥମେ ଶତ୍ରୁତା ଆଚରଣ କରିଥିଲି ସେ ମଧ୍ୟ ମୋତେ ଶତ୍ରୁ ଦୃଷ୍ଟିରେ ଆଚରଣ କରି ଉଚିତ ପଦକ୍ଷେପ ନେବାର କଥା । ଅଥଚ ସେ ମୋ ବିଷୟରେ ସବୁ ଜାଣି ମଧ୍ୟ ମୋତେ ତାଙ୍କ ରାଜ ଦରବାରରେ ଉପଯୁକ୍ତ ସମ୍ବର୍ଦ୍ଧନା ଦେଇ ଅତିଥିର ମାନ୍ୟତା ଦେଇଥିଲେ । ଖାଲି କ'ଣ ସେତିକି ସାରା ଜୀବନ ମୋତେ ବନ୍ଧୁତ୍ୱର ରଜ୍ଜୁରେ ବାନ୍ଧି ଋଣି କରି ଦେଇଥିଲେ । ସେଦିନ ଠାରୁ ବାନରରାଜ ବାଳୀ ହୋଇଗଲେ ମୋର ପରମ ମିତ୍ର । ଜୀବନ ତମାମ୍ ଆମେ ଦୁହେଁ ଆମ ବନ୍ଧୁତାକୁ ଚିରସ୍ଥାୟୀ କରି ରଖିବୁ ବୋଲି ସଂକଳ୍ପ କରିଥିଲୁ । ସେହିଦିନ ଠାରୁ ମୁଁ ବାଳୀଙ୍କ ପାଖରେ କୃତକୃତ ହୋଇଗଲି । ଆଗାମୀ ଜୀବନରେ ଆମ ବନ୍ଧୁତା ଆର୍ଯ୍ୟମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ସାହାଯ୍ୟ କରିବ ବୋଲି ମୁଁ ନିଶ୍ଚିତ ହୋଇଗଲି।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୭୫ ॥

ସେତେବେଳେ ବ୍ରହ୍ମାଙ୍କ ଦ୍ୱାରା ବିଭିନ୍ନ ସ୍ଥାନ ରେ ବ୍ରହ୍ମ ସଭା ମାନ କରାଯାଉଥିଲା । ଓଡ଼ିଶା ପ୍ରାୟ ଗୋଟିଏ କୋଣରେ ଶାଲ୍ମଳୀ ଦ୍ୱିପ ସହ ଲାଗି ରହିଥିଲା ଓ ବ୍ରାହ୍ମଣୀ ନଦୀର ନାମ ସରସ୍ୱତୀ ନଦୀ ଥିଲା । ଭାରତୀୟ ଋଷି ମାନେ ଆଞ୍ଚଳିକ ଭାଷା ବ୍ୟତୀତ ସଂସ୍କୃତ ନାମକ ଏକ ସାଧୁ ଭାଷାର ପ୍ରଚଳନ କରିଥିଲେ । ଏହି ବ୍ରାହ୍ମଣୀ ଓ ଲୁପ୍ତ ସରସ୍ୱତୀ ତଟରେ ପ୍ରଥମ ବେଦ ଶ୍ରୁତି ଆକାରରେ ଉଚ୍ଚାରିତ ହୋଇଥିଲା ।ଏହି ଭାଷାରେ ସେମାନେ ବ୍ରାହ୍ମ ସଭା ମାନଙ୍କରେ କଥୋପକଥନ କରୁଥିଲେ । ଇନ୍ଦ୍ରଜିତଙ୍କ ଉଦ୍ୟମରେ ଏହି ସଭା କ୍ରୌଞ୍ଚ, କୁଶ, ପ୍ଲକ୍ଷ, ଦକ୍ଷିଣ ଭାରତର କେତେକ ସ୍ଥାନରେ ଅନୁଷ୍ଠିତ ହେଉଥିଲା । ସେମାନେ ବର୍ଷ, ବର୍ଷ ଧରି ପାଦଚଲା ରାସ୍ତାରେ, ଅଶ୍ୱ ବା ରଥରେ ଦୀର୍ଘ ପଥ ଅତିକ୍ରମ କରି ପୁଷ୍କର ଦ୍ୱିପର ବିଷ୍ଣୁ କ୍ଷେତ୍ରକୁ ଯାଉଥିଲେ । ଏହି ଦଳରେ କୌଣସି ମହିଳା ଯାତ୍ରୀ ଯୋଗ ଦେଉନଥିଲେ । ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଦଶ ପୁତ୍ରଙ୍କ ମଧ୍ୟରୁ ଆଠଜଣ ଭାରତୀୟ ଥିଲେ । କିନ୍ତୁ ପୁଲସ୍ତ୍ୟ କାସ୍ପିୟାନ ସାଗର କୂଳରୁ (ଇରାକ, ଇରାନ, ଆଫଗାନି ସ୍ଥାନ) ଆଦି ଅଞ୍ଚଳରୁ ଏବଂ ପୁଲହ୍ କୃଷ୍ଣସାଗର (କାଜାକ ସ୍ଥାନ ବା କକେକସ ଅଞ୍ଚଳରୁ ଆସିଥିଲେ । ଏହି ପୁଲସ୍ତ୍ୟ ଋଷି ( ଜାଗ୍ରୋସ) ପର୍ବତରୁ ଆସି ଭାରତରେ ବାସ କରୁଥିବା ଦ୍ରାବିଡ଼ ମାନଙ୍କ ସହ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ । ତାଙ୍କର ପୁତ୍ର ବିଶ୍ରବା ନିକଷା ନାମ୍ନୀ ଅସୁର କନ୍ୟାଙ୍କୁ ବିବାହ କରିଥିଲେ । ଭବିଷ୍ୟତରେ ତାଙ୍କର ପତ୍ନୀ ଇଡ ବିଡାଙ୍କଠାରୁ ଜନ୍ମିତ ପୁତ୍ର କୁବେର ହିମାଳୟର ଗୁମ୍ଫା ମାନଙ୍କରେ ନିଜ ପ୍ରଜାମାନଙ୍କ ସହ ବାସ କରିବେ । ଏହି ମାନଙ୍କ ପୂର୍ବଜ ମାନେ ଆଲେସ୍କା ପର୍ବତରୁ ଆସିଥିବାରୁ ସେମାନେ ହିମାଳୟର ଅଳକାପୁର ଓ ପର୍ବତ ଗୁହା ବା ଗୁମ୍ଫା ମାନଙ୍କରେ ବାସ କରୁଥିବାରୁ ଗୁହ ନାମରେ ତ୍ରେତୟା ଯୁଗରେ ନାମିତ ହେବେ । ଅପର ପକ୍ଷରେ ପୁଲହଙ୍କ ପୁତ୍ର କର୍ଦ୍ଦମ ଇନ୍ଦ୍ରଜିତଙ୍କ ବଂଶରେ ତାଙ୍କ ପିଉସୀଙ୍କୁ ବିବାହ କରିଥିଲେ । ସେତେବେଳେ ପୁଷ୍କରର ଶ୍ୱେତ ଦ୍ୱିପଠାରେ ବିଷ୍ଣୁ ଅନନ୍ତ ଶୟନରେ ଶାୟିତ ଥିଲେ । ଏହି ଅନନ୍ତ ଶୟନ କଣ ଥିଲା ? ବିଷ୍ଣୁ ଏକ ଆଦି ଅନ୍ତ ହୀନ ସମୟ ଥିଲେ । ସମୟ କୌଣସି କାର୍ଯ୍ୟ କରି ନଥାଏ, କାର୍ଯ୍ୟ ପ୍ରଜାପତି ବା ବ୍ରହ୍ମା ହିଁ ବିଷ୍ଣୁଙ୍କ ନାଭିରୁ ଶକ୍ତି ନେଇ ସଗୁଣ ଭାବେ କରିଥାନ୍ତି । ବିଷ୍ଣୁ ସପ୍ତଫଣୀ ଅନନ୍ତ୍‌ନାଗ ଉପରେ ଶୟନ କରିଥାନ୍ତି । ଏହାର ଅର୍ଥ ମହାକାଶରେ ଏକ ଘଣ୍ଟା ସମୟ ପୃଥିବୀରେ ସାତ ବର୍ଷ ସମୟ ଏବଂ ପୃଥିବୀରେ ଏକ ଘଣ୍ଟା ସମୟ ମହାକାଶରେ ଛବିଶ ସେକେଣ୍ଡ ସମୟ ସହିତ ସମାନ । ଅବଶ୍ୟ ସମୟ ସବୁଠାରେ ସମାନ ଥାଏ କିନ୍ତୁ ମହାକାଶ ରେ ଘଣ୍ଟା ଅତି ଧୀର ଭାବରେ ଚାଲିଥାଏ । ଏକ ଘଣ୍ଟା ମହାକାଶରେ ଅଶି ବର୍ଷ । ଏହା ମହାକାଶର ଓଜନ ଓ ଗତିର ବେଗ ଉପରେ ନିର୍ଭର କରିଥାଏ । ବ୍ରହ୍ମାଙ୍କର ଏକ ଦିନ ମାନବର ଦୁଇ କଳ୍ପ ବା ଆଠ ଶହ ଚୌଷଠି କୋଟି ବର୍ଷ ଓ ବ୍ରହ୍ମାଙ୍କ ରାତ୍ରି ମାତ୍ର ଚାଳିଶ ମିନିଟ ହୋଇଥାଏ । କୃଷ୍ଣା ବର୍ତ୍ତ ଗର୍ତ୍ତରେ ଏକ ମିନିଟ୍ ସାତଶହ ବର୍ଷ ହୋଇଥାଏ । ଗୋଟିଏ ଦିବ୍ୟ ବର୍ଷ ମଣିଷର ତିନି ଶହ ଷାଠିଏ ବର୍ଷ ହୋଇଥାଏ । ଏହା ଆଲୋକ ଗତିର ଶତକଡା ଅନେଶତ ଭାଗ ହୋଇଥାଏ । ଏହିପରି ଗତି, ଓଜନ, ଆଲୋକର ଗତି ଓ ବ୍ରହ୍ମାଙ୍କ ସମୟ ହିସାବ କଲେ, ବ୍ରହ୍ମା ବା ବ୍ରହ୍ମ ଲୋକ ଆମଠାରୁ କେତେ ଦୂରରେ ଅଛି, ତାହା ବେଦ ବା ଭାଗବତ ଅନୁସାରେ ବିଜ୍ଞାନୀ ଗଣିତ ବିଶେଷଜ୍ଞମାନେ ଜାଣି ପାରିବେ । କେବଳ ସଭ୍ୟତାର ପ୍ରାକ୍ ସମୟରେ ମଣିଷ ମାନଙ୍କର ସମୟ, ମହାକାଶ,ଆଲୋକ, ଗଣିତ ବିଷୟ ରେ କେତେ ଜ୍ଞାନ ଥିଲା, ତାହା ଭାବି ବିସ୍ମିତ ହେବେ । ବୋଧହୁଏ ଏହି ନକ୍ଷତ୍ର ଜ୍ଞାନ ପାଇଁ ଓଡ଼ିଶାର ନାମ ଉଡ୍ର ଥିଲା । ଯେପରି ହିମାଳୟର ଫୁଲ ଉଦ୍ୟାନକୁ ଗଲେ ଜଣେ ନିଜର ସମସ୍ତ ସ୍ମୃତି ଭୁଲି ଯାଏ, ସେହିପରି ଏହି ଶ୍ୱେତ ଦ୍ୱିପକୁ ଯିଏଯାଉଥିଲା, ସେ ସ୍ଥିତ ପ୍ରଜ୍ଞ ହୋଇ ଯାଉଥିଲା ।

ସେମାନେ ସନାତନ ଧର୍ମର ଆଲୋଚନା ଓ ଶ୍ରୁତି ରଚନା ପାଇଁ ବର୍ଷ, ବର୍ଷ ଧରି ପୁଷ୍କର, କୁଶ ଆଦି ଦ୍ୱିପରେ ଅବସ୍ଥାନ କରୁଥିଲେ । ଏହି ସମୟରେ ଉଭୟ ସଂସ୍କୃତ

ଓ ଆଞ୍ଚଳିକ ଭାଷା ମାନ ବ୍ୟବହାର କରା ଯାଉଥିଲା । ସେହି ସମୟରେ ବର୍ତ୍ତମାନର

ଦ୍ୱିପ ମାନଙ୍କରେ ନରହି ପଶ୍ଚିମ ୟୁରୋପର ଦ୍ୱିପ ବାସୀ ମାନେ ପୁଷ୍କର ଅର୍ଥାତ୍ ଋଷିଆର ପଶ୍ଚିମ ଭାଗରେ ବାସ କରୁଥିଲେ । ତେଣୁ ବର୍ଷ, ବର୍ଷ ଧରି ସେମାନଙ୍କ କଥିତ ଭାଷା ଯଥା ପାର୍ସୀ, ଲାଟିନ ଆଦି ଭାଷା ସଂସ୍କୃତ ଭାଷାରେ ମିଶି ଯାଇଥିଲା ।

ହୁଏତ ବେଦ କେବଳ ଭାରତ ନୁହେଁ, ବରଂ ଭାରତ ସହ ଏହି ସମସ୍ତ ଅଞ୍ଚଳର ଜ୍ଞାନୀ ମାନଙ୍କ ଜ୍ଞାନର ସମାହାର, ଯାହାର ଏକ ଚତୁର୍ଥାଂଶ ଭାରତୀୟ ଜ୍ଞାନ ବ୍ୟାସ ଦେବ ସଙ୍କଳନ କରି ପାରିବେ । କିନ୍ତୁ ଏହି ମିଳନ ମଧ୍ୟ ଅଧିକ ସମୟ ନଥିଲା । ସେମାନେ ଏକ ଯୋଦ୍ଧା ଓ ନାବିକ ଜାତି ଥିବାରୁ ପ୍ରତିଦ୍ୱନ୍ଦୀ ହେବାର ଆଶଙ୍କା କରି ବ୍ରହ୍ମା ତାଙ୍କୁ ତଳ ସମୁଦ୍ର ମଧ୍ୟସ୍ଥ ଦ୍ୱିପ ମାନଙ୍କରେ ସ୍ଥାନ ଦେଇଥିଲେ ।

ଅଦିତି, ଏହି ସଭା ମାନଙ୍କରେ ଯୋଗ ଦେବାକୁ ( ଆୟାର ଲ୍ୟାଣ୍ଡ) ପଶ୍ଚିମ ପ୍ଲକ୍ଷ ରୁ ଦଳେ ଅଧିବାସୀ ଆସୁଥିଲେ । ସେହି ଦେଶରେ ଦନୁଙ୍କୁ ଦେବତା ମାନଙ୍କର ମା ଏବଂ କୌଣସି ସ୍ଥାନରେ ନାବିକ ମାନଙ୍କର ଦେବୀ କୁହାଯାଉଥିଲା । ସେ ମୃତ ନାବିକ ମାନଙ୍କ ଆତ୍ମାକୁ ଶାନ୍ତିର ଗୀତ ଶୁଣାଉଥିଲେ । ସେମାନଙ୍କ ମଧ୍ୟରୁ କେତେ ଜଣ ଏହି ଦଳ

ସହିତ ଭାରତକୁ ଆସିଥିଲେ । ଅପର ପକ୍ଷରେ କ୍ରଉଁଚ( ଯଦିଓ ୟୁରୋପ ଅଞ୍ଚଳରେ ବ୍ରହ୍ମସଭା ଓ ଇନ୍ଦ୍ର ଜିତ ଥିବାରୁ ଏହି ନଦୀର ନାମ ଆର୍ଯ୍ୟକା ହୋଇପାରେ, ବୋଧହୁଏ ହିମାଳୟରୁ ଆର୍ଯ୍ୟ କା ବହୁଥିଲା, କ୍ଷୀର ନଦୀ ଓ ବରଫା ବୃତ୍ତ ପାହାଡ ଶୁକ୍ଳ ନଦୀ ଓ ପର୍ବତ ଥିଲା ଓ ନାଗାଲାଣ୍ଡରେ କୁନ୍ତୀଙ୍କ ପ୍ରପିତ । ମହ ଆର୍ଯ୍ୟକ୍ ଥିଲେ ।) କ୍ରଉଁଚ ଦ୍ୱିପରେ ଦକ୍ଷିଣ ବା ଉତ୍ତର ଦିଗରୁ ଆସି ଦଳେ ଆଦିମ ଲୋକ ବାସ କରୁଥିଲେ । ଏମାନେ ଶିକାରୀ ଜାତି ଥିଲେ । ସେହି ସମୟରେ ମଧ୍ୟ କୁଶ (ଏସିଆ)ରୁ ଦଳେ ରୁଗ୍ଣ ମଣିଷ ଆଲେସ୍କା ଆଦି ଅଞ୍ଚଳରେ ବାସ କଲେ । ଏହି ମାନଙ୍କ ଆୟୁଷ ମାତ୍ର ତେତିଶ ବର୍ଷ ଥିଲା ଓ ଏମାନେ ବିଭିନ୍ନ ସଂକ୍ରମିତ ରୋଗରେ ଆକ୍ରାନ୍ତ ହେଲେ । ସେଠିକାର ଶିକାରୀ ମାନେ ତାଙ୍କୁ ଶିକାର କରି ଖାଇ ଦେଇଥିଲେ । କିନ୍ତୁ ପଶ୍ଚିମ ପାଖର ସମୁଦ୍ର ସେପାଖରେ ଯେ ଆଉ ଏକ ଜଗତ ଅଛି, ସେକଥା ଏହି ସ୍ଥାନୀୟ ଅଧିବାସୀ ମାନେ ଜାଣି ପାରିଲେ । କାଳକ୍ରମେ ସେମାନେ ବାହ୍ୟ ବିଜ୍ଞାନରେ ଅତି ଉନ୍ନତ ହୋଇ ଏକ ଅତ୍ୟାଧୁନିକ ଜାତିରେ ପରିଣତ ହେଲେ । ବିଶେଷତଃ ଯାଦୁ ଗିରି ଓ ବୈଜ୍ଞାନିକ ନିର୍ମାଣ ଓ ମାୟା କରିବାରେ ଏହିମାନେ ଦକ୍ଷ ଥିଲେ । ଏହି ମାନବ ଜାତିର ନାମମୟ ଥିଲା ।

ଏହି ମୟ ଜାତି ସହିତ ଭାରତର କିପରି ସମ୍ପର୍କ ଥିଲା ?


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ନର୍କ

### ଐଶ୍ୱର୍ଯ୍ୟା ପ୍ରଧାନ



ଯଜ୍ଞକୁଣ୍ଡରେ ପ୍ରତାରଣାର ଆହୂତି
ଉଠୁଥିବା ଲେଲୀହାନ ଶିଖାର ଝାସ
ସହ୍ୟ କରି ହୁଏନା
ଏ ଅସହ୍ୟପଣର ବିଷ
ହରେଇ ଦିଏ ଚିନ୍ତା ଚେତନା
କାହା କବଜାରେ ମନ ମସ୍ତିଷ୍କ ।।

ଅଭିସାର ଆଉ ଅଭିସାରିକା
କ୍ଷଣିକର ସୁଖଦ ଅନୁଭୂତି
ମନ ବୁଝେନା ସ୍ୱର୍ଗ କି ? ନର୍କ
ସେଇ ସୁଖ ପାଇଁ

ସପ୍ତଫେଣୀ ନାଗର ବିଷକୁ ବି
ବୋଲି ହେବାକୁ ପଡ଼େ ଶରୀରରେ
ଆହତ ବ୍ୟାଘ୍ର ସମ ମନ ?
କିନ୍ତୁ ମାନିବାକୁ ପ୍ରସ୍ତୁତ ନୁହେଁ
ରଚିଥିବା ପରିସ୍ଥିତି ନର୍କର ପ୍ରତିରୂପ !!

ପଳାସ ଫୁଲରେ ଖୋଜିବାକୁ ଲାଗେ ମହକ
ସୂର୍ଯ୍ୟମୁଖୀରେ ଦିଶେ ପାରିଜାତର ପ୍ରତିଛବି
କରାଳ ରୂପୀ ସମୁଦ୍ର ଲାଗେ ଶାନ୍ତ
ବିଷ ଭର୍ତ୍ତି କୁମ୍ଭ ଦିଶେ ଅମୃତ କଳସ ପରି
ସେଇ ତ ମଣିଷର ମନ
ଜାଣେନା, ଆଉ କେଉଁଠି ଅଙ୍କ କଷା ଚାଲିଛି
ପାପ ପୁଣ୍ୟର
ହିସାବ ହେଉଛି ପ୍ରତିଟି କର୍ମର
କେଜାଣି କେବେ ବୁଝିବ ସେ
ସ୍ୱର୍ଗ ଆଉ ନର୍କ ଭିତରେ ଫରକ୍ ।।


♥ ପୋଷ୍ଟାଲ୍ କଲୋନୀ,
ଭବାନୀପାଟଣା କଳାହାଣ୍ଡି
ମୋ-୭୦୦୮୯୩୧୫୯୯


## ପଂଚାଙ୍ଗ

### ବବିତା ଦାଶ ତ୍ରିପାଠୀ



ତୁ ବଦଳୁଥିଲୁ ଫର୍ଦ୍ଦକୁ ଫର୍ଦ୍ଦ
ମୁଁ ଭୋଗୁଥିଲି ତତେ
ଅସରା ଅବ୍ୟକ୍ତ ପସରାରେ
ଭଲରେ ମନ୍ଦରେ, ପାପରେ ପୁଣ୍ୟରେ
ହଜୁଥିଲି ତୋର ରାହୁକାଳ, ଅମୃତ
ବେଳାରେ

ଆଗାମୀ ଦିନ ମାସ ବର୍ଷରେ
ଫେରିବାର ପ୍ରତିଶୃତି ଦେଇ
ତୁ ହଜିଯାଉଥିଲୁ ସମୟ କବଳେ

ତତେ ଧରିରଖିବାର ଛଳନାରେ
ଲେଖିରଖୁଥିଲି ଦିନବାର
କାଟିରଖେ ତୋର କାୟା
ନିତି ଭିଜିବାର ପ୍ରତିଶୃତିରେ

ଦୋଦୋପାଞ୍ଚର ପାଚେରୀ ଭାଙ୍ଗି
ତୁ ପୁଣି ଫେରିଆସୁ ଦୁଇଗୁଣ
ଖୁସି ଉଦ୍ଦୀପନାରେ
ନୂତନ ବର୍ଷର ମହାର୍ଘ କାଳକୁ ନେଇ

ରିକ୍ତ ହସ୍ତରେ ତତେ ଆଲିଙ୍ଗନ କରେ
କିନ୍ତୁ ଆଶା ଥାଏ, ମୋର ଥାଳ ଭରିବାର
ବିସ୍ମୃତ ପଦଚିହ୍ନକୁ ଜାବୁଡିଧରି
ଉଜେଇଦିଏ ବର୍ଷ ତମାମର ସୁଖ ଦୁଃଖକୁ
ସମୟ ସ୍ରୋତରେ।


♥ ଭୁବନେଶ୍ୱର
ମୋ: ୭୯୭୮୩୬୮୮୨୫


## ସ୍ତ୍ରୀ

### ମମତା ବେହେରା

ତୁମେ କଣ ଜାଣିଛ କି
ପୁରୁଷ ଠୁ ଭିନ୍ନ
ନାରୀର ଏକାନ୍ତକୁ ...

ଘର, ପ୍ରେମ ଓ ଜାତିରୁ ଅନ୍ୟତ୍ର
ଜଣେ ସ୍ତ୍ରୀ ତାର ନିଜସ୍ୱ ଭୂମି
କୋଉଠି କହି ପାରିବ କି ....

କହିପାରିବ କି
ଶତାବ୍ଦୀ ଶତାବ୍ଦୀ ଧରି ନିଜକୁ ଅନେଷ୍ୱଣ
କରୁଥିବା
ଏକ ସ୍ତ୍ରୀ'ର
ନିଜ ଘର ର ଠିକଣାକୁ....

ତୁମେ କଣ ଜାଣିଛ କି
ନିଜ କଳ୍ପନାରେ ଗୋଟିଏ ସମୟରେ
ନିଜକୁ କେମିତି ସ୍ଥାପିତ ଓ ନିର୍ବାସିତ
କରେ ଜଣେ ସ୍ତ୍ରୀ....

ସ୍ୱପ୍ନରେ କେମିତି ସେ ଦୌଡେ
କେବେ ଦେଖିଛ କି
ସମ୍ପର୍କର କୁରୁ କ୍ଷେତ୍ରରେ
କେମିତି ନିଜେ ଆତ୍ମୀୟଙ୍କ
ଭିତରେ ଲଢେଇ କରେ
କେବେ ଦେଖିଛ କି ....

ସ୍ତ୍ରୀର ଭୂଗୋଳ ଛଡା
ଜଣେ ସ୍ତ୍ରୀ ର ମନର ଗଣ୍ଠୁଲିକୁ
ଉନ୍ମୁକ୍ତ କରି ପଢ଼ିଛ କି
ତା ଭିତରେ ଥିବା ଖୋଲା ଇତିହାସକୁ....

ପଢିଛ କି କେବେ ସ୍ତ୍ରୀ'ର ଚେହେରାକୁ
ନିଃଶବ୍ଦତାର ଦୁଆରେ ପରୀକ୍ଷା ବସି
ଦେଉଥିବା
ଶବ୍ଦ ମାନଙ୍କର ମୁହଁକୁ...

ତା ଭିତର ଅସ୍ଥିର ମନକୁ
କେବେ ତୁମେ ଅନୁଭବ କରୁଛ କି
ତା ଭିତରେ ବିସ୍ତାରିତ କରୁଥିବା ଚେରକୁ
କେବେ ମାଡୁ ଥିବାର ଦେଖିଛ କି ....

ତୁମେ କଣ ଜାଣିଛ କି
ଜଣେ ସ୍ତ୍ରୀର ସମସ୍ତ ସମ୍ପର୍କର ବ୍ୟାକରଣକୁ
କହିପାରିବ କି
ଜଣେ ସ୍ତ୍ରୀ ...ସ୍ତ୍ରୀ ଦୃଷ୍ଟି କୋଣରୁ
ତାର ସତୀତ୍ୱ ର ପରିଭାଷାକୁ....

ଯଦି ନୁହଁ
ତେବେ ଜାଣିଛ ବା କଣ ତୁମେ
ଖାଲି ରୋଷେଇ ଓ ଶେଯ ସଜେଇବା
ଯଦି ଏତିକି
ତେବେ ବାକି ଅଛି ଅନେକ ଜାଣିବାକୁ....


♥ ବାଲେଶ୍ୱର


## ଜିତିବ ବାଜି

### ଶ୍ରୀମତୀ ବନଶ୍ରୀ ଦାଶ

ନେବ ତ ନିଅ ମା ଝିଅ ମୀନାକୁ
ବୋଲଚି ମାନିବ ସବୁ କାମକୁ
ବାସନକୁସନ ମାଜି ଥୋଇବ
ପଇସା ନନେଇ ପାଠ ପଢିବ ।

ମୋ ପରି ହେବନି ଜମାରୁ କେବେ
ଅପାଠୁଆ ହୋଇ ସଢୁଛି ଏବେ
କଥା ନ ମାନିକି ପ୍ରେମ ମୁଁ କଲି
ବିବାହ ପୂର୍ବରୁ ସବୁ ସାରିଲି ।

କ୍ଷଣିକ ସୁଖରେ ମସଗୁଲ ହେଲି
ଆଗପଛ ନାବିଚାରି କି ବଢ଼ିଲି
ଘରଲୋକଙ୍କୁ ମୁଁ ଶତ୍ରୁ ଭାବିଲି
ମିଛ ପ୍ରେମର ମାୟାରେ ଭ୍ରମିଲି।

ସମୟ ସରିଲା ବୟସ ଗଡ଼ିଲା
ପାଠପଢ଼ାରେ ମୋ ଡୋରି ବନ୍ଧାଗଲା
ଯାହା ଭରସାରେ ଘର ଛାଡ଼ିଥିଲି
ଅନ୍ୟ ପକ୍ଷୀ ଦେଖି ଉଡାନ ମାରିଲା।

ନିଜ ଗୋଡ଼େ ଠିଆ ନ ଉଠି କଷ୍ଟି ମୁଁ ଆଜି
ଯାହାପଛେ ହେଉ ଝିଅମୋ ଜିତିବ ବାଜି।


♥ ବେତାର ଉଦଘୋଷିକା,
ଆକାଶବାଣୀ, ଭବାନୀପାଟଣା


## ଅବ୍ୟକ୍ତ ଅନୁରାଗ

### ସୁନନ୍ଦା ମହାନ୍ତି



ପ୍ରେମ ଗଛର ଡ଼ାଳ
ଡ଼ାଳରେ କେତେ ଫଳ
ଅନୁରାଗ ନିଶ୍ଚେ ମୂଳ
ନଥିଲେ କାହିଁ ଥଳକୂଳ
ଚୁକ୍ତିନାମା ପ୍ରେମର ବଳ
ନହେଲେ ଅବ୍ୟକ୍ତ ତା ଡ଼ାଳ
ଅନୁରାଗ ନୁହେଁ ଅନୁକମ୍ପା
ବୁଝିବାକୁ ଅଛି କି ବେଳ
ଅନୁରାଗ ନଥିଲେ ଠପ
ପାଣି ପବନ ଜଳ ସ୍ଥଳ
ବିବାହ ଗୋଳମାଳ
ଜତିପାତ ନାହିଁ କାହିଁ କାକତାଳ
ଅନୁରାଗ ଏକମାତ୍ର ବକଳ
ପ୍ରେମରେ ଥିଲେ ସଦାକାଳ
ଭୁଶୁଡିବ ନାହିଁ ଛପର ସେ ଚାଳ

ଅନୁରାଗ ଭରା ଦାମ୍ପତ୍ୟ
ଅନୁରାଗ ଭରା ସମ୍ପର୍କ ଶାଶ୍ୱତ
ଅନୁରାଗକୁ ଭୁଲ ବୁଝନା
ଏକମାତ୍ର କଳ ବଳ କୌଶଳ
ସେନେହ ସରାଗ ଅବକ୍ତ୍ୟ ଆକୁଳ
ନିଜର ରକ୍ତର କରିପାରେ ପର
ଅନୁରାଗ ବଳେ ପର ଆପଣାର
ବୁଝି ବୁଝିବାର ସମୟ ଏ ନୂଆ ସକାଳ


♥ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଯତରା ୨୦୨୫ରେ ରାଉରକେଲା ଇସ୍ପାତ କାରଖାନାର ଷ୍ଟଲ୍‌ରେ ଲୋକଙ୍କ ବିପୁଳ ଆଗ୍ରହ ପ୍ରକାଶ



ରାଉରକେଲା , ୮/୧ (ନି.ପ୍ର): ସୁନ୍ଦରଗଡର ଯାତ୍ରା ପଡିଆ ଠାରେ ଜାନୁଆରୀ ୨ ତାରିଖ ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଯତରା-୨୦୨୫ରେ ଓଡିଶାର ପ୍ରମୁଖ ଇସ୍ପାତ ଶିଳ୍ପ ସେଲ୍, ରାଉରକେଲା ଇସ୍ପାତ କାରଖାନାର ଆକର୍ଷଣୀୟ ପ୍ୟାଭିଲିୟନକୁ ନେଇ ପରିଦର୍ଶକମାନେ ବିପୁଳ ଆଗ୍ରହ ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାର ଓ ଏମଏସଏମଇ ଶିଳ୍ପ ସହଯୋଗରେ ଓରମାସ ଦ୍ୱାରା ଆୟୋଜିତ ଏହି ପାଞ୍ଚ ଦିନିଆ ମେଗା ଇଭେଣ୍ଟ କୁ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ଜାନୁଆରୀ ୨ ତାରିଖରେ ଓଡିଶା ସରକାରଙ୍କ ପଞ୍ଚାୟତ ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ , ଓଡିଶା ବିଧାନସଭାର ମାନ୍ୟବର ଉପବାଚସ୍ପତି ଶ୍ରୀ ଭବାନି ଶଙ୍କର ଭୋଇ, ମାନ୍ୟବର ରଘୁନାଥପାଲ୍ଲୀ ବିଧାୟକ ଶ୍ରୀ ଦୂର୍ଗା ଚରଣ ତନ୍ତି ତଥା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି, ଶିଳ୍ପ ବିଶେଷଜ୍ଞ, ଉଦ୍ୟୋଗୀ ଏବଂ ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

ଜାନୁଆରୀ ୪ ତାରିଖ ଦିନ ସନ୍ଧ୍ୟାରେ ଆରଏସପି ସହର ପ୍ରଶାସନ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସି ଜି ଏମ ଇନ ଚାର୍ଜ ଶ୍ରୀ ପି କେ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଏହି ସମଗ୍ର ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଆରଏସପିର ବିପୁଳ ଅବଦାନର ସ୍ୱୀକୃତି ସ୍ୱରୂପ ଆରଏସପିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆରଏସପି ତରଫରୁ ଶ୍ରୀ ସ୍ୱାଇଁ ଏହି ସମ୍ମାନ ଗ୍ରହଣ କରିଥିଲେ।

ପ୍ୟାଭିଲିୟନରେ ଆରଏସପିର ଐତିହାସିକ ଯାତ୍ରା, ଅଭିବୃଦ୍ଧି, ଏବଂ ଓଡିଶାରେ ପ୍ରତି ଅବଦାନ, କମ୍ପାନୀର ଉତ୍ପାଦ ସମୂହ, ଉତ୍ପାଦନ ସ୍ଥିତି, କ୍ରୀଡା ପଦକ୍ଷେପ ଏବଂ ସି ଏସ ଆର କାର୍ଯ୍ୟଧାରା ପରି ପ୍ରମୁଖ ଦିଗଗୁଡିକ ପ୍ରଦର୍ଶିତ ହୋଇଥିଲା।

# ବଳଦେବ ହାଇସ୍କୁଲ ୧୯୭୪ ବ୍ୟାଚ୍‌ର ବନ୍ଧୁ ମିଳନ

କେନ୍ଦ୍ରାପଡ଼ା, ୮/୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଳଦେବ ହାଇସ୍କୁଲ ୧୯୭୪ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କର ଏକ ବୈଠକ ନିକଟସ୍ଥ ଗଣ୍ଡାକିଆ ମା' ଛୁଆଳିଆ ଠାକୁରାଣୀ ପୀଠରେ ହରେକୃଷ୍ଣ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରବିନାରାୟଣ ସାହୁ, ଧିରେନ କୁମାର ସାହୁ, ରବିନ୍ଦ୍ର ଲେଙ୍କା, ଭରତ ସାହୁ ଓ ପ୍ରଫୁଲ୍ଲ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦିବଂଗତ ଗୁରୁଜୀ ଓ ବନ୍ଧୁମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସନତ୍ କୁମାର ସାହୁଙ୍କ ଶ୍ଳୋକ ଆବୃତି ସହ ନୀରବ ପ୍ରାର୍ଥନା କରାଯାଇଥିଲା । ବର୍ତମାନ ଚିକିତ୍ସିତ ହେଉଥିବା ପ୍ରମୋଦ କୁମାର ନାୟକ ଓ ନିରଞ୍ଜନ ବେହେରାଙ୍କ ଆଶୁ ଆରୋଗ୍ୟ ନିମନ୍ତେ ମା'ଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ଚଳିତ ବର୍ଷ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ତଥା ପୁରାତନ ଛାତ୍ର ମହେନ୍ଦ୍ର କୁମାର ତ୍ରିପାଠୀ ଓ ପତ୍ନୀ ଚକ୍ଷୁରୋଗ ବିଶେଷଜ୍ଞ ସଂଘମିତ୍ରା ତ୍ରିପାଠୀଙ୍କୁ ସମସ୍ତ ବନ୍ଧୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅନୁରୋଧ କରାଯାଇଥିଲା ଏବଂ ସେମାନେ ଆଗାମୀ ଦିନରେ ସମସ୍ତ ବନ୍ଧୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବଳଦେବ ହାଇସ୍କୁଲର ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ, ଶ୍ରେଣୀ ଗୃହ ସମସ୍ୟା, ଶିକ୍ଷକମାନଙ୍କ ଅଭାବ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଧିରେନ ସାହୁ ଆଲୋଚନା କରିଥିଲେ । ଏହାର ସମାଧାନ ନିମନ୍ତେ ବିହିତ ପଦକ୍ଷେପ ନେବା ପାଇଁ ସ୍ଥିର କରାଯାଇଥିଲା ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଥିଲା । ଆଗାମୀ ବର୍ଷରେ ବଳଦେବ ହାଇସ୍କୁଲର ଏକ ସ୍ମରଣିକା ପ୍ରକାଶ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି । ଏହି ବୈଠକରେ ମନସ୍ୱିନୀ ନାୟକ, ଦିପ୍ତିମୟୀ ଦାସ, ମୀରାରାଣୀ ଶତପଥୀ, ନିତ୍ୟାନନ୍ଦ ସ୍ୱାଇଁ, ସୁଶାନ୍ତ ନନ୍ଦ, ଜ୍ଞାନ ରଞ୍ଜନ ମହାନ୍ତି, ଶକ୍ତି ପ୍ରସାଦ ସାମନ୍ତରାୟ, କ୍ଷୀରୋଦ ସାହୁ, ଚନ୍ଦ୍ରଭାନୁ ସିଂ, ବିଜୟ ସାମଲ, ପ୍ରହ୍ଲାଦ ପାତ୍ର, ବନବିହାରୀ ନାୟକ, ନଳିନୀ ସାହୁ, ପ୍ରମୋଦ ମିଶ୍ର, ଶ୍ରୀଧର ସାହୁ, ଭାବଗ୍ରାହୀ ପତି, ଦେବେନ୍ଦ୍ର ସାହୁ, ବିତିତ୍ରାନନ୍ଦ ନାୟକ, ନିରଞ୍ଜନ ପରିଡା, ସୁନୀଲ ଦାସ, ଭ୍ରମରବର ବିଶ୍ୱାଳ, ରମେଶ ଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ଜେନା, ଭୀମସେନ ନାୟକ, ରତ୍ନାକର ରାଉତ, ଭଜହରି ନାୟକ, ଦୁର୍ଯ୍ୟୋଧନ ପାଣି ପ୍ରମୁଖ ପ୍ରାୟ ୬୦ଜଣ ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଶେଷରେ ଚନ୍ଦ୍ରଭାନୁ ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଗଣ ଧାରଣା

ଜୟପୁର, ୮/୧ (ନି.ପ୍ର): ଜୟପୁର ପାୱାର ହାଉସ ଟାଟା ପାୱାର ସର୍କଲ ଅଫିସ ପରିସରରେ ଆଜି ଦିନ ୧୨ଟା ୩୦ ମିନିଟ ସମୟ ଠାରୁ ଗଣଧାରଣା ଦିଆଯାଇଛି । ଓଡିଶା ବିଦ୍ୟୁତ କର୍ମଚାରି ମହାସଂଘ ତରଫରୁ ଏହି ଗଣଧାରଣା ଦିଆଯାଇଛି । ଭିଜିଲାନ୍ସ ନାମରେ ବିଭିନ୍ନ ଆଳ ଦେଖାଇ ଛଟେଇ କରାଯାଇଥିବା ପ୍ରତିବାଦରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ୩ଜଣ ଛଟେଇ ହୋଇଥିବା ଠିକା କର୍ମଚାରି ପୁନଃ ନିଯୁକ୍ତ ଦାବିରେ ଧାରଣା ଦିଆଯାଇଛି । ଏହି ଧାରଣାରେ କାର୍ଯ୍ୟରତ ବିଦ୍ୟୁତ କର୍ମଚାରି ମାନେ ସାମିଲ ହୋଇଥିଲେ । ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି । ସଂଗଠନ ସମ୍ପାଦକ ପି. ବାଲାଜି, ସହ ସମ୍ପାଦକ ଶେଷ ଅବଦୁଲ ଆକବର, ଉପ ସଂଗଠନ ସମ୍ପାଦକ ଶଶି ଭୁଷଣ ନାୟକ, ଜୟପୁର ସାର୍କିଲ ସମ୍ପାଦକ ପି. ଗୌରି ସଙ୍କର, ଡିଭିଜିନ ସମ୍ପାଦକ ବୈଦ୍ୟନାଥ ବେହେରା, ରାଇଚନ ନାୟକ, ପରେଶ କୁମାର ସ୍ୱାଇଁ, ଯୁଗଳ ନାହାକଙ୍କ ନେତୃତ୍ୱରେ ଧାରଣା ଜାରି ରହିଛି ।

# ମଧୁପୁରାଠାରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ



ବସ୍ତା , ୮/୧ (ନି.ପ୍ର): ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ମଧୁପୁରା ଠାରେ ସୂର୍ଯ୍ୟ ସ୍ମୃତି ପରିଷଦ ଆନୁକୂଲ୍ୟରେ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ଉଦ୍ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କୁ ଡକ୍ଟର ଧରଣୀଧର ଘୋଷ ସଭାପତିତ୍ୱ କରିଥିବା ବେଳେ, ଉଦ୍ଘାଟକ ତଥା ମୂଖ୍ୟ ଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତା ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଜଳି ଦାସ, ବସ୍ତା ବିଡ଼ିଓ ରାଧା ରଞ୍ଜନ ଦାସ, ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ଯୁବ ସମାଜସେବୀ ତଥା ବସ୍ତା ଲାୟନ୍ସ କ୍ଲବ ସଭାପତି ସୁମନ୍ତ କୁମାର ଜେନା, ପିଞ୍ଚା ବଣିଆ ଗୁରୁକୂଳ ଆଶ୍ରମର ପରିଚାଳକ ଆଚାର୍ଯ୍ୟ ବିଜୟ ଜୀ, ,ସ୍ଥାନୀୟ ସରପଞ୍ଚ ଅନନ୍ତ କୁମାର ବାରିକ, ସମିତି ସଦସ୍ୟା ପଙ୍କଜିନି ପାଳ ,ଜିଲ୍ଲା ରକ୍ତ ଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ପ୍ରାକ୍ତନ ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜିନୀ ଘୋଷ ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ଉପକେନ୍ଦ୍ର ର ଉଦ୍ଘାଟନ ସହିତ, ରକ୍ତ ଦାନ ଶିବିର, ବୃକ୍ଷ ରୋପଣ ସମେତ ପ୍ରକୃତି ମିତ୍ର ସୁମନ୍ତ କୁମାର ଜେନା ,ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ସମାଜ ସେବା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଥିବା କରୁଆ କୈବଲ୍ୟ କ୍ଷେତ୍ର ଶ୍ରୀଜଗନ୍ନାଥ ଟ୍ରଷ୍ଟ ,ଚନ୍ଦ୍ର ଶେଖର ଆଜାଦ ଫାଉଣ୍ଡେସନ ,ରକ୍ତ ଦାନ ଶିବିର ଆୟୋଜକ ଜ୍ୟୋତିର୍ମୟ ନନ୍ଦ ପ୍ରମୁଖ ଙ୍କୁ ସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ପୁଷ୍ପଗୋଛ,ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସରୋଜିନୀ ଘୋଷ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଇଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

କେନ୍ଦ୍ରାପଡ଼ା, ୮/୧ (ନି.ପ୍ର): କେନ୍ଦ୍ରାପଡା ଇଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବିତରଣ କରାଯାଇଥିଲା। ଏହି ଉତ୍ସବରେ ମୋଟ୍ ୨୦୩ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଥିଲା । ଏହି ପୋଷାକ ବିତରଣ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବାଶିଷ ପତି, ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ଦାଶ, ପୂର୍ବତନ ପ୍ରଧାନଶିକ୍ଷକ ଦୈତାରୀ ପାତ୍ର, ସିଆର୍‌ସିସି ବିଭୂପ୍ରସାଦ ଦାଶ, ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା କାର୍ଯ୍ୟାଳୟରେ ନୂତନ ବର୍ଷର ପ୍ରଥମ ଜନ ଶୁଣାଣି ଶିବିର

## ୧୬୫ ଅଭିଯୋଗ ଆଗତ, ୫୪ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



ଭଦ୍ରକ, ୮/୧ (ନି.ପ୍ର): ପ୍ରତି ମାସର ପ୍ରଥମ ସୋମବାରରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଆସୁଥିବା ଧାରାରେ ନୂତନ ବର୍ଷର ପ୍ରଥମ ସୋମବାର ଜାନୁୟାରୀ ୬ତାରିଖରେ ଏହି ଶିବିର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଭଦ୍ରକ ଏସ୍.ପି. ମାଡ଼କର ସନ୍ଦୀପ ସମ୍ପଦ ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୬୫ଟି ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୧୩୩ଟି ବ୍ୟକ୍ତିଗତ, ୨୨ଟି ସାମୁହିକ, ୯ଟି ରେଡ଼କ୍ରସ ୧ଟି ସି.ଏମ୍.ଆର.ଏଫ୍ ସମ୍ବନ୍ଧୀୟ ଅଭିଯୋଗ ଥିଲା । ରେଡ଼କ୍ରସ ସମ୍ବନ୍ଧୀୟ ୯ଜଣ ଆବେଦନକାରୀଙ୍କୁ ୪୪ ହଜାର ଟଙ୍କା ଓ ଜଣେ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୧୦ ହଜାର ଟଙ୍କା ସମୁଦାୟ ୫୪ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଧାଂଶୁ ଶେଖର ବଳ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ମଧ ଏହି ଶିବିରରେ ଉପସ୍ଥିତ ରହି ଜନ ଅଭିଯୋଗର ସମାଧାନ ପାଇଁ ଜିଲ୍ଲାପାଳଙ୍କ ଆବଶ୍ୟକତା ମତେ ତଥ୍ୟ ଉପସ୍ଥାପନ କରିଥିଲେ । ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ ଓ ତନ୍ମୟ କୁମାର ଜେନା ପ୍ରମୁଖ ଏହି ଶିବିରରେ ଅଭିଯୋଗ ଉପସ୍ଥାପନା ପରିଚାଳନାରେ ସହଯୋଗ କରିଥିଲେ । ଆଗତ ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଅଭିଯୋଗ ସବୁର ଆଶୁ ସମାଧାନ ପାଇଁ ନିୟମାନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଶିବିରରେ ଉପସ୍ଥିତ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସାଧାରଣ ଓ ବିବିଧ ଅନୁଭାଗର କର୍ମଚାରୀ ନିତ୍ୟାନନ୍ଦ ନାୟକ ଅଭିଯୋଗ ପଞ୍ଜିକରଣ ଦାୟିତ୍ୱ ନିର୍ବାହ କରିଥିଲେ ।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୮/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଉଚ୍ଚମାଧ୍ୟମିକ ଶିକ୍ଷା ବିଭାଗମତେ ଏବଂ ଜିଲ୍ଲା ଚିତ୍ରୋତ୍ପଳା ମହାବିଦ୍ୟାଳୟ ତତ୍ୱାବଧାନରେ ଇନ୍ଦୁପୁର ସ୍ଥିତ ବିରୂପା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ତା୧୬.୦୧.୨୦୨୫ ରିଖ ପର୍ଯ୍ୟନ୍ତ ଚାଲିବାକୁ ରହିଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଭିଜିତ ବୋଷ ମହୋଦୟ ଉଦ୍‌ଘାଟନ କରିଥିବାବେଳେ ଅନୁଷ୍ଠାନର ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀ ନିଗମାନନ୍ଦ ନାୟକ, କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକା ଜସ୍ମିନ ପ୍ରଧାନ, ଅଧାପିକା ସୁଶ୍ରୀ ହେବା ଫାତିମା ଏବଂ କ୍ରୀଡ଼ା ଶିକ୍ଷକ ଜ୍ୟୋତିର୍ମୟ ଦାସ ଯୋଗଦାନ କରି ଅଂଶଗ୍ରହଣ କରିଥିବା ଶତାଧିକ ଛାତ୍ରୀମାନଙ୍କୁ ଏହାର ଉପାଦେୟତା ଓ ଆଭିମୁଖ୍ୟ ବିଷୟରେ ସଚେତନ କରାଇବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରର ପ୍ରଶିକ୍ଷକା ଭାବେ ସୁଶ୍ରୀ ଗାୟତ୍ରୀ ସିଂ ଓ ପ୍ରିୟଙ୍କା ସିଂ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ଶିକ୍ଷା ପ୍ରଦାନ କରିଥିଲେ। ଉକ୍ତ ଶିବିରର ଉଦ୍‌ଯାପନ ଉତ୍ସବ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବାକୁ ନିର୍ଦ୍ଧାରିତ ହୋଇଛି।

# ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଭୋଟର ତାଲିକା ୨୦୨୫ ପ୍ରକାଶିତ: ଜିଲ୍ଲାରେ ୧୦,୦୨୭ ଜଣ ଭୋଟର ସଂଖ୍ୟା ବୃଦ୍ଧି




ଭଦ୍ରକ, ୮/୧ (ନି.ପ୍ର): ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜାନୁୟାରୀ ୬ ତାରିଖ ଭଦ୍ରକ ଜିଲ୍ଲାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା-୨୦୨୫ ପ୍ରକାଶିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ତାଲିକା ପ୍ରକାଶ କରାଯାଇଥିଲା ।

ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ଓ ସହକାରୀ ଜିଲ୍ଲାପାଳ, ନିର୍ବାଚନ ସାଗରିକା ସାହୁ ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ସୂଚନା ପ୍ରଦାନ ପୂର୍ବକ ଚୂଡ଼ାନ୍ତ ତାଲିକାନୁଯାୟୀ ବିଭିନ୍ନ ବର୍ଗର ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଭୋଟର ସଂଖ୍ୟା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ ।

ପ୍ରଦତ୍ତ ସୂଚନା ଅନୁଯାୟୀ ୨୯-୧୦-୨୦୨୪ସୁଦ୍ଧା ଜିଲ୍ଲାରେ ଥିବା ସମୁଦାୟ ଭୋଟର ସଂଖ୍ୟା ୧୨୯୪୦୬୨ ବୃଦ୍ଧି ପାଇ ୧.୬.୨୫ସୁଦ୍ଧା ୧୩୦୪୦୮୯ ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରେ ସମୁଦାୟ ପୁରୁଷ ଭୋଟର ସଂଖ୍ୟା ୬୬୯୭୨୮, ସମୁଦାୟ ମହିଳା ଭୋଟର ସଂଖ୍ୟା ୬୩୪୨୦୧ ଏବଂ ତୃତୀୟ ଲିଙ୍ଗୀ ଭୋଟର ସଂଖ୍ୟା ୧୬୦ । ସେହିପରି ୬.୧.୨୫ସୁଦ୍ଧା ୧୮-୧୯ବର୍ଷ ବୟସ ବର୍ଗର ଯୁବ ଭୋଟର ସଂଖ୍ୟା ସମୁଦାୟ୨୧୮୯୬ ଯାହା ୧.୬୮% ଅଟେ । ସେହିପରି ଲିଙ୍ଗଗତ ଅନୁପାତରେ ଭଦ୍ରକ ଜିଲ୍ଲାରେ ପ୍ରତି ୧୦୦୦ ପୁରୁଷରେ ୯୪୬.୯୫ଜଣ ମହିଳା ଭୋଟର ଅଟନ୍ତି । ଯାହା ରାଜ୍ୟସ୍ତରୀୟ ହାର ଠାରୁ କମ୍ ଅଛି ଏବଂ ଜିଲ୍ଲାର ଚାନ୍ଦବାଲି ବ୍ଲକ୍‌ରେ ଥିବା ୯୨୦.୨୪ ଅନୁପାତ ସବୁଠାରୁ କମ୍ ରହିଛି । ୧୦୦ ବର୍ଷରୁ ଅଧିକ ବୟସ ବର୍ଗର ସମୁଦାୟ ଭୋଟର ସଂଖ୍ୟା ୨୧୭ଜଣ ଜୀବିତ ଥିବା ସୂଚନା ପ୍ରଦାନ କରାଯାଇଛି ।

## ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

କୋରେଇ, ୮/୧ (ନି.ପ୍ର): ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଓଡିଶା ସରକାରଙ୍କର ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପରୀକ୍ଷା କେନ୍ଦ୍ରରେ ମୋଟ ୧୫୩ ଜଣ ଛାତ୍ର/ଛାତ୍ରୀ ପରୀକ୍ଷାରେ ଭାଗ ନେବାକୁ ଥିବା ବେଳେ ୬ ଜଣ ଅନୁପସ୍ଥିତ ରହିଛନ୍ତି । ସକାଳ ୯ଟରୁ ଦିନ ୧୧ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ହୋଇଥିଲା । ଉକ୍ତ ପରୀକ୍ଷା କେନ୍ଦ୍ରର ପର୍ଯ୍ୟବେକ୍ଷକଭାବେ ତାରାକୋର୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ୍ୱର ବେହେରା ଯୋଗଦାନ କରିଥିଲେ । କେନ୍ଦ୍ର ସୁପରିଟେଣ୍ଡେଟ ଭାବେ ପାଣିକୋଇଲି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗାୟତ୍ରୀ ନାୟକ, ଡେପୁଟି ସୁପରିଟେଣ୍ଡେଟ ପ୍ରତାପ କୁମାର ପହି ଯୋଗଦେଇଥିଲେ ।

## ଡକ୍ଟରେଟ୍ ଉପାଧି ପାଇଲେ ତ୍ରିଲୋଚନ ବରାଳ

କେନ୍ଦ୍ରାପଡ଼ା, ୮/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆୟବା ଗ୍ରାମର ସ୍ୱର୍ଗତ ପୁରୁଷୋତମ ବରାଳ ଓ ପଦ୍ମାବତୀ ବରାଳଙ୍କ ସୁପୁତ୍ର ତ୍ରିଲୋଚନ ବରାଳଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଗତ ଡିସେମ୍ବର ୩୧ ତାରିଖରେ ପୁରୀ ଟାଉନହଲଠାରେ ୱାର୍ଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସମାଜସେବା କ୍ଷେତ୍ରରେ ତିଲୋଚନ ବରାଳଙ୍କୁ ଡକ୍ଟରେଟ୍ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଛି । ଡକ୍ଟର ତ୍ରିଲୋଚନ ବରାଳ ନାମରେ ନାମିତ କରାଗଲା । ସେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଭୁବନେଶ୍ୱରରେ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି ।

# ସମାଜସେବୀ ଚରମାନନ୍ଦ ଦାସ ସମ୍ବର୍ଦ୍ଧିତ

ଘଟଗାଁ, ୮/୧ (ନି.ପ୍ର): ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ର ସଂଗଠକ ତଥା ଭାଗବତ ଟୁଙ୍ଗି ପ୍ରଚାର ସମିତିର ଜିଲ୍ଲା ସଂଯୋଜକ ବାବାଜୀ ଚରମାନନ୍ଦ ଦାସଙ୍କୁ ସାହିତ୍ୟ, ସଂସ୍କୃତି, ଆଧାତ୍ମିକତା ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି।

ସାରା ଓଡିଶାରେ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଗଭୀର ଆଲୋଡନ ସୃଷ୍ଟି କରିଥିବା ବର୍ତମାନ ସମୟର ସୁପରିଚିତ ନାମ ପାଲଟିଥିବା ପ୍ରସିଦ୍ଧ ଚକ୍ଷୁ ଚିକିତ୍ସାଳୟର ୨୮ତମ ପ୍ରତିଷ୍ଠା ଉତ୍ସବ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକର ସିଂହାପୁର ଗ୍ରାମପଂଚାୟତର ସିଂହାପୁର ଗ୍ରାମସ୍ଥିତ ଗ୍ରୀନ ଗାର୍ଡେନ ପରିସରରେ ଡଃ. ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ମହାଆଡମ୍ବରରେ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଆନ୍ତର୍ଜାତିକ ସ୍ତରରେ କ୍ରିୟାଯୋଗ ଓ ଗୀତା ଜ୍ଞାନ ପ୍ରଚାର ତଥା ଗୋ'ସେବା କ୍ଷେତ୍ରରେ ବହୁ ପ୍ରତିଷ୍ଠା ଅର୍ଜନ କରିଥିବା ସ୍ୱନାମଧନ୍ୟ ମହାନ ସନ୍ଥ ପ୍ରଜ୍ଞାନାନନ୍ଦ ପରମହଂସ ଓ ଭୂମିକା'ର ପ୍ରତିଷ୍ଠାତା ଡ଼ଃ. ଭୀଷ୍ମ ପ୍ରସାଦ ରଥ, ଚେୟାରମ୍ୟାନ ଡ଼ଃ. ଭୂମିକା ରଥ, ଟାଟା ସ୍ୱଞ୍ଜ ମ୍ୟାନେଜର ତ୍ରିଲୋଚନ ପଲେଇ ଏବଂ ଭୂମିକାର ଉତର ଓଡିଶା ଆଂଚଳିକ ପରିଚାଳକ କର୍ଣ୍ଣାଟ କିଶୋର ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଚରମାନନ୍ଦ ଦାସଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଚରମାନନ୍ଦ ଦାସ ଏକାଧାରରେ ଜଣେ କବି, ଗାଳ୍ପିକ, ସ୍ତମ୍ଭକାର, ଭଗବତ ପ୍ରବଚକ ଓ ସମାଜସେବୀ ଏବଂ ସମାଜ ସଂସ୍କାରକ। ବିଶେଷ କରି ବାଲ୍ୟ ପ୍ରତିଭା ଚୟନ, ମାତୃ ଜାଗରଣ, ଯୁବ ଜାଗରଣ, ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂରୀକରଣ, ନିଶାନିବାରଣ, ପରିବେଶ ସୁରକ୍ଷା ସହିତ ସାହିତ୍ୟ, ସଂସ୍କୃତି ଓ ଆଧାତ୍ମିକ କ୍ଷେତ୍ରରେ ବିଭିନ୍ନ ପ୍ରକାର ବହୁଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ କରି ସମଗ୍ର କେନ୍ଦୁଝର ଜିଲ୍ଲା ତଥା ରାଜ୍ୟରେ ଏକ ସ୍ୱତନ୍ତ୍ର ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ବହୁ ଚକ୍ଷୁ ବିଶେଷଜ୍ଞ, ନିମନ୍ତ୍ରିତ ଅତିଥି ମାନଙ୍କ ସହିତ ଓଡ଼ିଶାରେ ଥିବା ୧୬ଗୋଟି ଜିଲ୍ଲାର ୩୦ଗୋଟି ଭୂମିକା ଚକ୍ଷୁ ଚିକିତ୍ସାଳୟରେ ସେବା ପ୍ରଦାନ କରୁଥିବା ଦୁଇ ହଜାରରୁ ଅଧିକ ସ୍ୱାସ୍ଥ୍ୟ କର୍ମୀ ଏହି ସଭାରେ ଉପସ୍ଥିତ ଥିଲେ।

# ବନ୍ଧୁକ ଦେଖାଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟିନେଲେ ଟଙ୍କା

କନ୍ଧମାଳ, ୮/୧ (ନି.ପ୍ର): କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ କିରିକୁଟି ଓ ପର୍ଡମାହା ପଂଚାୟତ ସିମବର୍ତୀ କୁମ୍ଭାରମୁଣ୍ଡା ନିକଟରେ ଏକ ବଡ ଧରଣର ଲୁଟ୍ ହୋଇଛି। ଜଣେ ଫାଇନାନ୍ସ କର୍ମଚାରୀ ଋଣ ଟଙ୍କା ଆଦାୟ କରି ଫେରୁଥିବା ସମୟରେ ଏହି ଲୁଟ୍ ହୋଇଛି। ଗୋଟିଏ ବାଇକ ସମେତ ନଗଦ ପ୍ରାୟ ୪୦ହଜାର ଟଙ୍କା ଲୁଟିନେଇଛନ୍ତି ଦୃର୍ବୃତ। ଲୁଟ୍‌ର ଶିକାର କର୍ମଚାରୀ ହେଲେ ମିଥେଲ ଦିଗାଲ। ତାଙ୍କୁ ଦୃର୍ବୃତମାନେ ବନ୍ଧୁକ ମୁନରେ ଭୟଭୀତ କରିବା ସହ ବନ୍ଧୁକରେ ମୁଣ୍ଡକୁ ବାରମ୍ବାର ପିଟି ଆଘାତ କରି ଗୁରୁତର କରିଦେଇ ଲୁଟ୍ କରିଛନ୍ତି। ଗୁରୁତର ଅବସ୍ଥାରେ ମିଥେଲଙ୍କୁ ସ୍ଥାନୀୟ ଲୋକ ସିମନବାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଛନ୍ତି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକା ଚିକିତ୍ସା ପାଇଁ ଅନ୍ୟତ୍ର ଅଧିକା ଚିକିତ୍ସା ପାଇଁ ଯିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ପ୍ରକାଶ ଯେ, ମିଥେଲ ଏକ ବାଇକ ବାଇକ ନଂ (ଓଡି ୧୨ ଇ-୭୪୮୫ )ରେ ସକାଳୁ ଦାରିଙ୍ଗବାଡି ଫାଇନାନ୍ସ କାର୍ଯ୍ୟାଳୟରୁ ବାହାରି କିରିକୁଟି ପଂଚାୟତର କୁମ୍ଭାରମୁଣ୍ଡା ଗ୍ରାମ ଦେଇ ପର୍ଡମାହା ପଂଚାୟତ ସୁଜାମାଳୁ, କାଡିପାଙ୍ଗା ଅଂଚଳକୁ ଋଣ ବାବଦକୁ ଅର୍ଥ ସଂଗ୍ରହ ପାଇଁ ଯାଇଥିଲେ। କାମ ସାରି ମଧ୍ୟାହ୍ନରେ ଦାରିଙ୍ଗବାଡି ଫେରୁଥିଲେ। ଏହି ସମୟରେ ୩ଜଣ ଦୃର୍ବୃତ ମିଥେଲଙ୍କୁ ଅଟକାଇ ବନ୍ଧୁକ ଦେଖାଇବା ସହ ମିଥଲଙ୍କୁ ଗାଡିରେ ବସାଇ କିଛିବାଟ ନେଇଥିଲେ। ତେବେ ଜଙ୍ଗଲରେ କିଛି ଲୋକ ହଳଦୀ ଖୋଳୁଥିବା ଦେଖି ମିଥେଲ ବାଇକରୁ ଡେଇଁବା ପାଇଁ ଉଦ୍ୟମ କରିଥିଲେ ଓ ଦୃର୍ବୃତଙ୍କ ସହ ମିଥଲ ବାଇକରୁ ଖସିପଡ଼ିଥିଲେ ଓ ରାଗରେ ଦୃର୍ବୃତମାନେ ମିଥେଲଙ୍କୁ ପ୍ରବଳ ପିଟିବା ସହ ବନ୍ଧୁକରେ ମୁଣ୍ଡକୁ ବାରମ୍ବାର ଆଘାତ ଦେଇଥିଲେ। ତେବେ ଘଟଣାସ୍ଥଳରୁ ସମସ୍ତ ଦୃର୍ବୃତ ଫେରାର ହୋଇଯାଇଥିଲେ ବୋଲି ଆହତ ମିଥେଲ କହିଛନ୍ତି।

# ଶିଶୁ ମେଳା ହିଁ ପିଲାମାନଙ୍କର ପ୍ରତିଭାକୁ ବିକଶିତ କରିପାରେ



ବାଲେଶ୍ୱର, ୮/୧ (ନି.ପ୍ର): ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ମୁଖୁରାରେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱରର କଳା ଓ ସଂସ୍କୃତି ବିଭାଗ ତରଫରୁ ସଦର - ରେମୁଣା ସଂକୁଳ ସ୍ତରୀୟ ଶିଶୁ ମହୀତ୍ସବ 'ସୁଗନ୍ଧ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେମୁଣା ର ସଂକୁଳ ପ୍ରମୁଖ ରାମାନନ୍ଦ ମହାପାତ୍ର ଙ୍କ ସଂଯୋଜନା ରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଗଣିତ ପ୍ରଫେସର ଗୌରାଙ୍ଗ ବେହେରା, ଯୋଗ ଦେଇ ଶିଶୁ ମାନଙ୍କ ମଧ୍ୟରେ ରହିଥିବା ସୁପ୍ତ ପ୍ରତିଭା କୁ ବିକଶିତ କରିବାରେ ଶିଶୁ ମେଳା ହିଁ ପ୍ରକୃଷ୍ଟ ମାଧ୍ୟମ ଅଟେ । ମୁଖ୍ୟ ବକ୍ତା ଭାବେ ପଦାର୍ଥ ବିଜ୍ଞାନ ବିଭାଗ ର ପ୍ରଫେସର ବିବେକାନନ୍ଦ. ମହାନ୍ତି ଯୋଗ ଦେଇ ଶିଶୁ ମାନଙ୍କ ଅନ୍ତର୍ନିହିତ ପ୍ରତିଭା କୁ ବିକାଶ କରିବାରେ ଅଭିଭାବକ ଓ ଗୁରୁଜୀ ଗୁରୁମା ମାନେ ପ୍ରମୁଖ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେକ୍ଷ ଅନୁଷ୍ଠାନର ସଭାପତି ପ୍ରଭାତ ବିଶ୍ୱାଳଙ୍କ ସଭାପତି ତ୍ୱ ରେ ସମ୍ମାନିତ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ସଂକୁଳ ସ୍ତରୀୟ ଶିଶୁ ମେଳା ର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଶିକ୍ଷାବିତ ପ୍ରଶାନ୍ତ ବରାଳ, ଉଦଘାଟନ ଅବସରରେ ମୁଖ୍ୟ ବକ୍ତା ଭାବେ ବେତନଟି ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ର ସମ୍ପାଦକ ପଦ୍ମଲୋଚନ ପ୍ରଧାନ , ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭ ରେ ପ୍ରତି ଯୋଗୀ ମାନଙ୍କ ଦ୍ୱାରା ପୂଜନ କାର୍ଯ୍ୟକ୍ରମ ହୋଇବା ପରେ ନଗର ପରିକ୍ରମା କରାଯାଇଥିଲାଲ ଏହି ଅବସରରେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ତରଫରୁ ଅନୁଷ୍ଠାନକୁ ରୌପ୍ୟ ଜୟନ୍ତୀ ସ୍ମାରକ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନ ସଦସ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ତରଫରୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିଶୁ ମହୋତ୍ସବ ରେ ବଡ଼ସାହି ସଂକୁଳ ର ସମସ୍ତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ଶତାଧିକ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରବନ୍ଧ,ନାଚ,ଚିତ୍ରାଙ୍କନ, କୁଇଜ, ଏକକ ଅଭିନୟ,ଭାଷା ଜ୍ଞାନ,ସୁନ୍ଦର ହସ୍ତାକ୍ଷର, ବକ୍ତୃତା, ବିଜ୍ଞାନ ମେଳା ଆଦି ବିଭାଗ ରେ ପ୍ରତିଯୋଗିତା ହୋଇଥିଲା ଏହି ଶିଶୁ ମେଳା ରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, କୁଡ଼ିଆ କୁ ଚଳିତ ବର୍ଷ ଚମ୍ପିୟାନ ଆଖ୍ୟା ପ୍ରଦାନ କରାଯାଇଥିଲା ଶେଷରେ ଅତିଥି ମାନେ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥଲେ । ଏହି ଶିଶୁ ମେଳା ରେ ଅନୁଷ୍ଠାନ ର ସମସ୍ତ ଗୁରୁଜୀ ଗୁରୁମା ଏବଂ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

# ଜଳେଶ୍ୱର ପଞ୍ଚାୟତ ସମିତିର ଅଷ୍ଟମତମ ସାଧାରଣ ଅଧିବେଶନ ଅନୁଷ୍ଠିତ



ଜଳେଶ୍ୱର, ୮/୧ (ନି.ପ୍ର): ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଅଷ୍ଟମ ତମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତିର ଅଧକ୍ଷ ମାନସ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଏହି ଅଷ୍ଟମ ସାଧାରଣ ଅଧିବେଶନରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧକ୍ଷ ବ୍ରଜମୋହନ ପ୍ରଧାନ,ବିଧାୟକ ଅଶ୍ୱିନି କୁମାର ପାତ୍ର,ଜିଲ୍ଲା ପରିଷଦ ଉପାଧକ୍ଷା ଆନୁଷୟା ପ୍ରଧାନ, ପଞ୍ଚାୟତ ସମିତି ଉପାଧକ୍ଷା ସଞ୍ଜିତା ସେନାପତି,ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତି,ଏ ବିଡିଓ ମାୟାଧର ମଲ୍ଲିକ,ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ସାହୁ, ପ୍ରଭାକର ଷଡ଼ଙ୍ଗୀ,ଡବ୍ଲୁଇଓ ସଜତ ଅନୁପମ, ବିଇଓ ଜଗବନ୍ଧୁ ଜେନା, ସିଡ଼ିପିଓ ଚମ୍ପାମଣି ମୁର୍ମୁ, ସ୍ୱାସ୍ଥ୍ୟ ବିଭାଗରୁ ଫକୀର ମୋହନ ପ୍ରଧାନ,ଏମଆଇ ଅବନ୍ତିକା ସାହୁ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ,ଟାଟା ପାୱାର ଏଲେକ୍ଟ୍ରି ଏସଡିଓ ଭୋବନ ମୋହନ ସାହୁ,ଡ୍ରେନେଜ୍ ବିଭାଗର ଏସଡିଓ ଇରାକ ବେହେରା ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ରହି ତା ୧୭/୮/୨୪ ରିଖରେ ଅନୁଷ୍ଠିତ ହୋଇଥିବା ସପ୍ତମ ଅଧିବେଶନ ପୂର୍ବ ବିବରଣୀ ପଠନ କରିବା ସହିତ ଦୃଢ଼ୀକରଣ କରାଯାଇ ଥିଲା ।ଦୃଢ଼ୀକରଣ ପରେ ଗ୍ରାମ୍ୟ ଉନ୍ନୟନ,ପୂର୍ତ୍ତ ବିଭାଗ,ମୃତ୍ତିକା ସଂରକ୍ଷଣ, ଜଳ ସେଚନ,ଉଠା ଜଳସେଚନ,ଡ୍ରେନେଜ, ସମ୍ବନ୍ଧୀୟ ଆଲୋଚନା ସହିତ ପାନୀୟ ଜଳ, ଶିକ୍ଷା,ସ୍ୱାସ୍ଥ୍ୟ,କୃଷି ସମ୍ବନ୍ଧୀୟ ଆଲୋଚନା ତଥା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା।

# ବାସୁଦେବପୁର ସୋସାଇଟିରେ ଧାନମଣ୍ଡି ଉଦ୍‌ଘାଟିତ



ବାସୁଦେବପୁର, ୮/୧ (ନି.ପ୍ର): ବାସୁଦେବପୁର ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଯୋଗାଣ ବିଭାଗ ଅଧିକାରୀ ମଧୁସ୍ମିତା ସେନାପତି, ସଭାପତି ଶରତ କୁମାର ବାରିକ, ସେବା ସମବାୟ ସମିତିର ସମ୍ପାଦକ ତନ୍ମୟ କୁମାର ମଲ୍ଲିକ ଓ ଉପ ସଭାପତି ଅନ୍ନପୂର୍ଣ୍ଣା ମହାନ୍ତି । ଧାନ କିଣା କମିଟି ସଦସ୍ୟ,ପରିଚାଳନା କମିଟି ସଦସ୍ୟ ଓ ଅଫିସ୍ ଷ୍ଟାଫ ଏହି ଅବସରରେ ଯୋଗ ଦେଇଥିଲେ । ଧର୍ମ କଣ୍ଟା ଓ ଧାନ ବସ୍ତାକୁ ଏହି ଅବସରରେ ବ୍ରାହ୍ମଣ ପୁରୋହିତ ମନ୍ତ୍ର ପାଠ କରି ପୂଜା ଅର୍ଚ୍ଚନା କରିଥିଲେ । ସେହିପରି ଇରମ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ କୋପ ରେଟିଭ ବ୍ୟାଙ୍କ୍ ମ୍ୟାନେଜର ମହେନ୍ଦ୍ର ପ୍ରସାଦ ନାୟକ, ଆର ଆଇ ସଂଯୁକ୍ତା ଟୁଡୁ, ସଭାପତି ନିରଞ୍ଜନ ନାୟକ ଓ ସେବା ସମବାୟ ସମିତିର ସମ୍ପାଦକ ରଶ୍ମି ରଞ୍ଜନ କବାଟ। ଧାନ କିଣା କମିଟି ସଦସ୍ୟ ଏବଂ ବୋର୍ଡ ସଦସ୍ୟ ଏବଂ ଚାଷୀ ଭାଇ ମାନେ ଉପସ୍ଥିତ ଥିଲେ ।

# 'ସମୟର ଚକ୍ର' ସାଂସ୍କୃତିକ କାର୍ଯ୍ୟକ୍ରମ ଆଞ୍ଚଳିକ ପ୍ରତିଭା ବିକାଶ ଷ୍ଟାର ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର, ୮/୧ (ନି.ପ୍ର): ବାଲେଶ୍ୱର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିଷରରେ ମାସିକ ସମ୍ବାଦ ଭିତ୍ତିକ ପତ୍ରିକା ସମୟର ଚକ୍ର ପକ୍ଷରୁ ନୂଆବର୍ଷ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଆଞ୍ଚଳିକ ପ୍ରତିଭା ବିକାଶ ଷ୍ଟାର ନାଇଟ ସ୍ୱାଗତମ ନୂଆ ବର୍ଷ ୨୦୨୫କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ପ୍ରଥମେ ସକାଳେ କବି ଅଭୟ ଦାସ, ଚିତ୍ରଶିଳ୍ପୀ କେଶୁ ଦାସ, ସମାଜ ଉତ୍ତର ଓଡ଼ିଶାର ମୁଖ୍ୟ ଶଶିରଞ୍ଜନ ମଲ୍ଲିକ, ଅଭିନନ୍ଦନ ସମ୍ବାଦ ପତ୍ରର ସମ୍ପାଦକ ଜଗଦୀଶ ମିଶ୍ର, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ,ପ୍ରିୟଦର୍ଶନୀ ମହାନ୍ତି, ଗୋପି କୃଷ୍ଣ ମାହାନ୍ତି, ରତିକାନ୍ତ ଦାସ, ପ୍ରମୁଖ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ପରେ ପିଲାମାନଙ୍କ ଭିତରେ ନୃତ୍ୟ ଗୀତ ଓ ରେମ୍ପ ୱାର୍କ ପ୍ରଭୃତି ପ୍ରତିଯୋଗିତା ଆରମ୍ଭ ହୋଇଥିଲା ୨୦ରୁ ଉର୍ଦ୍ଧ ଜଜଙ୍କୁ ନେଇ ପ୍ରତିଯୋଗିଙ୍କ ମଧ୍ୟରେ କୃତି ପ୍ରତିଯୋଗୀଙ୍କୁ ବଛା ଯାଇଥିଲା। ସଂଧ୍ୟାରେ ରେମୁଣା ବିଧାୟକ ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ ମୁଖ୍ୟ ଅତିଥି ଭାବେ ମୁଖ୍ୟ ବକ୍ତା କବି ପ୍ରଶାନ୍ତ ଦାଶ, ସମାଜସେବୀ ବିକ୍ରମ ପଣ୍ଡା ପ୍ରକୃତି ବନ୍ଧୁ ସମାଜସେବୀ ସୁମନ୍ତ ଜେନା ସମାଜସେବୀ ମନୋଜ କୁମାର ଜେନା, ଉତ୍ପଳ କୁମାର କର ବିକାଶ ପାଢୀ, ସୋମନାଥ ବିଶ୍ୱାଳ, ପ୍ରମୁଖ ଯୋଗଦେଇ ସମୟର ଚକ୍ର କଳା ସାହିତ୍ୟ ସଂସ୍କୃତି ସମାଜୀକ କାର୍ଯ୍ୟ କ୍ଷେତ୍ରରେ ବାଲେଶ୍ୱର ଜିଲାର ଉଲ୍ଲେଖନୀୟ କାର୍ଯ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ଉଦାହରଣ ସୃଷ୍ଟି କରିଛି ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ସର୍ବେଶ୍ୱର ଜେନା ସମ୍ପାଦିକା ସତ୍ୟଭାମା ଜେନା ସମାଜସେବୀ ମନୋଜ ନାୟକ ଶିକ୍ଷକ ସୁଶାନ୍ତ ବେହେରା, ସୁଜାତା ମିଶ୍ର, ମନୋଜ ମୁଖି ସୁସଙ୍ଗମଜେନା ଓ ଶ୍ରୀତମ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତି, ସତ୍ୟବ୍ରତ ଜେନା, ତେଜସ୍ୱନୀ ପାଢୀ, କଲ୍ୟାଣୀ ମଣ୍ଡଳ, ଶ୍ୱେତାଲିଶା ପ୍ରିୟଦର୍ଶନୀ, ସୁହାନୀ ସାଇ, ଶୁଭ୍ରାଲିନ ନାୟକ ପ୍ରମୁଖ ସଂଗୀତରେ ଦର୍ଶକ ଝୁମିଥିଲେ। ଏଥିରେ ୨୦ଜଣ ପ୍ରତିଭା ୩୦ଜଣ ଜୁରି ଓ ମେନ୍ଟର, ୩୦ଜଣ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଉପଖଣ୍ଡ ସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ନୀଳଗିରି, ୮/୧ (ନି.ପ୍ର): ନୀଳଗିରି ସଦର ମହକୁମାରେ ଆସନ୍ତା ଜାନୁଆରି ୨୬ରିଖରେ ପାଳନ ହେବାକୁ ଯାଉଥିବା ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବୁଧବାର ପୂର୍ବାହ୍ନ ୧୧ଘଟିକା ସମୟରେ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉପ-ଜିଲ୍ଲାପାଳଙ୍କ ସମେତ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏସ.ଡି.ପି.ଓ ସରୋଜ କୁମାର ଉପାଧ୍ୟାୟ, ତହସିଲଦାର ତଥା ଏନ.ଏ.ସି ନିର୍ବାହି ଅଧିକାରି ସୋନମ ଦାସ, ଏନ.ଏ.ସିର ଭାରାପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବି, ସମାଜସେବୀ, ବିଭିନ୍ନ ବିଭାଗୀୟ ପଦାଧିକାରି, ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମକର୍ତ୍ତା ସମେତ ଗଣମାଧ୍ୟମର ପ୍ରତିନିଧିଗଣ ସାମିଲ ହୋଇଥିଲେ। ଉପ-ଜିଲ୍ଲାପାଳ ଶ୍ରୀମତୀ ରଥ ଏହି ଜାତୀୟଦିବସ ପାଳନ ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ଆଲୋଚନା ଏବଂ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାଙ୍କ ପରାମର୍ଶକ୍ରମେ କାର୍ଯ୍ୟକାରି କରାଯିବାର ଉପରେ ସ୍ଥିର କରାଯାଇଥିଲା। ବିଗତ ବର୍ଷମାନଙ୍କପରି ଚଳିତବର୍ଷ ମଧ ପ୍ରତ୍ୟୁଷ ୪ଘଟିକା ସମୟରେ ଡ଼ାକବାଜି ଯନ୍ତ୍ର ଯୋଗେ ରାମଧୁନ ପ୍ରଚାର କରାଯିବ। ଏହି ଦିବସ ପାଳନ ଅବସରରେ ପିଲା ମାନଙ୍କ ମଧ୍ୟରେ ୪ଗୋଟି ସ୍ତରରେ ଯଥା:-ପ୍ରାଥମିକ, ଉଚ୍ଚ ପ୍ରଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଏବଂ ମହାବିଦ୍ୟାଳୟସ୍ତରରେ ପ୍ରବନ୍ଧ, କୁଇଜ୍, ଦେଶାତ୍ମବୋଧକ ସଙ୍ଗୀତ, ତର୍କ, ବକ୍ତୃତା ସହିତ ଚିତ୍ରାଙ୍କନ ମଧ୍ୟ ସାମିଲ କରାଯାଇଛି । ଏଥିସହିତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କର ସ୍କାଉଟ, ଗାଇଡ, ରେଡକ୍ରସ, ଏସ.ପି.ସି, ସିଭିଲିଆନ ଦଳଗୁଡିକ ପରେଡରେ ଅଂଶଗ୍ରହଣ କରିବେ। ଜାତୀୟ ମତଦାତା ଦିବସ ପାଳନ ଅବସରରେ ଗଣଦୌଡ଼ କରାଯାଇ ଏହି ଦିବସରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବାପାଇଁ ସ୍ଥିର କରାଯାଇଛି। ଶେଷରେ ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପ୍ରବାସୀ ଭାରତୀୟଙ୍କ...

ଆଗରେ ଉପସ୍ଥାପନ କରିଥିଲେ ଓଡିଶା ସରକାର। ଓଡ଼ିଶାର ଶିଳ୍ପ ନୀତି ଓ ଶିଳ୍ପ ଅନୁକୂଳ ଭିତ୍ତିଭୂମି ଓ ଇଜ ଅଫ୍ ଡୁଇଂ ବିଜିନେସକୁ ଉପସ୍ଥାପିତ କରାଯାଇଥିଲା। ୬୫୦ରୁ ଅଧିକ ପ୍ରବାସୀ ଏହି ଅଧିବେଶନରେ ଯୋଗ ଦେଇଥିଲେ। ଓଡ଼ିଶାରେ ନିବେଶ ନେଇ ଆଗ୍ରହ ପ୍ରକାଶ କରିବା ସହ ଓଡ଼ିଶା ସରକାରଙ୍କ ସହଯୋଗକୁ ପ୍ରଶଂସା କରିଥିଲେ ପ୍ରବାସୀ ଭାରତୀୟମାନେ। ତୃତୀୟ ଅଧିବେଶନରେ ପ୍ରବାସୀଙ୍କୁ ଓଡ଼ିଶାର ପର୍ଯ୍ୟଟନ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶ ନେଇ ହୋଇଥିଲା ଆଲୋଚନା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓଡ଼ିଶାର ସମସ୍ତ ପର୍ଯ୍ୟଟନ ସ୍ଥଳୀ ଏବଂ ଅପାର ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶାଖାପାଟଣାରେ ଏନଟିପିସିର ଅତ୍ୟାଧୁନିକ ଗ୍ରୀନ ହାଇଡ୍ରୋଜେନ ହବ୍ ପ୍ରକଳ୍ପର ଶିଳାନ୍ୟାସ କରିବା ପରେ ସେଠାରୁ ଭୁବନେଶ୍ୱର ଆସି ପହଞ୍ଚିଲେ ପ୍ରଧାନମନ୍ତ୍ରୀ। ଆଜି ପ୍ରଧାନମନ୍ତ୍ରୀ ରାଜଭବନରେ ରାତ୍ରି ଯାପନ କରିବେ। ଆସନ୍ତାକାଲି ସକାଳେ ଜନତା ମୈଦାନରେ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ। ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ଆଜି ଓଡ଼ିଶାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିଶାଖାପାଟଣାରେ ଏନଟିପିସିର ଅତ୍ୟାଧୁନିକ ଗ୍ରୀନ ହାଇଡ୍ରୋଜେନ ହବ୍ ପ୍ରକଳ୍ପର ଶିଳାନ୍ୟାସ କରିବା ପରେ ସେଠାରୁ ଭୁବନେଶ୍ୱର ଆସି ପହଞ୍ଚିଲେ ପ୍ରଧାନମନ୍ତ୍ରୀ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓଡ଼ିଶାର ସମସ୍ତ ପର୍ଯ୍ୟଟନ ସ୍ଥଳୀ ଏବଂ ଅପାର ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶାଖାପାଟଣାରେ ଏନଟିପିସିର ଅତ୍ୟାଧୁନିକ ଗ୍ରୀନ ହାଇଡ୍ରୋଜେନ ହବ୍ ପ୍ରକଳ୍ପର ଶିଳାନ୍ୟାସ କରିବା ପରେ ସେଠାରୁ ଭୁବନେଶ୍ୱର ଆସି ପହଞ୍ଚିଲେ ପ୍ରଧାନମନ୍ତ୍ରୀ। ଆଜି ପ୍ରଧାନମନ୍ତ୍ରୀ ରାଜଭବନରେ ରାତ୍ରି ଯାପନ କରିବେ। ଆସନ୍ତାକାଲି ସକାଳେ ଜନତା ମୈଦାନରେ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ। ଆଜି ପ୍ରଧାନମନ୍ତ୍ରୀ ରାଜଭବନରେ ରାତ୍ରି ଯାପନ କରିବେ। ଆସନ୍ତାକାଲି ସକାଳେ ଜନତା ମୈଦାନରେ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ। ସକାଳ ୧୦ଟାରୁ ସାଢେ ୧୧ଟା ଯାଏ ମୋଦି ଜନତା ମୈଦାନରେ ରହିବା କାର୍ଯ୍ୟକ୍ରମ ରହିଛି। ପରେ ସେ ଦିଲ୍ଲୀ ଫେରିଯିବେ।

## ବ୍ରାଉନ୍‌ସୁଗର ପାଇଁ ମର୍ଡର...

କିଲରଙ୍କ ସହଯୋଗ ଲୋଡିଥିଲେ। ଡିଲ୍ ଫାଇନାଲ୍ ହେବା ପରେ ଗତ କିଛି ଦିନ ହେଲା ସେମାନେ ସହଦେବ ନାୟକଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଏପରିକି ଆକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ସଫଳ ହୋଇନଥିଲେ। ସହଦେବ ନାୟକ ସଫେଇ କର୍ମଚାରୀ ସଂଘ ସଭାପତି ହୋଇଥିବାରୁ ପ୍ରତିଦିନ ଭୋରୁ ଉଠି ରାଜଧାନୀର ବିଭିନ୍ନ ଗଳି ଓ ଛକ ବୁଲି ଦେଖୁଥିଲେ।ସବୁଦିନ ପରି ଆଜି ଭୋରୁ ସେ ସ୍କୁଟିରେ ଘରୁ ବାହାରିଥିଲେ। ତେବେ ଆଜି ସଫେଇ କର୍ମଚାରୀଙ୍କ ପାଇଁ ଭୋଜି ଆୟୋଜନ ହୋଇଥିବାରୁ ତରତର ହୋଇ ବିଭିନ୍ନ ଛକ ବୁଲୁଥିଲେ। ଆଉ ସମସ୍ତଙ୍କ ଶୁଖ ଦୁଃଖ ବୁଝିବା ସହିତ ଭୋଜିକୁ ଯିବା ପାଇଁ ନିମନ୍ତ୍ରଣ କରିଥିଲେ। ସକାଳେ ସଫେଇ କର୍ମଚାରୀଙ୍କ ସହିତ କଥା ହେଉଥିବା ବେଳେ ଖାସି କାଟିଥିବା ବ୍ୟକ୍ତି ଜଣକ ମାଂସ ନେଇଯିବା ପାଇଁ ତାଙ୍କୁ କହିଥିଲେ। ତା'ପରେ ସହଦେବ ବାଣୀବିହାର ଓଭରବ୍ରିଜ୍ ଦେଇ ରସୁଲଗଡ଼ ଅଭିମୁଖେ ଯାଉଥିଲେ। ଠିକ୍ ସେତିକି ବେଳେ ବ୍ରାଉନ୍‌ସୁଗର ବେପାରୀ(ମହିଳା)ଙ୍କ ଦୁଇ ସୁପାରୀକିଲ ବାଇକ୍‌ରେ ଦ୍ରୁତ ଗତିରେ ଆସି ଏକ ଖଣ୍ଡାରେ ତାଙ୍କ ବେକ କାଟି ଦେଇ ଚମ୍ପଟ ମାରିଥିଲେ। ଜାତୀୟ ରାଜପଥରେ ତାଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଥିଲା। ସକାଳେ ସକାଳେ ସହଦେବଙ୍କ ମର୍ଡରକୁ ନେଇ ଅଶାନ୍ତ ହୋଇଥିଲା ରାଜଧାନୀ। ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଡି ବସିଥିଲେ ସଫେଇ କର୍ମଚାରୀ ଓ ପରିବାର ଲୋକ। ଘଟଣାର ତଦନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା ପୁଲିସ୍। ଅଭିଯୁକ୍ତଙ୍କ ମୋବାଇଲ୍ ଲୋକେସନ୍ ଟ୍ରାକ୍ କରି ପିଛା କରିଥିଲା। ଶେଷରେ ସେମାନଙ୍କୁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳରୁ ଧରିଥିଲା। ପଚରାଉଚରା ପରେ ସହଦେବଙ୍କୁ ମର୍ଡର କରିବା ସ୍ୱୀକାର କରିଥିଲେ। ଏହି ମାମଲା ବ୍ରାଉନ୍‌ସୁଗର ମାଫିଆ(ମହିଳା) ଓ ତାଙ୍କର ଦୁଇ ସୁପାରୀକିଲଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ୍।

## ପ୍ରବାସୀମାନେ କଲଚରାଲ...

ନିଜ ଅଭିଭାଷଣ ଆରମ୍ଭରେ ଜଗନ୍ନାଥ ଭୂମିରେ ପ୍ରବାସୀ ଭାରତୀୟଙ୍କୁ ପ୍ରଥମେ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ। ସେ କହିଥିଲେ, ଓଡ଼ିଶାର ସଂସ୍କୃତି, ଐତିହ୍ୟ ସ୍ୱତନ୍ତ୍ର। ଦେଶ ବିକାଶରେ ଯୁବକମାନଙ୍କ ଭାଗିଦାରୀ ଗୁରୁତ୍ୱପୂର୍ଣ୍ଣ। ଏହି ଯୁବକମାନେ ଆଗାମୀ ଦିନର ଭବିଷ୍ୟତ। ଆଗକୁ ସେମାନେ କଉଁ ଭଳି ବିକଶିତ ଭାରତ ବର୍ଷ ଦେଖିବାକୁ ଚାହୁଁଛନ୍ତି, ସେହି ଦିଶାରେ ପ୍ରଧାନମନ୍ତ୍ରୀ ଆଗକୁ ବଢୁଛନ୍ତି। ୧ ଲକ୍ଷ ଯୁବ ନେତୃତ୍ୱ ତିଆରି କରିବାକୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖି କାମ କରୁଛନ୍ତି। ଏହି ସମୟ ଠିକ ସମୟ। ଆଇଟି ଓ ଦକ୍ଷତା ବିକାଶ କ୍ଷେତ୍ରରେ ଆଗକୁ ବଢୁଛି ଓଡ଼ିଶା। ଟେକ୍ନୋଲୋଜି, ଅକ୍ଷୟଶକ୍ତି, ଶିକ୍ଷା ଓ ପର୍ଯ୍ୟଟନ କ୍ଷେତ୍ରରେ ବହୁତ ସମ୍ଭାବନା ରହିଛି। କୋଣାର୍କ ସୂର୍ଯ୍ୟମନ୍ଦିର, ପୁରୀ ଶ୍ରୀମନ୍ଦିର ସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରନ୍ତୁ। ଏହାଦ୍ୱାରା ଓଡ଼ିଶା ସହ ଆପଣଙ୍କର ସମ୍ପର୍କ ଆହୁରି ମଜଭୁତ ହେବ । ଏକାଠି କାମ କଲେ ଆମେ ଆହୁରି ସଶକ୍ତ ହେବା ଓ ବିକଶିତ ଭାରତ ଗଠନ ହେବ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ଦେଶର ବିକାଶରେ କେମିତି ପ୍ରବାସୀଙ୍କ ଭାଗିଦାରୀ ବଢିବ ସେନେଇ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ଯୁବ ବ୍ୟାପର ମନ୍ତ୍ରୀ ମନସୁଖ ମାଣ୍ଡଭିୟ। ଦେଶ ହିତରେ ଯୋଗଦାନ ପାଇଁ ସେ ପ୍ରବାସୀଙ୍କୁ ଅନୁରୋଧ କରିଛନ୍ତି । ଦେଶରେ ଏବେ ୨୦ ଜଣ ନାଗରିକରୁ ୧୩ ଯୁବକ । ଦେଶ ବିକାଶରେ ଯୁବକମାନଙ୍କ ଭାଗିଦାରୀ ଗୁରୁତ୍ୱପୂର୍ଣ୍ଣ। ଏହି ଯୁବକମାନେ ଆଗାମୀ ଦିନର ଭବିଷ୍ୟତ। ଆଗକୁ ସେମାନେ କଉଁ ଭଳି ବିକଶିତ ଭାରତ ବର୍ଷ ଦେଖିବାକୁ ଚାହୁଁଛନ୍ତି, ସେହି ଦିଶାରେ ପ୍ରଧାନମନ୍ତ୍ରୀ ଆଗକୁ ବଢୁଛନ୍ତି। ୧ ଲକ୍ଷ ଯୁବ ନେତୃତ୍ୱ ତିଆରି କରିବାକୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖି କାମ କରୁଛନ୍ତି। ଏହି ସମୟ ଠିକ ସମୟ। ଏହି ସମୟରେ ଦେଶ ପାଇଁ ଶକ୍ତି ମୁତାବକ ଯୋଗଦାନ କରି ଭାରତକୁ ଦୁନିଆ ନଜରକୁ ଆଣନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ମାଣ୍ଡଭିୟ । ପ୍ରବାସୀ ଭାରତୀୟ ଦିବସ ଅବସରରେ ବିଭିନ୍ନ ପ୍ଲେନାରୀ ସେସନରେ ଦେଶର ବିଶେଷ ବ୍ୟକ୍ତି ବିଶେଷମାନେ ପ୍ରବାସୀଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଛି। ପ୍ରତି ସନ୍ଧ୍ୟାରେ ଆୟୋଜିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ଯୋଗଦେବାକୁ ୭୦ରୁ ଅଧିକ ଦେଶରୁ ଆସିଛନ୍ତି ମୂଳ ପ୍ରବାସୀ ଭାରତୀୟ। ସେମାନେ ଯାଜପୁର, କଟକ, ଭୁବନେଶ୍ୱର ଏବଂ ପୁରୀର ୨୧ଟି ପର୍ଯ୍ୟଟନ ସ୍ଥଳୀ ବୁଲିବେ। ଡବଲ ଡେକର୍ ବସ୍ ରେ ବସି ରାଜ୍ୟର ୨୧ଟି ପର୍ଯ୍ୟଟନ ସ୍ଥଳୀ ବୁଲିବେ ପ୍ରବାସୀ ଭାରତୀୟ।

## ବର୍ଷିଲେ ସୁପ୍ରିମକୋର୍ଟ: ମାଗଣା...

ମଧ୍ୟ ସନ୍ଦର୍ଭ ଦିଆଯାଇଛି। ଏହି ମାମଲାରେ ସହାୟତା କରିବା ପାଇଁ ସୁପ୍ରିମକୋର୍ଟ ବରିଷ୍ଠ ଓକିଲ କେ ପରମେଶ୍ୱରଙ୍କୁ ଆମିକସ କ୍ୟୁରିଆ ଭାବରେ ନିଯୁକ୍ତ କରିଛନ୍ତି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ନିକଟରେ ହାଜର ହୋଇଥିବା ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟାରାମଣି କହିଛନ୍ତି ଯେ ସରକାର ଦେଇଥିବା ଫ୍ରିବିଜ (ମାଗଣା ଯୋଜନା) ଏକ ସାମୟିକ ବ୍ୟବସ୍ଥା। ଦରମା ଏବଂ ପେନସନ ବୃଦ୍ଧି ଏକ ସ୍ଥାୟୀ ଜିନିଷ। ରାଜସ୍ୱ ଉପରେ ଏହାର ପ୍ରଭାବକୁ ବିଚାର କରିବା ଜରୁରୀ ଅଟେ। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବାଜି ସାରିଛି ବିଗୁଲ। ତେବେ ନିର୍ବାଚନ ପୂର୍ବରୁ ହିଁ କିଛି ରାଜନୈତିକ ଦଳ ସତ୍ତାକୁ ଆସିଲେ ମହିଳାମାନଙ୍କୁ ପ୍ରତିମାସରେ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅମ ଆଦମୀ ପାର୍ଟି 'ମହିଳା ସମ୍ମାନ ଯୋଜନା' ଜରିଆରେ ଦିଲ୍ଲୀରେ ମହିଳାମାନଙ୍କୁ ପ୍ରତି ମାସରେ ୨୧୦୦ ଟଙ୍କା ଦେବାକୁ ଘୋଷଣା କରିଛି। ସେହିପରି କଂଗ୍ରେସ 'ପ୍ୟାରୀ ଦିଦି ଯୋଜନା' ଜରିଆରେ ପଅତିମାସରେ ୨୫୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛି।

## ଅଖିଲେଶଙ୍କ ପରେ...

ସମାଜବାଦୀ ପାର୍ଟି। ଏଥିପାଇଁ କେଜ୍ରିୱାଲ ମଧ ଏକ୍ସରେ ଏକ ପୋଷ୍ଟ କରି ସପା ମୁଖ୍ୟ ଅଖିଲେଶ ଯାଦବଙ୍କୁ ଧନ୍ୟବାଦ ଜଣାଇଥିଲେ। ଉଲ୍ଲେଖ ଯୋଗ୍ୟ, ଲୋକସଭା ନିର୍ବାଚନରେ ବିଜେପିକୁ ମାତ୍ ଦେବା ପାଇଁ କଂଗ୍ରେସ ସମେତ ଅନ୍ୟ ବିଜେପି ବିରୋଧୀ ଦଳମାନେ ଇଣ୍ଡିଆ ମେଣ୍ଟ ଗଠନ କରିଥିଲେ। ଲୋକସଭାରେ ଆଶାତୀତ ଫଳ ନମିଳିବା ପରେ ବିଭିନ୍ନ ରାଜ୍ୟ ବିଧାନସଭାରେ ମଧ କଂଗ୍ରେସ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। ଏହାପରେ ଦିଲ୍ଲୀରେ କିନ୍ତୁ ଏକାକୀ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲା ଆପ୍। ଏଠାରେ ଆପ୍-ବିଜେପି-କଂଗ୍ରେସ ମଧରେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳୁଥିବାବେଳେ ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ଦଳମାନେ ଆପକୁ ସମର୍ଥନ ଘୋଷଣା କରିବା ଏକପ୍ରକାର କଂଗ୍ରେସକୁ ଝଟକା ବୋଲି କୁହାଯାଇପାରେ।

## ପ୍ରତ୍ୟର୍ପଣ ଦାବି ଭିତରେ...

ଅନ୍ତରୀଣ ସରକାର ନୂଆଦିଲ୍ଲୀକୁ କହି ଆସୁଛନ୍ତି। ଏପରି ସ୍ଥିତିରେ ଆଜି ଭାରତ ସରକାର ହସିନାଙ୍କ ଭିସା ଅବଧି ବୃଦ୍ଧି କରି ଦେଇଛନ୍ତି। ଏହାର ଅର୍ଥ ଭିସା ଅବଧି ଶେଷ ହେବା ଯାଏ ହସିନା ଭାରତରେ ରହିପାରିବେ। ତେବେ ହସିନାଙ୍କୁ ଭାରତରେ ରାଜନୀତିକ ଆଶ୍ରୟ ଦିଆଯାଇଥିବା ଦାବିକୁ ସରକାରୀ ସୂତ୍ରରେ ଖଣ୍ଡନ କରାଯାଇଛି। ଭିସା ଅବଧି ବୃଦ୍ଧି କରିବାର ଅର୍ଥ ନୁହେଁ ଯେ କାହାକୁ ଶରଣ ଦେବା। ଏହା ସଂପୂର୍ଣ୍ଣ ଭାବେ ଏବେ ବୈଷୟିକ ଅବଧି ବୃଦ୍ଧି। ଏହାକୁ ଆଉ କୌଣସି କ୍ଷେତ୍ର ସହ ଯୋଡ଼ିବାର ଆବଶ୍ୟକ ନଥିବା ଏହି ସୂତ୍ରରେ କୁହାଯାଇଛି। ଗତବର୍ଷ ଅଗଷ୍ଟ ମାସରେ ବାଂଲାଦେଶରେ ଭୟଙ୍କର ଶିକ୍ଷାର୍ଥୀ ବିକ୍ଷୋଭ ଦେଖାଯାଇଥିଲା। ବିକ୍ଷୋଭ ହିଂସାର ରୂପ ନେବାରୁ ହସିନା ଗୁପ୍ତ ଭାବେ ଭାରତ ଚାଲି ଆସିଥିଲେ। ସେବେଠାରୁ ସେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଦିଲ୍ଲୀର କୌଣସି ସେଫ ହାଉସରେ ରହିଛନ୍ତି। ଡିସେମ୍ବର ୨୩ରେ ବାଂଲାଦେଶର ଅନ୍ତରୀଣ ସରକାର ବିଧିବଦ୍ଧ ଭାବେ ଭାରତକୁ ହସିନାଙ୍କ ପ୍ରତ୍ୟର୍ପଣ ପାଇଁ ଚିଠି ଲେଖିଥିଲେ। କିନ୍ତୁ ଏଯାଏ ଭାରତ ସରକାର ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି।

## ୧୩ରୁ ଫେବ୍ରୁଆରୀ ୨୬...

ପ୍ରିମିୟମ୍ ବସ୍ ସେବା ଆରମ୍ଭ ହେବ। ପୁରୀ, ସମ୍ବଲପୁର, ଭବାନୀପାଟଣା, ବ୍ରହ୍ମପୁରରୁ ଏହି ବସ୍ ଗୁଡ଼ିକ ଯିବ। ସ୍ୱତନ୍ତ୍ର ବସ୍ ସେବା ଆସନ୍ତା ୧୩ରୁ ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଚାଲିବ। ଓଏସଆରଟିସି ୱେବସାଇଟ୍, ମୋବାଇଲ୍ ଆପ୍‌ରେ ଟିକେଟ ବୁକିଂ କରିହେବ। ଯାତ୍ରୀ ସହାୟତା ପାଇଁ ୨୪ ଘଣ୍ଟିଆ ହେଲ୍‌ପଲାଇନ ବ୍ୟବସ୍ଥା କରାଯାଇଛି।

ଧ୍ୱନି ପ୍ରତିଧ୍ୱନି

# ଚାଉଳିଟି ମୁଖ୍ୟ ରାସ୍ତା କଡ଼ରେ ପଥର ବନ୍ଧ ନିର୍ମାଣ ପାଇଁ ଦାବି

ଲଙ୍ଗଳେଶ୍ୱର , ୮/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବୀରାଇ ପଞ୍ଚାୟତର ଜମ୍ବୀରାଇ କଷାଫଳ ମୁଖ୍ୟ ରାସ୍ତାର ଚାଉଳତି ଠାରେ ନଦୀ କୂଳ ଖାଉଥିବାରୁ ରାସ୍ତା ପ୍ରତିବିପଦ ସୃଷ୍ଟି ହୋଇଛି। ଏହି ରାସ୍ତା ସଦର ବ୍ଲକ,ବସ୍ତା ବ୍ଲକ ଓ ବାଲିଆପାଳ ବ୍ଲକର ର ମୁଖ୍ୟ ବ୍ୟବସାୟିକ ଯୋଗାଯୋଗର ପ୍ରମୁଖ ରାସ୍ତା ହୋଇଥିବା ସ୍ଥଳେ ଜଳସେଚନ ବିଭାଗ ସଂପୂର୍ଣ୍ଣ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ସ୍ଥାନୀୟ ଅଞ୍ଚଳର ଲୋକମାନେ ବାରମ୍ବାର ଜଳସେଚନ ବିଭାଗ ର ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ବିଭାଗର ଦୃଷ୍ଟି ପଡୁନଥିବାରୁ ଅଞ୍ଚଳରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ରାସ୍ତାରେ ଯାତ୍ରୀ ବାହିବସ ଚଳାଚଳକରୁଛି।ଚାଉଳିଟି ପାଣି ନିଷ୍କାସନ ନାଳ ଠାରୁ ସାମ ଦାସ ଛକ ପର୍ଯ୍ୟନ୍ତ ରାସ୍ତା କଡ଼ରେ ପଥର ବନ୍ଧ ନିର୍ମାଣ ନ ହେଲେ ରାସ୍ତା ଟି ନଦୀ ଗର୍ଭକୁ ଚାଲି ଯିବ ଏଥିରେ କିଛି ସନ୍ଦେହ ନାହିଁ।ଗୋଟିଏ ମିଟର ଦୂରରେ ନଦୀ କୂଳ ଲଙ୍ଘି ଗଭୀର ଖାଲ ତିଆରି ହୋଇଯାଇଅଛି। ପଥର ବନ୍ଧ ନିର୍ମାଣ ପାଇଁ ଭାନୁ ଚରଣ ଜେନା, ଭଗିରଥ ମଣ୍ଡଳ, ଶିଶିର ସେଠୀ,ରବିନ୍ଦ୍ର ମଣ୍ଡଳ, ସମାଜସେବୀ ପ୍ରତିମା ଜେନା, ପିଣ୍ଟୁ ସାମଲ ପ୍ରମୁଖ ଦାବି କରିଛନ୍ତି।



# ଶରତ ବ୍ଲକ ଗଠନ ଦାବିରେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

କପ୍ତିପଦା, ୮/୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଅଞ୍ଚଳକୁ ବ୍ଲକର ମାନ୍ୟତା ଦାବୀରେ ଶରତ ବିକାଶ ମଞ୍ଚ ମହାମହିମ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉଦ୍ଦେଶ୍ୟରେ ମୟୂରଭଂଜ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି । କପ୍ତିପଦା ବ୍ଲକର ୯ଗୋଟି ପଞ୍ଚାୟତ ଯଥା-ଶରତ, ଲାବଣ୍ୟଦେଇପୁର, ନଟୋ, ରାମଚନ୍ଦ୍ରପୁର, ସରଡିହା, ଦେବାନବାହାଲୀ,ପଦ୍ମପୋଖରୀ, କଳମଗଡିଆ ଓ ରାଣୀପୋଖରୀ ଗ୍ରାମ ପଞ୍ଚାୟତକୁ ନେଇ ଶରତଠାରେ ଏକ ବ୍ଲକ ପ୍ରତିଷ୍ଠା କରିବା ଦିଗରେ ଶରତରେ ଥିବା ଅଗ୍ରଣୀ ସାମାଜିକ ସଂଗଠନ ଶରତ ବିକାଶ ମଞ୍ଚ ତରଫରୁ ଏହି ଦାବୀପତ୍ର ପ୍ରଦାନ



କରାଯାଇଛି । ଉକ୍ତ ୯ଗୋଟି ପଞ୍ଚାୟତ କପ୍ତିପଦା ବ୍ଲକ ଅଧିନରେ ଥିବାବେଳେ ଏହି ପଞ୍ଚାୟତଗୁଡିକ କରଂଜିଆ ବିଧାନସଭା ଓ କେନ୍ଦୁଝର ଲୋକସଭାରେ ଅନ୍ତର୍ଭୁକ୍ତ ହୋଇଛି । ତେବେ ଚଳିତ ସପ୍ତାହରେ ନୂତନ ବ୍ଲକ ଗଠନ ଦିଗରେ ରାଜ୍ୟ ସରକାର ଯୋଜନା କରୁଥିବାର ରାଜସ୍ୱମନ୍ତ୍ରୀ ଶ୍ରୀ ପୂଜାରୀ ଘୋଷଣା କରିବା ପରିପ୍ରେକ୍ଷୀରେ ଚିର ଅବହେଳିତ ବଣଜଙ୍ଗଲ ଘେରା ଏହି ସବୁ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତଗୁଡିକର ବିକାଶ ପାଇଁ ବ୍ଲକ ଗଠନର ଆବଶ୍ୟକତା ଥିବାର ଏହି ସବୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଉକ୍ତ ଦାବୀପତ୍ର ପ୍ରଦାନ ସମୟରେ ମଞ୍ଚର ସଭାପତି ଗାମାୟ ଟିମିଲି ସିଂ ଗଇପାଇ, ସଂପାଦକ କୁସୁନୁ ଗିଲୁଆ, ଯୁଗ୍ମ ସଂପାଦକ ଦାନିଏଲ ଖୁଣ୍ଟିଆ, ଯୁବନେତା ଜାମାଦାର ବାଲମୁଚୁ ଓ ସମାଜସେବୀ ଜଗଦୀଶ ମୁର୍ମୁ ଉପସ୍ଥିତ ଥିଲେ ।

# ଉଦଳା ମହାବିଦ୍ୟାଳୟର ଗଣିତ ବିଭାଗରେ ପାଠଚକ୍ର

ଉଦଳା , ୮/୧ (ନି.ପ୍ର): ଉଦଳା ମହାବିଦ୍ୟାଳୟର ଅଧକ୍ଷ ଡ଼. ଯତିନ କୁମାର ମହାକୁଡ଼ଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ୨୦୨୪-୨୫ ଶିକ୍ଷା ବର୍ଷର ଗଣିତ ବିଭାଗ ଦ୍ୱାରା ଦ୍ୱିତୀୟ ପାଠଚକ୍ର ଉଦ୍‌ଘାଟିତ ହୋଇଯାଇଛି । 'ପାର୍ଶିଆଲ ଡ଼ିଫରେନସିଆଲ ଇକୁଏସନ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଅଧାପିକା ତପସ୍ୱିନି ବେହେରାଙ୍କ ଦ୍ୱାରା ବିଷୟବସ୍ତୁର ଶାରାଂଶ ପଠନ ସହିତ ପାଠଚକ୍ରର ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବରେ ଇଂରାଜୀ ବିଭାଗର ମୁଖ୍ୟା ତଥା ମହାବିଦ୍ୟାଳୟର ଶିକ୍ଷା ଅଧିକାରୀ ପ୍ରାଧାପିକା ରେହେନା ସୁଲତାନ ଓ ସମାଜ ବିଜ୍ଞାନର




ଅଧାପକ ସୌମେନ୍ଦ୍ର କୁମାର ଦାଶ ଯୋଗ ଦେଇ ସାମାଜିକ ଜୀବନରେ ଗଣିତର ଆବଶ୍ୟକତା ଓ ବିଜ୍ଞାନର ଉନ୍ନତିରେ ଗଣିତର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ । ପାଠଚକ୍ର ମାଧମରେ ଦ୍ୱିପାକ୍ଷିକ ଶିକ୍ଷାବ୍ୟବସ୍ଥା ପ୍ରତିଷ୍ଠିତ ହୁଏ ଓ ଶିକ୍ଷାର୍ଥୀଙ୍କ ସାମଗ୍ରିକ ଜ୍ଞାନର ବିକାଶ ହୁଏ ବୋଲି ମୁଖ୍ୟ ଅତିଥି ଅଧକ୍ଷ ମତ ରଖିଥିଲେ । ମଂଚ ପରିଚାଳନା ଓ ପାଠଚକ୍ରର ସଂଯୋଜନା କରିଥିଲେ ବିଭାଗୀୟ ଅଧାପିକା ଡ଼. ମୀନାକ୍ଷୀ ପରିଡ଼ା । ପାଠଚକ୍ରର ଦ୍ୱିତୀୟାର୍ଦ୍ଧରେ ଗଣିତ ସମ୍ମାନର ଛାତ୍ର ଛାତ୍ରୀ ଯଥା ପାର୍ବତୀ, ବିଧାନ, ପ୍ରଶାନ୍ତ, ଯବାମଣୀ, ଆଶିଷ, ପ୍ରଭାଷ ଇତ୍ୟାଦି ସ୍ୱଲିଖିତ ସନ୍ଧର୍ଭ ପାଠ କରିଥିଲେ । ପ୍ରଶ୍ନ-ଉତର କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ବିଭାଗୀୟ ଅଧାପକ ବନମାଳି ସିଂ ।

## ଯମୁନା ପଶ୍ଚିମବଙ୍ଗ ଯିବା ଏକ ଗୁଜବ: ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ

ଭୁବନେଶ୍ୱର, ୮/୧ (ନି.ପ୍ର): ଯମୁନା ପଶ୍ଚିମବଙ୍ଗ ଯିବା ଏକ ଗୁଜବ । ଆମ ସମ୍ପତ୍ତି ଆମ ପାଖରେ ଅଛନ୍ତି । ଶିମିଳିପାଳ ଭିତରେ ଅଛନ୍ତି ବୋଲି କହିଛନ୍ତି ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ । ପୂର୍ବରୁ ଆସିଥିବା ଯମୁନା ଶିମିଳିପାଳ ଓ କୁଲଡ଼ିଆ ଅଭୟାରଣ୍ୟ ମଧ୍ୟରେ ଯିବା ଆସିବା କରୁଛି । ଜିନତ ଦକ୍ଷିଣ ଓଡିଶାରେ ରଖାଯାଇଛି । ସେମାନଙ୍କ ଚଳ ପ୍ରଚଳ ଓ ଖାଦ୍ୟରେ ଅସୁବିଧା ନାହିଁ । ପରିବେଶ ସହିତ ଆଡ଼ଜଷ୍ଟ କରୁଛି । ସେମାନଙ୍କ ଗତିବିଧି ଉପରେ ନଜର ରଖିଛୁ । ସେମାନଙ୍କୁ ଚିହ୍ନଟ କରିବା ଲାଗି ରଙ୍ଗ ଲଗାଯାଇଛି । ସେ ରଙ୍ଗକୁ ନଜର ରଖି ଆମେ ଜାଣୁଛୁ । ପ୍ରତ୍ୟେକ ଦିନ ଆମ ବିଭାଗୀୟ ଅଧିକାରୀ ମାନେ ଆଲୋଚନା କରୁଛନ୍ତି ।

# ବେତନଟୀ ପଞ୍ଚାୟତ ସମିତି ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ




ବେତନଟୀ , ୮/୧ (ନି.ପ୍ର): ବେତନଟୀ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ଷଷ୍ଠ ସାଧାରଣ ବୈଠକ ବୁଧବାର ପୂର୍ବାହ୍ନ ସାଢେ ଏଗାରଟାରେ ଆରମ୍ଭହୋଇ ଅପରାହ୍ନ ପାଞ୍ଚଟାରେ ସମାପ୍ତ ହୋଇଛି କ୍ଷ ବେତନଟୀ ବ୍ଲକ ଅଧକ୍ଷା କୌଶଲ୍ୟା ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି, ସାଂସଦ ପ୍ରତିନିଧି ପ୍ରଦୀପ ପରିଡା,ଉପାଧକ୍ଷ ଦେବଦତ୍ତ ତିଆଡି, ୩୫ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ୩୬ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ସବିତା ଦାସ, ବିଡ଼ିଓ ଗୋପୀନାଥ ଖାଖା, ଏବିଡ଼ିଓ ଗଗନ ବିହାରୀ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପୁଲିସ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ରାଜସ୍ୱ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, କୃଷି, ଉଦ୍ୟାନକୃଷି, ଜଳ ବିଭାଜିକା, ମୃତ୍ତିକା ସଂରକ୍ଷଣ, ସାମାଜିକ ସୁରକ୍ଷା,ଆଦିବାସୀ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ମନରେଗା, ଓଡିଶା ଜୀବିକା ମିଶନ, ମିଶନ ଶକ୍ତି, ମତ୍ସ ଓ ପ୍ରାଣୀ ସମ୍ପଦ, ସାଧାରଣ ବଣ୍ଟନ ବ୍ୟବସ୍ଥା ଭଳି ବିଭାଗ ମାନଙ୍କରୁ ଅଧିକାରୀଗଣ ଯୋଗ ଦେଇଥିଲେ। ଏତଦ ବ୍ୟତୀତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ମଧ ଅଂଶଗ୍ରହଣ କରିଥିଲେ କ୍ଷଏହି ଅବସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଆଲୋଚନା କରାଯାଇଥିବା ବେଳେ ଅଧିକାଂଶ ପଞ୍ଚାୟତ ମାନଙ୍କରେ ସରପଞ୍ଚ ଓ ସମିତିସଭ୍ୟ/ସମିତିସଭ୍ୟା ମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରି ମନଇଚ୍ଛା ପ୍ରକଳ୍ପ ମଞ୍ଜୁରକରି କାମ କରାଯାଉଥିବା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।ଏବିଡ଼ିଓ ଗଗନ ବିହାରୀ ବେହେରା ବୈଠକରେ ସଂଯୋଜନା ଓ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ। ପରିଚାଳନାରେ ବ୍ଲକ କର୍ମଚାରି ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ।

## କାଶ୍ମୀରରେ ରାତିର ତାପମାତ୍ରା -୯.୮ ଡିଗ୍ରୀ ସେଲସିୟସ

ଶ୍ରୀନଗର, ୮/୧ :କାଶ୍ମୀର ଉପତ୍ୟକାରେ ମଙ୍ଗଳବାର ରାତିର ତାପମାତ୍ରା ପୁଣି ହ୍ରାସ ହୋଇଛି । ଗୁଲମାର୍ଗ ଭଳି ପର୍ଯ୍ୟଟନ ସ୍ଥଳୀରେ -୯.୮ ଡିଗ୍ରୀ ସେଲସିୟସ ,ପହଲଗ୍ରାମରେ -୮.୨ ଡିଗ୍ରୀ ସେଲସିୟସ ଏବଂ ସୋନମର୍ଗରେ -୧୦.୪ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ୧୫ ଜାନୁଆରୀ ପର୍ଯ୍ୟନ୍ତ ପାଗ ସାଧାରଣତଃ ଶୁଷ୍କ ରହିବ ଏବଂ ଜାମ୍ମୁର ସମତ ଅଂଚଳରେ ହାଲୁକା ବର୍ଷା ଏବଂ ୧୧ ଏବଂ ୧୨ ଜାନୁଆରୀରେ ଜାମ୍ମୁ ଏବଂ କାଶ୍ମୀରର ବିଚ୍ଛିନ୍ନ ସ୍ଥାନରେ ବରଫପାତ ହେବାର ସମ୍ଭାବନା ରହିଛି। ଅଧିକାରୀମାନେ କହିଛନ୍ତି ଯେ ଗୁଲମାର୍ଗର ସ୍କୀ ରିସୋର୍ଟରେ ତାପମାତ୍ରା -୯.୦ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇଥିବାବେଳେ ଗତ ରାତିରେ ତାପମାତ୍ରା -୬.୬ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ଏହା ଉତ୍ତର କାଶ୍ମୀରର ବାରାମୁଲ୍ଲା ଜିଲ୍ଲାର ପର୍ଯ୍ୟଟନ ସ୍ଥଳ ପାଇଁ ଦିନର ସାମାନ୍ୟରୁ -୨୦ଡିଗ୍ରୀ ସେଲସିୟସ ହ୍ରାସ ଥିଲା।ପହଲଗ୍ରାମରେ ମଙ୍ଗଳବାରଦିନ -୭.୮ଡିଗ୍ରୀ ସେଲସିୟସ ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା।

# ବରିଷ୍ଠ ଆଇନ୍‌ଜୀବୀ ପ୍ରଫୁଲ୍ଲ ରାୟଙ୍କ ଏକାଦଶାହ ସ୍ମୃତିସଭା



ଭଦ୍ରକ, ୮/୧ (ନି.ପ୍ର): ସମାଜରେ ଏମିତି କିଛି ଯୋଗଜନ୍ମା ସୁପୁରୁଷ ଜନ୍ମ ହୋଇଥାନ୍ତି, ଯେଉଁମାନଙ୍କ ନମ୍ର ଆଚରଣ ଓ ଉଚ୍ଚାରଣ ତାଙ୍କୁ ଶ୍ରଦ୍ଧାଭାଜନର ଅଧିକାରୀ କରାଇଥାଏ। ସେହିଭଳି ଜଣେ ବ୍ୟକ୍ତିତ୍ୱ ହେଲେ ଭଦ୍ରକ ଜିଲାର ବରିଷ୍ଠ ଆଇନ୍‌ଜୀବୀ ସ୍ୱର୍ଗତଃ ଗୋଲକ ପ୍ରସାଦ ରାୟଙ୍କ ଜ୍ୟେଷ୍ଠପୁତ୍ର ତଥା ସୁନାମଧନ୍ୟ ଦେଓ୍ୱାନୀ ଆଇନ୍‌ଜୀବୀ ପ୍ରଫୁଲ୍ଲ କୁମାର ରାୟ। ତାଙ୍କର ଅକାଳ ବିୟୋଗ ଜନିତ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଏହିକଥା କହିଛନ୍ତି। ୱ ରାୟଙ୍କ ସଂପର୍କୀୟ କନିଷ୍ଠ ଭ୍ରାତା ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଓ ଭଦ୍ରକର ବରିଷ୍ଠ ଆଇନ୍‌ଜୀବୀ ଦିବ୍ୟସିଂହ ନାୟକଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଏହି ସ୍ମୃତିଚାରଣ ସଭା ତାଙ୍କର ସହରର ମହତାବଛକ ସ୍ଥିତ ବୁଦ୍ଧବିହାର 'ସତ୍ୟଭାମା ନିବାସ' ରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ଭଦ୍ରକର ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଭୁବନେଶ୍ୱର ଉତ୍କଳ ହସ୍‌ପିଟାଲର ନିର୍ଦ୍ଦେଶକ ଇଂ ପ୍ରଜ୍ଞାରଂଜନ ଘଡେଇ, ଭଦ୍ରକ ଓକିଲ ସଂଘର ସଭାପତି ବସନ୍ତ ଦାସ, ସଂପାଦକ ସୂର୍ଯ୍ୟକାନ୍ତ କୁଅଁର, ବରିଷ୍ଠ ଆଇନ୍‌ଜୀବୀ ପର୍ଶୁରାମ ଦ୍ୱିବେଦୀ, ପବନ ଶର୍ମା, ନିତ୍ୟାନନ୍ଦ ଦାସ, ସନ୍ତୋଷ କୁମା ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ପାଢୀ, ନାରାୟଣ ପ୍ରସାଦ ମହାପାତ୍ର, ଉପେନ୍ଦ୍ର ପ୍ରସାଦ ପାଢୀ, ମନୋରଂଜନ ଦାସ, ପ୍ରଫେସର ଚିନ୍ତାମଣି ରାଉତ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଆଇନ୍‌ଜୀବୀ ପ୍ରମୋଦ କୁମାର ରାଉତରାୟ, ଗଦାଧର ବଳ, ଅତିଶ ବେହେରା, ୱ ରାୟଙ୍କ କନିଷ୍ଠ ଭ୍ରାତା ତଥା ଭଦ୍ରକ ଆଇନ୍ ମହାବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ ରାୟ, ଆଇନ୍‌ଜୀବୀ ଅରୁଣ କୁମାର ଚାନ୍ଦ, ରାଜକିଶୋର ଦାସ, କରୁଣାକର ଦାସ, ଚିତରଂଜନ ନାଥ, ବିଷ୍ଣୁମୋହନ ମହାପାତ୍ର, ରଘୁନାଥ ସାହୁ, ନିକୁଂଜକୃଷ୍ଣ ପୁହାଣ ପ୍ରମୁଖ ଏହି ସଭାରେ ଯୋଗଦେଇ ସ୍ୱର୍ଗତଃ ରାୟ କିଭଳି ଜଣେ ନିଷ୍ପାପର ଓ ସଚ୍ଚୋଟ ଆଇନ୍‌ଜୀବୀ ଥାଇ ବିଚାରପତିଙ୍କ ଠାରୁ ଆରମ୍ଭ କରି ଆଇନ୍‌ଜୀବୀ ଓ ମହକିଲଙ୍କ ସହିତ ନମ୍ର ବ୍ୟବହାର କରୁଥିଲେ, ତାହା ବିରଳ ବୋଲି କହିଥିଲେ।

# ନୀଳଗିରି ପୂର୍ତ୍ତବିଭାଗରେ ନୂତନ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣ

ନୀଳଗିରି , ୮/୧ (ନି.ପ୍ର): ନୀଳଗିରି ପୂର୍ତ୍ତବିଭାଗ କାର୍ଯ୍ୟାଳୟରେ ଦୀର୍ଘଦିନଧରି ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀ ଖାଲି ରହିଥିବା ବେଳେ ବାଲେଶ୍ୱର ସଦର ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗରେ ଅବସ୍ଥାପିତ ସହକାରୀ ନିର୍ବାହୀଯନ୍ତ୍ରୀ ଜ୍ୟୋତିପ୍ରକାଶ ପଣ୍ଡା ନୀଳଗିରି ପୂର୍ତ୍ତବିଭାଗ କାର୍ଯ୍ୟାଳୟରେ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ବୁଧବାର କେନ୍ଦୁଝର ସର୍କଲ ଆର ଏଣ୍ଡ ବି (ପୂର୍ତ୍ତ ଓ ଗୃହନିର୍ମାଣ) ବିଭାଗରେ କାର୍ଯ୍ୟରତ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ଜେନା ଦାୟିତ୍ୱଗ୍ରହଣ କରିବାପରେ ତାଙ୍କୁ ନୀଳଗିରି ଠିକାଦାର ସଂଘ ପକ୍ଷରୁ ସଭାପତି ପ୍ରଫୁଲ୍ଲ ପରିଡା, ସମ୍ପାଦକ ଉଦୟଜ୍ୟୋତି ମହାନ୍ତି, ଉପସଭାପତି



ଅଶୋକ ମହାପାତ୍ର, ରବୀନ୍ଦ୍ର ପରିଡା, ସୁରେଶ ଶଙ୍ଖୁଆ, ଶତୃଘନ ପୃଷ୍ଟି, ଅଜୟ ରାଉତ, ସୁକାନ୍ତ ମହାପାତ୍ର, ରାମକୃଷ୍ଣ ମହାପାତ୍ର, ପ୍ରଫୁଲ୍ଲ ଦାସ, ସଞ୍ଜୀବ ଘୋଷ ପ୍ରମୁଖ ଠିକାଦାର ମାନେ ଶ୍ରୀଯୁକ୍ତ ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ତେବେ ନୀଳଗିରି ପୂର୍ତ୍ତବିଭାଗ ଅଧୀନରେ ଥିବା ପ୍ରକଳ୍ପ କିପରି ତ୍ୱରାନିତ ଭାବରେ କାର୍ଯ୍ୟକ୍ଷମ ହେବ ତାକୁ ଗୁରୁତ୍ୱଦେବେ ବୋଲି ଶ୍ରୀଯୁକ୍ତ ଜେନା ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଭଞ୍ଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାରିପଦା , ୮/୧ (ନି.ପ୍ର): ସ୍ଥାନୀୟ ଭଞ୍ଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ବେହେରାଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ସ୍ନେହଲତା ବେହେରା ମୁଖ୍ୟ ବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ସମ୍ମାନିତ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଚିତ୍ରା ସେଠୀ



ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ ଓ ଦଶମ ଶ୍ରେଣୀର ଛାତ୍ରୀ ଜିଜ୍ଞାସା ମିଶ୍ର ଶ୍ରେଷ୍ଠ ଛାତ୍ରୀ, ତୁଳସୀ ମାରାଣ୍ଡି ସିନିୟର ବିଭାଗର ଚମ୍ପିୟାନ , ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଚିସ୍ମିତା ହାଁସଦା ଜୁନିୟର ବିଭାଗର ଚମ୍ପିୟାନ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ । ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମଲ୍ଲିକ୍ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁନୀଲ ଖିଲାର, ସଞ୍ଜୟ ବେହେରା, ଶିକ୍ଷୟିତ୍ରୀ ମମତା ମହାନ୍ତି, ଜସ୍ମିତା ବେହେରା, ସାଗରିକା ପାତ୍ର, ଅନୀତା ପାତ୍ର, ପ୍ରତିମା ବାରିକ୍ , ସୀମା ମହାନ୍ତି , ସୋନାଲି ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଖଣି ବ୍ୟବସାୟୀଙ୍କ ଘରେ ଇଡି ରେଡ୍

ଭୁବନେଶ୍ୱର, ୮/୧ (ନି.ପ୍ର): ଖଣି ବ୍ୟବସାୟୀ ଘରେ ଇଡି ରେଡ କରିଛି । ଖଣି ବ୍ୟବସାୟୀ ରତ୍ନାକର ରାଉତ ଓରଫ ଜୁଲୁଙ୍କ ଘର ଓ ଅଫିସରେ ଚଢ଼ାଉ କରିଛି । ଭୁବନେଶ୍ୱର ଢେଙ୍କାନାଳ ସମେତ ୧୪ଟି ସ୍ଥାନରେ ଚଢ଼ାଉ ହୋଇଛି । ବେଆଇନ ଆର୍ଥିକ କାରବାର ନେଇ ଚଢ଼ାଉ କରୁଛି ଇଡ଼ି. । ଚଢ଼ାଉ ବେଳେ ଟଙ୍କା କାରବାରର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ ହୋଇଛି ।

# ଓଡିଶାର ମହାମହିମ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ପାରାଦ୍ୱୀପ ବନ୍ଦର ଅଧକ୍ଷ ପି ଏଲ ହରନାଦ

ପାରାଦ୍ୱୀପ , ୮/୧ (ନି.ପ୍ର): ଓଡିଶାର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମହାମହିମ ରାଜ୍ୟପାଳ ଡଃ. ହରି ବାବୁ କମ୍ଭମପତିଙ୍କୁ ପାରାଦ୍ୱୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ବୁଧବାର ଦିନ ରାଜଭବନ ଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ପାରାଦ୍ୱୀପ ବନ୍ଦରର ସ୍ଥିତ ସମ୍ପର୍କରେ ଶ୍ରୀ ହରନାଦ ମହାମହିମ ରାଜ୍ୟପାଳଙ୍କୁ ଅବଗତ କରିବା ସହିତ ଆଗାମୀ ଦିନରେ ପାରଦ୍ୱୀପ ବନ୍ଦରକୁ ଆସିବାକୁ ଶ୍ରୀ ହରନାଦ ମହାମହିମ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରିଥିଲେ ।



# ରୂପସାରେ ଡମ୍ପର ମାଡ଼ିଯାଇ ଯୁବକ ମୃତ

ବସ୍ତା,୮।୧(ନିପ୍ର): ରୂପସା ଥାନାର ହୀରାପୁର ନିକଟରେ ଏକ ଡମ୍ପର ଧକ୍କାରେ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ରୁ ପ୍ରକାଶ ଯେ ଗତ ରାତିରେ ସାଇକେଲରେ ଜାମୁନିଆ ଗାଁର କାଙ୍ଗାଳି ବିଶ୍ୱାଳଙ୍କ ପୁଅ ଗଙ୍ଗାଧର ନିଜ ଘରକୁ ଯାଉଥିବା ବେଳେ ଓଆର୦୧ଆର ୦୨୩୫ ନମ୍ବର୍ ଡମ୍ପର ତାଙ୍କୁ ଧକ୍କା ଦେଇଥିଲା। ଏହା ଫଳରେ ସେ ଘଟଣା ସ୍ଥଳରେ ମୃତ୍ୟୁ ବରଣ୍ କରିଥିଲେ। ମାତ୍ର ଡମ୍ପରଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଏ ସମ୍ପର୍କରେ ରୂପସା ପୁଲିସ କେଶ ନମ୍ବର୍ ୨/୨୫ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida